R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୦୮
ତିଥି : ତୃତୀୟା
୦୪ ମେ' ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 208
04 May 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ୫ ରଣଭୂମିରେ ୮୨୩ ଆସନ ପାଇଁ

# ଆଜି ଭୋଟ୍ ଗଣତି

ନୂଆଦିଲ୍ଲୀ,୩।୫: ଗତ ମାସରେ ଚାରୋଟି ରାଜ୍ୟ - ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ - ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଭୋଟ ଗଣତି ପାଇଁ ମଞ୍ଚ ପ୍ରସ୍ତୁତ ହୋଇଛି। ଆସନ୍ତାକାଲି ଏହି ୫ ରାଜ୍ୟର ସମୁଦାୟ ୮୨୩ଟି ଆସନରେ ଭୋଟ ଗଣତି କରାଯିବ। ସୋମବାର ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ କରିବାରୁ ନିର୍ବାଚନ କମିଶନର ସମୟଧାର୍ଯ୍ୟ କରିଛନ୍ତି। ପ୍ରଥମେ ପୋଷ୍ଟାଲ ଗଣତି କରାଯିବ। ଏହାପରେ ଇଭିଏମର ଭୋଟ୍ ଗୁଡ଼ିକୁ ଭୋଟ୍ ଗଣତି ଆରମ୍ଭ ହେବ। ତାମିଲନାଡୁର ୨୩୪, କେରଳର ୧୪୦, ଆସମର ୧୨୬, ପଶ୍ଚିମବଙ୍ଗର ୨୯୪ ଓ କେନ୍ଦ୍ରଶାସିତ ପୁଡୁଚେରୀର ୩୦ଟି ବିଧାନସଭା ଆସନ ପାଇଁ ଭୋଟ୍ ଗଣତି ହେବ। ଭୋଟ୍ ଗଣତି ପୂର୍ବରୁ ବିଭିନ୍ନ ସଂସ୍ଥା ପକ୍ଷରୁ ଭୋଟ୍ ବାହୁଡ଼ା ଫଳାଫଳ ଘୋଷଣା ପରେ ବିଭିନ୍ନ ଦଳ ଓ ନେତାଙ୍କ ମଧ୍ୟରେ କଳ୍ପନାଜଳ୍ପନା ଜୋର



ଧରିଛି। ସେ ପ୍ରକୃତ ଭୋଟ୍ ଗଣତି ପରେ କେଉଁ ଦଳ ଶାସନ କ୍ଷମତାକୁ ଫେରିବ ଅଥବା ଶାସନ କ୍ଷମତାକୁ ହଟିବ ତାହା ସ୍ପଷ୍ଟ ହୋଇଯିବ। ନିର୍ବାଚନ କମିଶନରଙ୍କ ମାର୍ଗଦର୍ଶିକା ଅନୁସାରେ ଭୋଟ୍ ଗଣତି କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉଭୟ କେନ୍ଦ୍ରୀୟ ବାହିନୀ ଓ ରାଜ୍ୟ ସରକାରଙ୍କ ନିରାପତା ସଂସ୍ଥାର କର୍ମଚାରୀମାନେ ଭୋଟ୍ ଗ୍ରହଣ କେନ୍ଦ୍ରରେ ମୁତୟନ ରହିବେ। ( ୯ ପୃଷ୍ଠାରେ )

## ଦିଲ୍ଲୀରେ ଭୟାବହ ଅଗ୍ନିକାଣ୍ଡ, ୯ମୃତ



ନୂଆଦିଲ୍ଲୀ,୩।୫: ଦିଲ୍ଲୀର ବିବେକ ବିହାରରେ ରବିବାର ଭୋରରେ ଏକ ଚାରି ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଜଣ ପୁରୁଷ, ୪ ଜଣ ମହିଳା ଓ ଜଣେ ଦେଢ଼ ବର୍ଷର ଶିଶୁ ଅଛନ୍ତି। 'ଏସିଦରେ ବିସ୍ଫୋରଣ ଘଟି ଏହି ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ୯ ମୃତକଙ୍କ ମଧ୍ୟରୁ ୫ ଜଣଙ୍କ ମୃତଦେହ କୋଠାର ଦ୍ୱିତୀୟ ମହଲାରୁ ମିଳିଥିବା ବେଳେ ଗୋଟିଏ ମୃତଦେହ ପ୍ରଥମ ମହଲାରୁ ମିଳିଥିଲା। ବାକି ୩ଟି ମୃତଦେହକୁ ସିଡ଼ି ଘରୁ ମିଳିଥିଲା। ସେମାନେ ତୃତୀୟ ମହଲାରେ ରହୁଥିଲେ। ସେମାନେ ସିଡ଼ି ଦେଇ କୋଠାରୁ ଛାତକୁ ପଳାଇବାକୁ ପ୍ରୟାସ କରିଥିଲେ ବୋଲି ଅନୁମାନ କରାଯାଉଛି। କିନ୍ତୁ ସିଡ଼ି ଘର କବାଟରେ ତାଲା ପଡ଼ିଥିବାରୁ ତାହା ସମ୍ଭବ ହୋଇପାରିନଥିଲା। ଦ୍ୱିତୀୟ ମହଲାରୁ ଯେଉଁ ୫ ଜଣଙ୍କ ମୃତଦେହ ମିଳିଥିଲା, ସେମାନେ ହେଉଛନ୍ତି ର୍ଦ୍ଧ ଅରବିନ୍ଦ ଜୈନ (୬୦), ତାଙ୍କ ପତ୍ନୀ ଅନୀତା ଜୈନ (୫୮), ଅରବିନ୍ଦଙ୍କ ପୁଅ ନିଶାନ୍ତ ଜୈନ (୩୫), ନିଶାନ୍ତଙ୍କ ପତ୍ନୀ ( ୯ ପୃଷ୍ଠାରେ)

## ୬୦ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩।୫,(ସବ୍ୟୁ) : କସ୍ମେଟିକ୍ସ ୟୁନିଟ୍ ପ୍ରତିଷ୍ଠା ବାହାନାରେ ୬୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୁକ୍ତ ଦୁର୍ଯ୍ୟୋଧନ ଚୌଧୁରୀକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୋଲିସ୍। ନରେଶ ପାତ୍ରଙ୍କ ସହ ପରିଚୟ ହେବା ପରେ ଅଭିଯୁକ୍ତ ତାଙ୍କୁ ପ୍ରଭାବିତ କରି ବିଭିନ୍ନ ପର୍ଯ୍ୟାୟରେ ୬୦ ଲକ୍ଷ ଟଙ୍କା ନେଇଥିଲା ହେଲେ କସ୍ମେଟିକ୍ସ ୟୁନିଟ୍ ପ୍ରତିଷ୍ଠା ହୋଇପାରିଲା ନାହିଁ। ଟଙ୍କା ଫେରାଇବାକୁ କହିଥିଲେ ମଧ୍ୟ ଦୁର୍ଯ୍ୟୋଧନ ଟଙ୍କା ଫେରାଇ ନଥିଲେ। ଉପାୟ ଶୂନ୍ୟ ହୋଇ ନରେଶ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ।

ନରେଶ ଭୁବନେଶ୍ୱର ୟୁନିଟ୍-୨ରେ ଏକ କସ୍ମେଟିକ୍ସ ଦୋକାନ କରିଥିବା ଜଣେ ବ୍ୟବସାୟୀ। ତାଙ୍କ ସହ ଅଭିଯୁକ୍ତ ଦୁର୍ଯ୍ୟୋଧନ ଚୌଧୁରୀ ମାଧ୍ୟମରେ ଅଭିଯୁକ୍ତ ରାହୁଲ ସ୍ୱାଇଁଙ୍କ ସହ ପରିଚୟ ହୋଇଥିଲା। ଅଭିଯୁକ୍ତ ଦୁର୍ଯ୍ୟୋଧନ ଚୌଧୁରୀ ରାହୁଲ ସ୍ୱାଇଁଙ୍କ ପରିଚୟ କରାଇ ଅଭିଯୋଗ କରାଇବା ( ୯ ପୃଷ୍ଠାରେ)

## ବଢ଼ିଲା ଓମ୍‌ଫେଡ କ୍ଷୀର ଦର

ଭୁବନେଶ୍ୱର,୩।୫,(ସବ୍ୟୁ): ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିଃ (ଓମ୍‌ଫେଡ) କ୍ଷୀର ଦର ବୃଦ୍ଧି କରିଛି। ଆଜିଠାରୁ ରାଜ୍ୟରେ ଓମ୍‌ଫେଡ କ୍ଷୀରର ନୂଆ ଦର ଲାଗୁ ହୋଇଛି। ଓମ୍‌ଫେଡର ଟୋନ୍ଡ ଦୁଗ୍ଧ ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି। ପୂର୍ବରୁ ଏହା ୫୦ ଟଙ୍କାରେ ମିଳୁଥିବା ବେଳେ ଏବେ ତାହା ୫୪ ଟଙ୍କାକୁ ବୃଦ୍ଧି ପାଇଛି। ପ୍ରିମିୟର ଦୁଗ୍ଧ ଲିଟର ୫୪ ଟଙ୍କା ଥିବା ବେଳେ ଏଥିରେ ୪ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଆଜିଠାରୁ ପ୍ରିମିୟର ଦୁଗ୍ଧ ଲିଟର ପିଛା ୫୮ ଟଙ୍କା ହୋଇଛି। ଓମ୍‌ଫେଡ ଗୋଲ୍ଡ ପ୍ରିମିୟର ପ୍ଲସ୍ ଦୁଗ୍ଧ ଦର ମଧ୍ୟ ବୃଦ୍ଧି ପାଇଛି। ଏହି ବର୍ଗର ଦୁଗ୍ଧର ଦର ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି। ( ୯ ପୃଷ୍ଠାରେ)

## ଚଳନ୍ତା ବିମାନରୁ ଡେଇଁ ପଡିଲେ ଯାତ୍ରୀ

ଚେନ୍ନାଇ,୩।୫: ଚେନ୍ନାଇ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିବା ପରେ ବିମାନଟି ଟ୍ୟାକ୍ସି କରୁଥିବା (ଗଡୁଥିବା) ବେଳେ ଆଜି ସକାଳେ ଜଣେ ପୁରୁଷ ଯାତ୍ରୀ ଜରୁରିକାଳୀନ ପ୍ରସ୍ଥାନ ଦ୍ୱାର ଖୋଲି ବାହାରକୁ ଡେଇଁପଡିଥିଲେ। ବିମାନବନ୍ଦର ଅଧିକାରୀଙ୍କ କହିବାନୁସାରେ, ବିମାନଟି ଅବତରଣ କରିବାର କିଛି ସମୟ ପରେ ଏହି ଘଟଣା ଘଟିଥିଲା, ଯେତେବେଳେ ବିମାନଟି ମୁଖ୍ୟ ରନୱେରୁ ବାହାରି ଏକ ଟ୍ୟାକ୍ସିୱେରେ ଧୀରେ ଧୀରେ ଗତି କରୁଥିଲା। ଏଥିରେ ବିମାନରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ ମୁଖ୍ୟ ରନ୍‌ୱେରେ ଏହି ଘଟଣା ଘଟି ନାହିଁ। ଜଣେ ଅଧିକାରୀ କହିଛନ୍ତି ଯେ, ଡେଇଁବା ପୂର୍ବରୁ ଯାତ୍ରୀ ଜଣକ ବିମାନରେ ଦୁଇଥର ବାନ୍ତି କରିଥିଲେ। ଘଟଣା ପରେ ପାଇଲଟ୍ ତୁରନ୍ତ ଗ୍ରାଉଣ୍ଡ ସିକ୍ୟୁରିଟିକୁ ସତର୍କ କରାଇଥିଲେ। ସେଣ୍ଟ୍ରାଲ୍ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍) ର କର୍ମଚାରୀମାନେ ତୁରନ୍ତ ଉକ୍ତ ବ୍ୟକ୍ତିଙ୍କୁ ସୁରକ୍ଷିତ କରିଥିଲେ, ଯାହାଙ୍କୁ ଅଧିକ ତଦନ୍ତ ପାଇଁ ପୁଲିସକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ବିମାନବନ୍ଦର କାର୍ଯ୍ୟକୁ ସଂକ୍ଷିପ୍ତ ଭାବରେ ବ୍ୟାହତ କରିଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ମୁଖ୍ୟ ରନ୍‌ୱେ ଭୋର ୦୩ଟା ୨୩ରୁ ୦୪ଟା ୨୩ ମଧ୍ୟରେ ବନ୍ଦ ରହିଥିଲା, ସେହି ( ୯ ପୃଷ୍ଠାରେ)

## ପୋଖରୀରେ ବୁଡି ଦୁଇ ନାବାଳିକାଙ୍କ ମୃତ୍ୟୁ

ନୀଳଗିରି,୩।୫,(ସବ୍ୟୁ): ପୋଖରୀରେ ଗାଧୋଉଥିବା ବେଳେ ପାଣିରେ ବୁଡି ଦୁଇ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ ଘଟିଛି। ରେମୁଣା ବ୍ଲକ ସାଆନ୍ତା ନିକଟ ଭୂଇଁପଡା ଅଂଚଳରେ ଘଟିଛି ଏହି ଘଟଣା। ମୃତକ ନାବାଳିକା ହେଲେ ଭୂଇଁପଡା ଅଂଚଳର ଅନ୍ନପୂର୍ଣ୍ଣା ମଲ୍ଲିକ(୧୦) ଓ ଅନ୍ୟାସୀ ମଲ୍ଲିକ(୧୦)। ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ନୁଆଗାଁ ପଞ୍ଚାୟତ ଭୁଇଁପଡା ଗ୍ରାମର ସଞ୍ଜୀୟ ମଲ୍ଲିକ ଙ୍କ ୧୦ ବର୍ଷର ( ୯ ପୃଷ୍ଠାରେ)

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

• Only 29 Years as an Institute • 24 Years as a Deemed to be University

THE World University Rankings 2026 Asia
1st in Eastern India
169th in Asia

THE World University Rankings 2026
5th Among All Universities in India
501+ Cohort Globally

KIIT Accomplishes QS Rated Excellent & Platinum QS I-GAUGE
Only University in Eastern India with QS 5-Star & Platinum Ratings
QS World University Rankings 2026
1st in Odisha & 8th in India among pvt. universities



• Best Campus
Outstanding infrastructure & world-class facilities
• Best Placement
Excellent Opportunities & Career Outcomes
• Best Environment & Ambience
Supportive learning environment with a vibrant campus atmosphere
• Student Friendly Campus
Student-centric approach with comprehensive support services
• Parent-Friendly Institution
Transparent communication & parent engagement

ADMISSION OPEN
KIITEE 2026 PHASE - 2
APPLY NOW
through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)
Scan to Apply
Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024
admission@kiit.ac.in kiitee.ac.in 8080 735 735

Key Rankings & Achievements
A++ Grade Accredited by NAAC
nirf 2025 17th Among Indian Universities
NBA Tier 1 Re-accredited by NBA
ABET (US) Accreditation
IET Accredited Programme The Institute of Engineering and Technology
Special Consultative Status by the UN-ECOSOC
Partnership with UN VOLUNTEERS

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ଇତିହାସ

୧୭୬୯- ହାଇଦର ଅଲ୍ଲୀ ପ୍ରଥମଥର ପାଇଁ ଆଙ୍ଗଲୋ-ମଇଶୁର ଯୁଦ୍ଧରେ ଶାନ୍ତିର ସର୍ତ୍ତ ରଖିଥିଲେ ।

୧୮୧୮- ଆମେରିକା କଂଗ୍ରେସ ପକ୍ଷରୁ ଆମେରିକାର ଜାତୀୟ ପତାକାକୁ ମଞ୍ଜୁରୀ ପ୍ରଦାନ ।


୧୮୫୮- ରାଣୀ ଲକ୍ଷ୍ମୀବାଈ ଇଂରେଜଙ୍କ ସହ ଭୀଷଣ ଯୁଦ୍ଧ କରିବା ପରେ ଝାନ୍ସି ଛାଡ଼ିଥିଲେ ।

୧୯୦୪- ହିନ୍ଦୀ ସିନେମାର ପ୍ରସିଦ୍ଧ ଗାୟକ କୁନ୍ଦନ ସେହଗଲଙ୍କ ଜନ୍ମ ।

୧୯୦୫- ଭାରତରେ ଭୂକମ୍ପ କାରଣରୁ ୨୦ ହଜାର ଲୋକଙ୍କ ମୃତ୍ୟୁ ।

୧୯୬୮- ନାସାର ଆପୋଲ ୬ର ପ୍ରକ୍ଷେପଣ ।

## ସୋସିଆଲ କୋଟ୍ସ



ପ୍ରଥମେ ବିହାର ଏହାପରେ ବୃନ୍ଦାବନ ଓ ବର୍ତ୍ତମାନ ମଧ୍ୟପ୍ରଦେଶ । କେତେ ଦିନ ଯାଏଁ ଏଭଳି ଦୁର୍ଘଟଣା ଘଟୁଥିବ। ବର୍ତ୍ତମାନ ସମୟ ଆସିଛି କି ଶକ୍ତ କାର୍ଯ୍ୟାନୁଷ୍ଠାନ ନେବା ଦରକାର ।

**ସୋନୁ ସୁଦ, ଅଭିନେତା**



ଧୁରନ୍ଧରର ସଫଳତା ପରେ ଆଦିତ୍ୟ କିଛି ବି ପରିବର୍ତ୍ତନ ହୋଇ ନାହାନ୍ତି । ସେ ଏବେ ମଧ୍ୟ ଆଗଭଳି ଶାନ୍ତ ଅଛନ୍ତି । ଘରେ ପୁଅକୁ ସମୟ ଦେଉଛନ୍ତି ।

**ୟାମୀ ଗୌତମ, ଅଭିନେତ୍ରୀ**



କାଷ୍ଟିଂ କାଉଚର ଅନୁଭୂତି ଖୁବ ଖରାପ। ମୋତେ ଯେତେବେଳେ ମାତ୍ର ୧୯ ବର୍ଷ ହେଇଥିଲା ସେତେବେଳେ ମୁଁ ଏହାକୁ ଅନୁଭବ କରିଛି, ଯାହା ଖୁବ କଷ୍ଟ ଦେଇଥିଲା।

**ମଦଲାସା ଶର୍ମା, ଅଭିନେତ୍ରୀ**

## ପେଙ୍ଗୁଇନ ଚିହ୍ନୁଛି ମଣିଷ

ଏକ ପେଙ୍ଗୁଇନ ବର୍ତ୍ତମାନ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । 'ଡିନଡିମ୍' ନାମକ ଏକ ଜଙ୍ଗଲୀ ମାଗେଲାନିକ୍ ପେଙ୍ଗୁଇନ୍ ନିଜର ରକ୍ଷାକର୍ତ୍ତାଙ୍କୁ ଭେଟିବା ପାଇଁ ପ୍ରତିବର୍ଷ ଶହ ଶହ ମାଇଲ୍ ଅତିକ୍ରମ କରି ଆସିଥାଏ, ଯାହାକୁ ନେଇ ପେଙ୍ଗୁଇନଟି ଆନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି କାହାଣୀ ୨୦୧୧ ମସିହାରୁ ଆରମ୍ଭ ହୋଇଥିଲା, ଯେତେବେଳେ ବ୍ରାଜିଲର ଜଣେ ଅବସରପ୍ରାପ୍ତ ରାଜମିସ୍ତ୍ରୀ ତଥା ମତ୍ସ୍ୟଜୀବୀ ଜୋଆଓ ପେରେଇରା ଡି ସୁଜା ସମୁଦ୍ର କୂଳରେ ତେଲରେ ବୁଡ଼ି ରହିଥିବା ଏକ ଅସୁସ୍ଥ ପେଙ୍ଗୁଇନ୍‌କୁ ଉଦ୍ଧାର କରିଥିଲେ । ଜୋଆଓ ପେଙ୍ଗୁଇନ୍‌କୁ ସଫା କରିବା ସହ ମାଛ ଖୁଆଇ ତାର ସେବା କରି ସୁସ୍ଥ କରିଥିଲେ । କିଛି ଦିନ ପରେ ତାକୁ ସମୁଦ୍ରରେ ଛାଡ଼ି ଦେଇଥିଲେ, କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ କିଛି ମାସ ପରେ ସେହି ପେଙ୍ଗୁଇନ୍‌ଟି ପୁଣି ଫେରିଆସି ଜୋଆଓଙ୍କୁ ଚିହ୍ନିପାରିଥିଲା। ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଏହାକୁ ଏକ ଅତି ବିରଳ ଘଟଣା ଭାବେ ଅଭିହିତ କରିଛନ୍ତି। କାରଣ ପେଙ୍ଗୁଇନ୍‌ମାନଙ୍କର ସ୍ମୃତିଶକ୍ତି ଭଲ ଥିଲେ ହେଁ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଚିହ୍ନି ପ୍ରତିବର୍ଷ ତାଙ୍କ ପାଖକୁ ଫେରିବା ସାଧାରଣତଃ ଦେଖାଯାଏ ନାହିଁ । ବୈଜ୍ଞାନିକମାନଙ୍କ ମତରେ, ଏହି ପେଙ୍ଗୁଇନ୍‌ମାନେ ସମୁଦ୍ରର ସ୍ରୋତ ଏବଂ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ସାହାଯ୍ୟରେ ଦିଗ ନିର୍ଣ୍ଣୟ କରି ହଜାର ହଜାର ମାଇଲ୍ ଯାତ୍ରା କରନ୍ତି । କିନ୍ତୁ ଡିନଡିମ୍ ଏବଂ ଜୋଆଓଙ୍କ ମଧ୍ୟରେ ଥିବା ଏହି ଅନାବିଳ ଭଲପାଇବା ଏବେ ସାରା ବିଶ୍ୱର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି ।



## ଭୁଲିଯିବେ ପରବର୍ତ୍ତୀ ପିଢ଼ି



ବଲିଉଡର ପ୍ରଖ୍ୟାତ ଗାୟକ ଅଭିଜିତ୍ ଭଟ୍ଟାଚାର୍ଯ୍ୟ ସୁପରଷ୍ଟାର ଶାହରୁଖ ଖାନଙ୍କ ସହ ତାଙ୍କର ଦୀର୍ଘ ଦିନର ବିବାଦକୁ ନେଇ ପୁଣି ଥରେ ମୁହଁ ଖୋଲିଛନ୍ତି । ଆଗାମୀ ପିଢି ଶାହରୁଖ ଖାନଙ୍କ ଭୁଲିଯିବେ ବୋଲି ସେ ନିଜ ମନ୍ତବ୍ୟରେ କହିଛନ୍ତି । ସେ ଶାହରୁଖଙ୍କ 'ଅହଂକାର' ଏବଂ ନିଜର 'ଆତ୍ମସମ୍ମାନ'କୁ ଏହି ଦୂରତାର ମୁଖ୍ୟ କାରଣ ଭାବେ ଦର୍ଶାଇଛନ୍ତି । ଏକ ସାମ୍ପ୍ରତିକ ପଡକାଷ୍ଟରେ ଅଭିଜିତ୍ କ୍ଷୋଭର ସହ ପ୍ରକାଶ କରିଛନ୍ତି ଯେ, ଶାହରୁଖ ବୟସରେ ସାନ ହୋଇଥିଲେ ମଧ୍ୟ ନିଜର ବ୍ୟବସାୟିକ ସ୍ୱାର୍ଥ ପାଇଁ ସେ ଅନ୍ୟମାନଙ୍କୁ ବ୍ୟବହାର କରି ପରେ ଭୁଲିଯାଆନ୍ତି । ଏତେ ବଡ଼ ମଣିଷ ହୋଇ ମଧ୍ୟ ସେ ଆଜି ପର୍ଯ୍ୟନ୍ତ ଥରେ ହେଲେ 'ସରି' କହିନାହାନ୍ତି । 'ମୈ ହୁଁ ନା' ଚଳଚ୍ଚିତ୍ରର କ୍ରେଡିଟ୍‌ସରେ ଗାୟକମାନଙ୍କୁ ସମ୍ମାନ ନ ମିଳିବା କାରଣରୁ ଏହି ବିବାଦ ସୂତ୍ରପାତ ହୋଇଥିବାର ସୂଚନା ରହିଛି । ସେହିଭଳି ଅଭିଜିତ୍ ଦାବି କରିଛନ୍ତି ଯେ, ଆଗାମୀ ପିଢ଼ି ଶାହରୁଖଙ୍କୁ ଭୁଲିଯାଇପାରେ କିନ୍ତୁ କିଶୋର କୁମାର ଓ ମହମ୍ମଦ ରଫିଙ୍କ ଭଳି ଗାୟକଙ୍କୁ ସବୁବେଳେ ମନେ ରଖିବ। କାରଣ ଲୋକେ ଗୀତ ଶୁଣନ୍ତି ସିନା କିନ୍ତୁ ତାହା କାହା ଉପରେ ଚିତ୍ରଣ କରାଯାଇଥିଲା ତାହା ଭୁଲିଯାଆନ୍ତି । ଶାହରୁଖଙ୍କୁ ଜଣେ ଅତ୍ୟଧିକ ବ୍ୟବସାୟିକ ବ୍ୟକ୍ତି ଭାବେ ବର୍ଣ୍ଣନା କରି ସେ ସ୍ପଷ୍ଟ କରିଛନ୍ତି ଯେ, ନିଜର ଆତ୍ମସମ୍ମାନ ରକ୍ଷା କରିବା ପାଇଁ ହିଁ ସେ ଶାହରୁଖଙ୍କ ପାଇଁ ଗୀତ ଗାଇବା ବନ୍ଦ କରିଦେଲେ। ତେବେ ଏ ସମ୍ପର୍କରେ ଶାହରୁଖଙ୍କ କୌଣସି ମତାମତ ମିଳିନାହିଁ ।

## ପକ୍ଷୀଙ୍କର ହୋଇଥାଏ ହୃଦ୍‌ଘାତ




ଉତ୍ତର ପ୍ରଦେଶର ସୁଲତାନପୁରରେ ଏକ ବିବାହ ଉତ୍ସବର ଖୁସି ହଠାତ୍ ଦୁଃଖରେ ପରିଣତ ହୋଇଛି, ଯେଉଁଠାରେ ଡିଜେର ପ୍ରବଳ ଶବ୍ଦ ଯୋଗୁଁ ଏକ ଫାର୍ମର ୧୪୦ଟି କୁକୁଡ଼ାଙ୍କର ମୃତ୍ୟୁ ଘଟିଛି । ତେବେ କୁକୁଡାଙ୍କର ମୃତ୍ୟୁର କାରଣ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ଉତ୍ତର ପ୍ରଦେଶରେ ଏକ ଫାର୍ମ ନିକଟ ଦେଇ ଡିଜେ ବଜାଇ ଏକ ବରଯାତ୍ରୀ ପ୍ରୋସେସନ ଯାଉଥିବା ସମୟରେ ଫାର୍ମରେ ଥିବା ୧୪୦ କୁକୁଡାଙ୍କର ମୃତ୍ୟୁ ହୋଇଥିବା ଜଣା ପଡିଛି । ବିଶେଷଜ୍ଞଙ୍କ ମତରେ, ଲାଉଡ୍ ସାଉଣ୍ଡ ୱେଭ୍ସ ବା ଅତ୍ୟଧିକ ତୀବ୍ର ଶବ୍ଦ ପକ୍ଷୀମାନଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍ ବା ହୃଦଘାତର କାରଣ ହୋଇପାରେ । ସେମାନେ ଏତେ ମାତ୍ରାର ଶବ୍ଦକୁ ସହି ନପାରି ଭୟରେ ହୃତଘାତ କାରଣରୁ ମରିଥାଇ ପାରନ୍ତି ବୋଲି ଆଲୋଚନା ହେଉଛି ।

## ବୁଢ଼ିଆଣୀ ଭଜା

ନାଗାଲ୍ୟାଣ୍ଡର ଖାଦ୍ୟପେୟ ପରମ୍ପରା ବେଶ୍ ନିଆରା ଏବଂ ଏହାର ଏକ ଚର୍ଚ୍ଚିତ ଖାଦ୍ୟ ହେଉଛି 'ଥୁଲାକ୍', ଯେଉଁଥିରେ ବୁଢ଼ିଆଣୀକୁ ଭାଜି ଏକ ସ୍ୱତନ୍ତ୍ର ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ । ଏହି ଡିସ୍ ପ୍ରସ୍ତୁତ କରିବା ପାଇଁ 'ୟେଲୋ ଷ୍ଟ୍ରିପଡ୍ ସ୍ପାଇଡର୍' ବା ହଳଦିଆ ପଟା ପଟା ଚିହ୍ନ ଥିବା ବୁଢ଼ିଆଣୀକୁ ଭଲଭାବେ ସଫା କରି ଗରମ ତେଲରେ ଡିପ୍ ଫ୍ରାଇ କରାଯାଏ । ଯାହା ଫଳରେ ଏହା ସୁନେଲି ରଙ୍ଗର ଏବଂ କୁଡୁକୁଡିଆ ହୋଇଯାଏ । ସ୍ଥାନୀୟ ଲୋକଙ୍କ ମତରେ ଏହାର ସ୍ୱାଦ କୁକୁଡ଼ା ମାଂସ କିମ୍ବା ଚୁଙ୍ଗୁଡ଼ି ପରି ଲାଗିଥାଏ । ସେହିଭଳି ଏଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ଥିବାରୁ ଏହାକୁ ଏକ ସ୍ୱାସ୍ଥ୍ୟକର ଖାଦ୍ୟ ଭାବେ ବିଚାର କରାଯାଏ । ସାଧାରଣତଃ ଲୁଣ, ଲଙ୍କା ଏବଂ ସ୍ଥାନୀୟ ମସଲା ଦେଇ ଏହାକୁ ଚାଉଳ କିମ୍ବା ମାଂସ ସହିତ ସାଇଡ୍ ଡିସ୍ ଭାବେ ପରଷା ଯାଏ । ଖାସ୍ କରି ପର୍ବପର୍ବାଣି କିମ୍ବା ଅତିଥି ଆସିଲେ ଏହି ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରାଯାଏ, ଯାହା ଗାଁ ଗହଳି ଏବଂ ବଜାରମାନଙ୍କରେ ସହଜରେ ଉପଲବ୍ଧ ହୋଇଥାଏ ।




## ନିଆରା ରୋବୋଡଗ




ଜର୍ମାନୀର ବର୍ଲିନ ମ୍ୟୁଜିୟମରେ ଏବେ ଏକ ଅଜବ ଦୃଶ୍ୟ ଦେଖିବାକୁ ମିଳୁଛି, ଯେଉଁଠାରେ ବିଶ୍ୱର ନାମୀଦାମୀ ବ୍ୟକ୍ତିତ୍ୱ ଯଥା ଏଲନ୍ ମସ୍କ, ମାର୍କ ଜକରବର୍ଗ, ଜେଫ୍ ବେଜୋସ୍ ଏବଂ କିମ୍ ଜୋଙ୍ଗ ଉନ୍‌ଙ୍କ ଚେହେରା ଥିବା 'ରୋବୋଡଗ୍‌ସ' ବୁଲୁଥିବାର ନଜର ଆସୁଛନ୍ତି । 'ରେଗୁଲର ଆନିମଲ୍ସ' ନାମକ ଏହି ଅଭିନବ ଆର୍ଟ ଇନଷ୍ଟଲେସନକୁ ଆମେରିକୀୟ ଡିଜିଟାଲ ଆର୍ଟିଷ୍ଟ ବିପଲ୍ (ମାଇକ୍ ୱିଙ୍କଲମ୍ୟାନ୍) ତିଆରି କରିଛନ୍ତି । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଏହି ରୋବୋଟଗୁଡ଼ିକ କେବଳ ମ୍ୟୁଜିୟମରେ ବୁଲନ୍ତି ନାହିଁ, ବରଂ ସେମାନଙ୍କ ଦେହରେ ଲାଗିଥିବା କ୍ୟାମେରା ସାହାଯ୍ୟରେ ପରିଦର୍ଶକଙ୍କ ଫଟୋ ଉଠାଇ ଏଆଇ ମାଧ୍ୟମରେ ତାକୁ ଭିନ୍ନ ଶୈଳୀରେ ପ୍ରିଣ୍ଟ କରି ମାଗଣାରେ ଲୋକଙ୍କୁ ପ୍ରଦାନ କରନ୍ତି । ଅନେକ ଲୋକ ଏହାକୁ ଦେଖିବାକୁ ଏଠାରେ ଭିଡ ଜମାଉଛନ୍ତି ।



**ମେଷ:** ଶାରୀରିକ ଅସୁସ୍ଥ, ନୂତନ କାର୍ଯ୍ୟ ଆରମ୍ଭ, ପାରିବାରିକ ସ୍ନେହ ମିଳିବ, ବନ୍ଧୁ ଲାଭ, ବ୍ୟବସାୟରେ ମଧ୍ୟମ ଫଳ, ସୁସମାଚାର, ଚୁକ୍ତି ସମ୍ପାଦନ, ଗୃହେ ଉତ୍ସବ, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ଯାତ୍ରାରେ ସତର୍କ, ଶୁଭ କାର୍ଯ୍ୟରେ ଧନ ଖର୍ଚ୍ଚ । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା ଚେକ୍, ସଂଖ୍ୟା-୬, ଆରାଧନା- ମା' ମାଣିକେଶ୍ୱରୀ ।

**ବୃଷ:** ଆର୍ଥିକ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ ବନ୍ଧୁ ଲାଭ, ଦୂର ଯାତ୍ରା, ଉଚ୍ଚକାର୍ଯ୍ୟରେ ବିଳମ୍ବ, ଶାରୀରିକ ଅସୁସ୍ଥ, ତୀର୍ଥାଟନ, ହଠାତ୍ ଯାତ୍ରା ସ୍ଥଗିତ, ସମ୍ପତ୍ତି ବିବାଦ, ସ୍ୱଜନେ ବିବାଦ, ବାହ୍ୟଶତ୍ରୁ ପରାଜିତ, ସନ୍ତାନ ଖୁସି, ପାରିବାରିକ ସହଯୋଗ। କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ଶଙ୍କର ଭଗବାନ ।

**ମିଥୁନ:** ଅର୍ଥ ଲାଭ, ଶୁଭ ଖବର, ନୂତନ ବନ୍ଧୁ ଲାଭ, ଭୂସମ୍ପତ୍ତି ଲାଭ, ମାନସିକ ଶାନ୍ତି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ମାମଲା ସମାଧାନ, ଗୃହେ ଶତ୍ରୁକଷ୍ଟ, କର୍ମକ୍ଷେତ୍ରରେ ପ୍ରଶଂସା, ଦେବକାର୍ଯ୍ୟ ଲାଗି ସନ୍ତୁଷ୍ଟ, ଶାରୀରିକ ସୁସ୍ଥ। ଆର୍ଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ:** ମାନସିକ ଦ୍ୱନ୍ଦ୍ୱ, କାର୍ଯ୍ୟରେ ସହଯୋଗ, ଶୁଭ ଖବର, ଲୋକସମ୍ପର୍କ ବୃଦ୍ଧି, ବିବାଦ ସମାଧାନ, ଉଚ୍ଚ କାର୍ଯ୍ୟରେ ଅଶାନ୍ତି, ଦ୍ରବ୍ୟ ପ୍ରାପ୍ତି, ବ୍ୟବସାୟରେ ଶତ୍ରୁତା, ଶାରୀରିକ ସୁସ୍ଥ, ସନ୍ତାନ ସମସ୍ୟା, ଜମିଜମା ଗଣ୍ଡଗୋଳ, ବ୍ୟକ୍ତି ସହାୟତା। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୬, ଆରାଧନା- ପ୍ରଭୁ ଲିଙ୍ଗରାଜ ।

**ସିଂହ:** ଯାତ୍ରାରେ କଷ୍ଟ, ଶାରୀରିକ ଅସୁସ୍ଥ, ସନ୍ତାନ କଷ୍ଟ, ସ୍ୱାଦିଷ୍ଟ ଭୋଜନ, ନୂତନ ଯୋଜନା ସଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ି ଚାଳନାରେ ସବାଧନ, ବନ୍ଧୁ କଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କ ସାକ୍ଷାତ, ଥକାପଣ, ଅର୍ଥ ସମସ୍ୟା, ଦାମ୍ପତ୍ୟ ଖୁସି, ବିଦ୍ୟା ଲାଭ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**କନ୍ୟା:** ଲୋକସମ୍ପର୍କ ବୃଦ୍ଧି, ଶୁଭ କାର୍ଯ୍ୟରେ ଅଗ୍ରଗତି, ନୂତନ ଚୁକ୍ତି, ଅର୍ଥ ଲାଭ, ଦେବକାର୍ଯ୍ୟରେ ଆନନ୍ଦ, ଶତ୍ରୁ ପରାଜିତ, ବନ୍ଧୁ ସହଯୋଗ, ସ୍ୱାସ୍ଥ୍ୟରେ ଉନ୍ନତି, ଅଚାନକ ଦୂର ଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବୟଜ୍ୟେଷ୍ଠଙ୍କ ପ୍ରତି କଷ୍ଟ, ବିଦ୍ୟା ଲାଭ। ଉତ୍ତରାଫାଲ୍ଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୯, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା:** ବନ୍ଧୁ ସହଯୋଗ, ଧର୍ମକାର୍ଯ୍ୟରେ ଆଗ୍ରହ, ନୂତନ ଯୋଜନା ସଫଳ, ଶାରୀରିକ ସୁସ୍ଥ, ସନ୍ତାନ ଖୁସି, ଦୂର ଯାତ୍ରା, ବ୍ୟବସାୟରେ ଉନ୍ନତି, ବିବାଦ ସମାଧାନ, ଉଚ୍ଚ ଆଶା ସଫଳ, ସୁସମାଚାର, ଦ୍ରବ୍ୟ ଲାଭ, ଯାନବାହନ କ୍ରୟ, ପାରିବାରିକ ଖୁସି, ବିଦ୍ୟାରେ ସଫଳତା। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ପ୍ରତିକାର- ସୋସେବା ।

**ବିଛା:** ସନ୍ତାନ ସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଆନନ୍ଦ, ଦେବକାର୍ଯ୍ୟ ପ୍ରତି ବିମୁଖ, ଅନୁଷ୍ଠାନରୁ ଲାଭ, ଦୂର ଯାତ୍ରାରେ ସଫଳ, ବିଦ୍ୟାରେ ସଫଳତା, ଶତ୍ରୁ ସମସ୍ୟା, କିଛି କାର୍ଯ୍ୟରେ ବିବାଦ, ସମ୍ପତ୍ତି ସମସ୍ୟା ବନ୍ଧୁ ସହଯୋଗ, ନୂତନ କାର୍ଯ୍ୟ ଆରମ୍ଭ, ଅର୍ଥ ଲାଭ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୬, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ମାନସିକ ଶାନ୍ତି, କାର୍ଯ୍ୟରେ ସଫଳ, ଆଶା ପୂର୍ଣ୍ଣ, ଦାମ୍ପତ୍ୟ ଖୁସି, ପାରିବାରିକ ସମସ୍ୟା, ବନ୍ଧୁ ସହଯୋଗ, ନୂତନ କର୍ମ ଲାଭ, ଆର୍ଥିକ କଷ୍ଟ, ଶତ୍ରୁ ପରାଜିତ, ସନ୍ତାନ ଲାଭ, ବିଦ୍ୟାରେ ସଫଳତା, ଦୂର ଯାତ୍ରାରେ ଲାଭ, ସମ୍ପତ୍ତି ଲାଭ, ନୂତନ ବନ୍ଧୁ ଲାଭ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା- ପ୍ରଭୁ ହନୁମାନ ।

**ମକର:** କାର୍ଯ୍ୟରେ ପ୍ରଶଂସା, ଅର୍ଥ ଲାଭ, ଶତ୍ରୁ ସମସ୍ୟା, ପାରିବାରିକ ସହଯୋଗ, ଯାତ୍ରାରେ କଷ୍ଟ, ହଠାତ୍ ଧନ ଲାଭ, ଗୁରୁଜନେ ପ୍ରଶଂସା, ବିଶିଷ୍ଟ କାର୍ଯ୍ୟରେ ଅଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ସୁମିଷ୍ଟ ଭୋଜନ ପ୍ରାପ୍ତି, ବିଦ୍ୟାରେ ସଫଳତା । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**କୁମ୍ଭ:** ଧର୍ମ କାର୍ଯ୍ୟରେ ଯୋଗଦାନ, ମାନସିକ ଶାନ୍ତି, ବନ୍ଧୁ ଲାଭ, ଦ୍ରବ୍ୟ ପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ପତ୍ତି ଲାଭ, ଦାମ୍ପତ୍ୟ ଖୁସି, ନୂତନ କାର୍ଯ୍ୟ ଆରମ୍ଭ, ସମ୍ମାନ ବୃଦ୍ଧି, ଆଶା ସଫଳ, ଶାରୀରିକ ସୁସ୍ଥ, ଅର୍ଥ ସମସ୍ୟା ସମାଧାନ, ସନ୍ତାନ ଖୁସି । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୧୧, ଆରାଧନା- ଭଗବାନ ଶଙ୍କର ।

**ମୀନ:** ଆର୍ଥିକ ଖୁସି, କିଛି ସମସ୍ୟାର ସମାଧାନ, ବନ୍ଧୁ ଲାଭ, ଉଚ୍ଚ ଆଶାରେ କଷ୍ଟ, ଭାତୃ କଳହ, ବ୍ୟବସାୟିକ ଖୁସି, ଚୁକ୍ତି ସମ୍ପାଦନ, ଅତିଥି ଲାଭ, ଶାରୀରିକ ସୁସ୍ଥ, ଶୁଭ ଖବର, ବନ୍ଧୁ ଗୃହେ ଯାତ୍ରା, ପିଲାଙ୍କ ସଫଳତା । ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା'ଗୌରୀ ।

**ବୈଶାଖ କୃଷ୍ଣପକ୍ଷ, ତୃତୀୟା**
**୪.୫.୨୦୨୬ ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

# ସାମ୍ବାଦିକଙ୍କ ଦାବି ପ୍ରତି ସରକାର ସଚେତନ : ମନମୋହନ




ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଓ ଭୁବନେଶ୍ୱର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ବୈଠକରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ମୂଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନିକଟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ ଓ ଅବସରକାଳୀନ ଭତ୍ତା ପ୍ରଦାନ ନେଇ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନ ପରିପ୍ରେକ୍ଷିରେ ଶ୍ରୀ ସାମଲ କହିଥିଲେ କି ଏହି ସବୁ ନ୍ୟାର୍ଯ୍ୟ ଦାବି ପ୍ରତି ସରକାର ସଚେତନ ଅଛନ୍ତି । ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର ମୂଖ୍ୟ ବକ୍ତା ଭାବେ ଯୋଗଦେଇ ଉପସ୍ଥାପିତ ଦାବି ସମ୍ପର୍କରେ ସୂଚନା ଦେବା ସହ ଏହାର ଆଶୁ ସମାଧାନ ପାଇଁ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ।

ବିଶିଷ୍ଟ ଅତିଥି ଭାବେ ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ରୋଟାରୀ ପ୍ରାନ୍ତପାଳ ଅଜୟ କୁମାର ଅଗ୍ରୱାଲ , ଭାଜପା ମୁଖ ପାତ୍ର ବିରଞ୍ଚି ନାରାୟଣ ତ୍ରିପାଠୀ, ଦୈନିକ ' ସର୍କାର ' ର ସମ୍ପାଦକ ପ୍ରକାଶ ରଥ,ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗ ଦେଇ ସମସାମୟିକ ସାମ୍ବାଦିକତା ର ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଉତ୍କଳ ସାମ୍ବାଦିକ ସଂଘ କୋଷାଧକ୍ଷ ରାଜେନ୍ ଚୌଧୁରୀ ପରିଚାଳନା କରିଥିଲେ।

ପ୍ରଥମ ଅଧିବେଶନରେ ବିଧାୟକ ଅନନ୍ତ ନାରାୟଣ ଜେନା ଓ ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ସମାଜ ବିକାଶ କ୍ଷେତ୍ରରେ ସାମ୍ବାଦିକ ମାନଙ୍କ ଯୋଗଦାନ ନେଇ ନିଜ ନିଜର ମତ ରଖିଥିଲେ।ଉଭୟ ବୈଠକରେ ଭୁବନେଶ୍ୱର ସାମ୍ବାଦିକ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସଂଘର ମୁଖପାତ୍ର "ଭୁବନେଶ୍ୱର ବାର୍ତ୍ତାଜୀବୀ" କୁ ଅତିଥି ମାନେ ଲୋକାର୍ପିତ କରିଥିଲେ। ସଂଘ ସାଧାରଣ ସମ୍ପାଦକ ଜିତେନ୍ଦ୍ର ମହାନ୍ତି, ସମ୍ପାଦକ ସଞ୍ଜୟ ଜେନା, ଉପସଭାପତି ଗଗନ ସ୍ୱାଇଁ , କାର୍ଯ୍ୟନିର୍ବାହୀ ସଦସ୍ୟ ଟୁଲୁ କୁମାର ପାତ୍ର, ପ୍ରକାଶ ସାହୁ, ଯତୀନ ଷେଣ୍ଡି, ରଞ୍ଜିତ୍ ପଟ୍ଟନାୟକ, ମନୋଜ ପ୍ରଧାନ, ପ୍ରଦୀପ ବୈଶାଖ, ବିମଳ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ, ସାରଦା ଲାହାଙ୍ଗିର, ବିରୂପାକ୍ଷ ତ୍ରିପାଠୀ, ଶିବ ମହାନ୍ତି ଓ ଦୂର୍ଗାଶିଷ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଆୟୋଜିତ ଫଟୋ ପ୍ରଦର୍ଶନୀ ରେ ଅଂଶଗ୍ରହଣ କରିଥିବା ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଫଟୋ ଗ୍ରାଫରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଉଭୟ ଅଧିବେଶନକୁ ବରିଷ୍ଠ ସାମ୍ବାଦିକ ମାଧବାନନ୍ଦ ବେଉରା ସଞ୍ଚାଳନ କରିଥିଲେ।

## ପୁଣି ଜୀବନ ନେଲା ଆମବସ୍

# ରାସ୍ତା ଅବରୋଧ : ୮ ବସ୍ ଅଟକ, ତୀବ୍ର ଉତ୍ତେଜନା

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ରାଜପଥରେ ବାଇକ୍ ଆରୋହୀଙ୍କୁ ଆମବସ୍ ପଛପଟୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି । ବାଇକ ଆରୋହୀଙ୍କ ମୃତ୍ୟୁ ହେବାପରେ ଉତ୍ତେଜିତ ଲୋକେ ରାସ୍ତା ଅବରୋଧ କରି ୮ଟି ଆମବସ୍‌କୁ ଅଟକ ରଖିଥିଲେ। ଡିସିପି ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

ବାଣୀବିହାର-ସତ୍‌ସଂଘବିହାର ମଝି ଜାତୀୟ ରାଜପଥ ଉପରେ ବାଇକ୍ ଆରୋହୀଙ୍କୁ ଆମବସ୍ ଧକ୍କା ଦେଇଥିଲା । ଏତେ ଜୋରରେ ପଛପଟୁ ଧକ୍କା ଦେଲା ଯେ, ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହେଲା । ସ୍ଥାନୀୟ ଲୋକମାନେ ଏହା ଦେଖି ଆମବସ୍‌କୁ ଅଟକାଇବା ସହ ରାସ୍ତା ଉପରେ ଧାରଣା ଦେଇଥିଲେ। ହେଲେ ଚତୁରତାର ସହ ଆମବସ୍ ଚାଳକ ଘଟଣାସ୍ଥଳକୁ ଖସି ଯାଇଥିଲା । ସେଠାରେ କିଛି ସମୟ ଉତ୍ତେଜିତ ଲୋକେ ରାସ୍ତା ଅବରୋଧ କରି ଧାରଣା ଦେବାରୁ କିଛି ସମୟ ପାଇଁ ଗାଡି ଚଳାଚଳ ବ୍ୟାହାତ ହୋଇଥିଲା ।

ଖବର ପାଇଁ ଘଟଣାସ୍ଥଳରେ ଡିସିପି ଜଗମୋହନ ମୀନା ପହଞ୍ଚିବା ସହ ଫୋର୍ସ ପହଞ୍ଚିଥିଲେ। ଆନ୍ଦୋଳନକାରୀ କ୍ଷତିପୂରଣ ଦାବି କରିଥିବାରୁ ଡିସିପି ତାଙ୍କୁ ବୁଝାସୁଝା କରିଥିଲେ। ଏହି ସମୟ ମଧ୍ୟରେ ଘଟଣାସ୍ଥଳରେ ୮ଟି ଆମବସ୍ ଅଟକି ରହିଥିଲା । ଡିସିପିଙ୍କ କଥାରେ ଲୋକମାନେ ରାସ୍ତା ଅବରୋଧରୁ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲେ । ଅଟକି ରହିଥିଲା ୮ଟି ଆମବସ୍ ମଧ୍ୟ ସେଠାରେ ଗନ୍ତବ୍ୟସ୍ଥଳକୁ ଯାଇଥିଲା । ଆମବସ୍ ଡ୍ରାଇଭରଙ୍କ ବେପରୁଆ ଗାଡିଚାଳକ ବାରମ୍ବାର ଦୁର୍ଘଟଣାରେ ପଥଚାରୀଙ୍କ ଜୀବନ ଯାଉଛି ।

ଆମବସ୍ କର୍ତ୍ତୃପକ୍ଷ କେତେକ ସ୍ଥାନରେ ଡ୍ରାଇଭରଙ୍କ ବେପରୁଆ ଚାଳଣା ପାଇଁ ମୃତକଙ୍କୁ କ୍ଷତିପୂରଣ ଦେଉଛନ୍ତି । ଏହିପରି ଦୁର୍ଘଟଣାକୁ ରୋକିବା ପାଇଁ କମିଶନର ପୋଲିସ ଆମବସ୍ ଡ୍ରାଇଭରଙ୍କୁ ଏକତ୍ରିତ କରି ସଚେତନ କରାଇଥିଲେ ମଧ୍ୟ ଦୁର୍ଘଟଣା ଥମିବାର ନାଁ ଧରୁ ନାହିଁ। ଜାତୀୟ ରାଜପଥରୁ ମୃତ ବାଇକ୍‌ଆରୋହୀଙ୍କ ଶବକୁ ପୋଲିସ୍ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି । ଦୁର୍ଘଟଣା ଘଟାଇଥିବା ଆମବସ୍‌କୁ ସହୀଦନଗର ଥାନା ପୋଲିସ ଜବତ କରିଛି। ସେଥିରେ ଥିବା ଯାତ୍ରୀମାନଙ୍କୁ ଅନ୍ୟ ଏକ ଆମବସ୍‌ରେ ପଠାଯାଇଥିବା ସୂଚନା ମିଳିଛି ।

## ହଷ୍ଟେଲରେ ବିଟେକ୍ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

# କଲେଜ କ୍ୟାମ୍ପସରେ ତୀବ୍ର ଉତ୍ତେଜନା, ଦୁଇ ପ୍ଲାଟୁନ ଫୋର୍ସ ମୁତୟନ

ଭୁବନେଶ୍ୱର,,(ସବ୍ୟୁ) : ରାଜଧାନୀର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଜଣେ ବିଟେକ୍ ପ୍ରଥମ ବର୍ଷ ଛାତ୍ରଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଛି । ଏହି ଖବର ପାଇବା ପରେ ପରିବାର ଲୋକେ ଆସି ପହଞ୍ଚିବା ସହ ର‌୍ୟାଗିଙ୍ଗ୍ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ପୋଲିସ ଗ୍ରହଣ କରି ସେହି ଆଧାରରେ ତଦନ୍ତ ଜାରି ରଖିଛି । କେତେକ ସିନିୟର ଛାତ୍ରଙ୍କୁ ଇନଫୋସିସ୍ ଥାନା ପୋଲିସ ପଚରା ଉଚରା କରି ବୟାନ ରେକର୍ଡ କରିବା ସହ ଜଣଙ୍କୁ ଅଟକ ରଖିଛି। ଶନିବାର ରାତି ତମାମ କଲେଜ କ୍ୟାମ୍ପସରେ ଉତ୍ତେଜନା ଲାଗି ରହିବାରୁ ଦୁଇ ପ୍ଲାଟୁନ ପୋଲିସ ସହ ଡିସିପି ଜଗମୋହନ ମିନା ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନା ଛାତ୍ରଙ୍କୁ ବୁଝାସୁଝା କରିଥିଲେ।

ମୃତ ଛାତ୍ର ବିଶ୍ୱାସ ସ୍ୱାଇଁଙ୍କ ଘର ମୟୂରଭଞ୍ଜ ଜିଲ୍ଲାରେ। ସେ ଇନ୍ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବିଟେକ୍‌ରେ ନାମ ଲେଖାଇ ହଷ୍ଟେଲରେ ରହୁଥିଲେ। ଶନିବାର ରାତି ୧୦ଟା ବେଳେ ମା'ଙ୍କ ସହ ସେ କଥା ହୋଇଥିଲେ। ରାତି ୧୧ଟା ବେଳକୁ ମା ଫୋନ କରିଥିଲେ। ସେ ଆଉ ଫୋନ ନଧରିବାରୁ ସନ୍ଦେହ ହୋଇଥିଲା। ବିଶ୍ୱାସ ଗାମୁଛାରେ ଝୁଲି ହଷ୍ଟେଲ ମଧ୍ୟରେ ଆତ୍ମହତ୍ୟା କରିଥିବା ପୋଲିସ କହିଛି । କାରଣ ହଷ୍ଟେଲର ଗେଟ୍ ଭିତରୁ ବନ୍ଦ ଥିଲା । ହଷ୍ଟେଲ ସାଥୀମାନେ ଭିତରକୁ ଯିବା ପାଇଁ ଉପର କାଚ ଭାଙ୍ଗିଥିଲେ ବୋଲି ପୋଲିସ କହିଛି। ପୋଲିସ କହିବା ଅନୁଯାୟୀ ବାପା ମାଙ୍କ ଅଭିଯୋଗ ଗ୍ରହଣ କରି ସେହି ଦିଗରେ ତଦନ୍ତ କରାଯାଉଛି । ହେଲେ ଅଭିଯୋଗର ସେହିପରି କିଛି ପ୍ରମାଣ ମିଳିନାହିଁ। ପ୍ରେମଜନୀତ କାରଣରୁ କିମ୍ବା ର‌୍ୟାଗିଙ୍ଗରୁ ବିଶ୍ୱାସ ଆତ୍ମହତ୍ୟା କରିଛନ୍ତି ତଦନ୍ତ ଆଗକୁ ବଢ଼ିଲେ ସ୍ପଷ୍ଟ ହେବ । ବିଶ୍ୱାସ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଦୁଇ ପ୍ଲାଟୁନ ଫୋସ ମୁତୟନ କରାଯାଇଛି ।

ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିବା ସହ ପରିବାରର ଅଭିଯୋଗ ଆଧାରରେ କେତେକ ଛାତ୍ରଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛି। ଜଣେ ସିନିୟର ଛାତ୍ରଙ୍କୁ ଅଟକ ରଖାଯାଇଥିବା ଖବର ମିଳିଛି । ସେ ର‌୍ୟାଗିଙ୍ଗ୍ ସହି ନପାରି ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ହଷ୍ଟେଲରେ ଏପରି ଘଟଣା ଘଟିବା ୱାର୍ଡେନ ଓ ସୁପରିଟେଣ୍ଡେଣ୍ଟ କିପରି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ହଷ୍ଟେଲରେ ଯଦି କଲେଜ ପକ୍ଷରୁ କଡା ପ୍ରଶାସନ ପ୍ରଚଳିତ ହେବ ତେବେ ଏଭଳି ଅଭାବନୀୟ ଘଟଣା ଘଟିବ ନାହିଁ ବୋଲି ଅଭିଭାବକ ମତ ଦେଇଛନ୍ତି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି ।

# ଖାରବେଳ ସ୍ୱାଇଁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କଲା ବିଜେପି

ଭୁବନେଶ୍ୱର, (ସବ୍ୟୁ): ଦଳୀୟ ଶୃଙ୍ଖଳା ଭଙ୍ଗ କାରଣରୁ ବିଜେପିରୁ ନିଲମ୍ବିତ ହୋଇଥିବା ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଶ୍ରୀଖାରବେଳ ସ୍ୱାଇଁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି । ଶ୍ରୀ ସ୍ୱାଇଁ ରାଜ୍ୟ ବିଜେପିର ଜଣେ ଆଗଧାଡିର ନେତା ଓ ଏକାଧିକବାର ଲୋକସଭାକୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତେବେ ଦଳୀୟ ଶୃଙ୍ଖଳା ଭଙ୍ଗ କାରଣରୁ ପରେ ଦଳରୁ ନିଲମ୍ବିତ ହୋଇଥିଲେ। ।

# ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଗୋପାଳ ଘୋଷଙ୍କ ତୈଳଚିତ୍ର ଉନ୍ମୋଚିତ

କଟକ, (ସବ୍ୟୁ): ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ଅଭିନେତା ଓ ସଂଗଠକ ଗୋପାଳ ଘୋଷ ଚଳଚ୍ଚିତ୍ର-ଜଗତର କିମ୍ବଦନ୍ତୀ ପୁରୁଷ । 'ଶ୍ରୀଜଗନ୍ନାଥ', 'ଆମରି ଗାଁ ଝିଅ', 'ଶ୍ରୀଲୋକନାଥ' ପ୍ରଭୃତି ଚଳଚ୍ଚିତ୍ରରେ ନିର୍ମାତା ଓ ଅଭିନେତା ଭାବେ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଗୋପାଳ ଘୋଷଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ମତପ୍ରକାଶ କରିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଟକ-ବାରବାଟୀ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ ଉଦଘାଟିକା, ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ




ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ ମୁଖ୍ୟବକ୍ତା ଏବଂ ଗୋପାଳ ଘୋଷ ସ୍ମୃତି କମିଟି ସଭାପତି ଡକ୍ଟର ସତ୍ୟ ରାୟ ସମ୍ମାନନୀୟ ବକ୍ତା ଭାବେ ଯୋଗଦେଇ ଗୋପାଳ ଘୋଷଙ୍କ ଜୀବନ ଓ ପ୍ରତିଭାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଗୋପାଳ ଘୋଷ ସ୍ମୃତି କମିଟି ପକ୍ଷରୁ କଳାକାର ସରସ୍ୱତୀ ଦେବୀ, ଡକ୍ଟର କାଳୀ ପ୍ରସାଦ ମିଶ୍ର, ଅମରେନ୍ଦ୍ର ସିଂ ଓ ବିଜୟ କୁମାର ନିଶଙ୍କଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଶିବାଶିଷ କର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ, ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଓ ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ । ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଆଦିତ୍ୟ ପ୍ରତାପ ଧଳ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଗୋପାଳ ଘୋଷଙ୍କ ଦୁଇ ପୁତ୍ର ବିଶ୍ୱଜିତ୍ ଘୋଷ ଓ ଇନ୍ଦ୍ରଜିତ୍ ଘୋଷଙ୍କ ସମେତ ଶତାଧିକ ସଂସ୍କୃତିପ୍ରେମୀ ଯୋଗଦାନ କରିଥିଲେ ।

# ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ବିଶାଳ ଜନସମାବେଶ

କଟକ, (ସବ୍ୟୁ): ରବିବାର ଅପରାହ୍ନରେ ଡ. ପ୍ରଭାତ ରଂଜନ ବିଶ୍ୱାଳ, (ପୂର୍ବତନ ବିଧାୟକ )ଙ୍କ ସହିତ ବିଜୁ ଜନତା ଦଳର ୨୦୦ ରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ଓ ୨୦ ୨୦ହଜାର ରୁ ଉର୍ଦ୍ଧ୍ୱ ବିଜୁ ଜନତା ଦଳର କର୍ମୀ, ପ୍ରାଥମିକ ସଦସ୍ୟ ପଦରୁ ସମୂହ ଇସ୍ତଫା ପ୍ରଦାନ କରିଛନ୍ତି । ସ୍ୱତପ୍ରୋତଃ ଭାବେ ୩୦୦୦ ରୁ ଉର୍ଦ୍ଧ ମୋଟର ସାଇକେଲ ଶୋଭାଯାତ୍ରା ରେ ସାମିଲ ହୋଇ ଚୌଦ୍ୱାର, କପାଳେଶ୍ୱର ପଡିଆ ଠାରୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ଗାନ୍ଧିଛକ – ବିରୁପା ଛକ - ଯୋବ୍ରା ଛକ –ମାତାମଠ-ନୂଆପାଟଣା-ମଙ୍ଗଳାବାଗ-ରାଣିହାଟ-କଲେଜଛକ- ଓଏମ୍ପି ଛକ ଦେଇ ଚାଉଳିଆଗଞ୍ଜ ଖେଳପଡିଆ ଠାରେ ଅୟୋଜିତ ସଭାସ୍ଥଳୀରେ ପହଂଚିଥିଲା। ଏହି ଶୋଭାଯାତ୍ରା ଯାଉଥିବା ସମୟରେ ବିଭିନ୍ନ ଛକ ମାନଙ୍କରେ ପୂଜା କିମିଟିର କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କ ଦ୍ୱାରା ସ୍ୱାଗତ କରିବାସହ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଅୟୋଜିତ ସଭାସ୍ଥଳରେ ପୂର୍ଦ୍ଧ ବିଭାଗର ପୂର୍ବତନ ଶାସନ ସଚିବ - ଗୋପାଳ ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାପକ ବୈଷ୍ଣବ ଚରଣ ସାମଲ ଯୋଗ ଦେଇଥିଲେ । ଏହି ମଞ୍ଚରେ ଚୌଦ୍ୱାର -କଟକ ନିର୍ବାଚନ ମଣ୍ଡଳୀର ବହୁ ସମାଜ ସେବୀ, କଟକ ସହରର ବିଭିନ୍ନ ପୂଜା କମିଟିର ସଦସ୍ୟ ଏକତ୍ରିତ ହେଇଥିଲେ । ମଞ୍ଚରେ ଉପସ୍ଥିତ ଥିବା ଏସସିବି ଡିଏଭି ପବ୍ଲିକ ସ୍କୁଲ ର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ମହାନ୍ତି, ପୂର୍ବାଚଳ ଶାନ୍ତି କମିଟିର ସଭାପତି - ବିଜୟ କୁମାର ସାହୁ, ସାଧାରଣ ସମ୍ପାଦକ - ପ୍ରଫୁଲ୍ଲ କୁମାର ସାହୁ, ବରିଷ୍ଠ ନେତୃତ୍ୱ - ଶିବେନ୍ଦ୍ର ହାତୀ, ମହେନ୍ଦ୍ର ନାୟକ, ସତ୍ୟ ମହାନ୍ତି, ଏକାମ୍ର ହୁସେନଙ୍କ ସହ ହଜାର ହଜାର ସମର୍ଥକଙ୍କ ସହମତିରେ ଡ. ପ୍ରଭାତ ରଂଜନ ବିଶ୍ୱାଳ ରାଜନୀତିରେ ଯାହା ନିଷ୍ପତି ନେବେ, ସେହି ନିଷ୍ପତିକୁ ସମସ୍ତେ ସମର୍ଥନ ଜଣାଇଥିଲେ ।ଶେଷରେ ସଂଖ୍ୟା ଲଘୁ ସେଲର ମହମ୍ମଦ ଫରିଦ ଧନ୍ୟବାଦ ଅର୍ପଣ କରିଥିଲେ। ବିଧାୟକ ସୌଭିକ ବିଶ୍ୱାଳ ମଧ୍ୟ ଏଥିରେ ସାମିଲ ହୋଇଥିଲେ।

# ଗୋଚର ଜମିରେ ସ୍ୱରେଜ ପ୍ଲାଣ୍ଟ ପ୍ରସ୍ତାବକୁ ବିରୋଧ

ଫୁଲନଖରା ,(ସବ୍ୟୁ): :ବାଲିଅନ୍ତା ତହସିଲ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଗୋହଲ ମୌଜାରେ ପ୍ରସ୍ତାବିତ ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଓ୍ୱାଟକୋଙ୍କୁ ଏହି ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର କରାଯାଇଥିବା ଖବର ପ୍ରକାଶ ପାଇବା ସହିତ ସହିତ ସ୍ଥାନୀୟ ଗ୍ରାମବାସୀମାନେ ଏହାକୁ ଦୃଢ଼ ଭାବେ ବିରୋଧ କରି ଆନ୍ଦୋଳନର ସୂଚନା ଦେଇଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ପ୍ଲଟ ନମ୍ବର ୪୯୧/୧୯୪୭, ଖାତା ନଂ ୩୮ ୭ ଅଧୀନରେ ପ୍ରାୟ ୧.୯ ୯ ଏକର ଜମିରେ ଭୁବନେଶ୍ୱର ମହାନଗର ନିଗମ ପାଇଁ ସଓ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରିବାକୁ ଯୋଜନା ହୋଇଛି । ଏହି ପ୍ରକଳ୍ପ ନଗର ଅଞ୍ଚଳର ପରିସ୍କାରତା ଓ ନିଷ୍କାଶନ ବ୍ୟବସ୍ଥାକୁ ସୁଧାରିବାର ଲକ୍ଷ୍ୟ ନେଇ ଆରମ୍ଭ ହେଲେ ମଧ୍ୟ, ଗ୍ରାମୀଣ ଅଞ୍ଚଳରେ ଏହାର ପ୍ରଭାବକୁ ନେଇ ଚିନ୍ତା ଗଭୀର ପ୍ରଶ୍ନ ଉଠିଛି । ଗ୍ରାମବାସୀମାନଙ୍କ କହିବା ଅନୁଯାୟୀ, ମୁନିସିପାଲିଟି ଅଞ୍ଚଳର ପରିତ୍ୟକ୍ତ ବର୍ଜ୍ୟବସ୍ତୁ କାହିଁକି ତାଙ୍କ ପଞ୍ଚାୟତ ଅଞ୍ଚଳକୁ ଆଣି ପକାଯିବ, ତାହା ସେମାନଙ୍କ ପାଇଁ ଅସ୍ୱୀକାର୍ଯ୍ୟ । ସେମାନେ ଅଭିଯୋଗ କରିଛନ୍ତି ଯେ, ଉକ୍ତ ଜମି ପୂର୍ବରୁ "ଗୋଚର' (ଚରାଇ ଜମି) ଥିଲା, କିନ୍ତୁ କୌଣସି ସ୍ପଷ୍ଟ ସୂଚନା ବା ଗ୍ରାମସଭା ଆୟୋଜନ ଛଡ଼ା ଚଞ୍ଚକତାରେ ଏହାକୁ "ପତିତ' କିସମରେ ପରିଣତ କରାଯାଇଛି । ଏହା ପ୍ରଶାସନିକ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛି । ସ୍ଥାନୀୟ ଲୋକମାନଙ୍କ ଆଶଙ୍କା ଅନୁସାରେ, ଏହି ପ୍ଲାଣ୍ଟ ନିର୍ମାଣ ହେଲେ ଗାଈ-ଗୋରୁ ଚରିବା ପାଇଁ ଥିବା ଅବଶିଷ୍ଟ ସ୍ଥାନ ମଧ୍ୟ କମିଯିବ । ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ ହେବା ଫଳରେ ଅଞ୍ଚଳରେ ଦୁର୍ଗନ୍ଧ, ପ୍ରଦୂଷଣ ଓ ବିଭିନ୍ନ ରୋଗ ବ୍ୟାପିବାର ସମ୍ଭାବନା ରହିଛି ବୋଲି ସେମାନେ ଭୟ ପ୍ରକାଶ କରିଛନ୍ତି । ଏହି ବିରୋଧ ପ୍ରଦର୍ଶନରେ ସମାଜସେବୀ ବାସୁଦେବ ଭଟ୍ଟ ଓ ସ୍ଥାନୀୟ ସରପଞ୍ଚ ବିଶ୍ୱଜିତ ଭୋଇ ମଧ୍ୟ ଯୋଗଦେଇ ଗ୍ରାମବାସୀଙ୍କ ମତକୁ ସମର୍ଥନ କରିଥିଲେ ।

## ଓଡ଼ିଶାର ଟେକ ରଖିଲେ ଓଡ଼ିଆ ଝିଅ

# 'ମଇଳା ଚାଦର'କୁ 'ଅନରେବଲ୍ ଜୁରି ମେନ୍‌ସନ୍' ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଟେକ ରଖିଲେ ଓଡ଼ିଆ ଝିଅ। ଅଭିପ୍ସା ସାହୁଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ମଇଳା ଚାଦର' ୧୬ତମ ଦାଦାସାହେବ ଫାଲ୍‌କେ ଚଳଚ୍ଚିତ୍ର ମହୋତ୍ସବ-୨୦୨୬ରେ 'ଅନରେବଲ୍ ଜୁରି ମେନ୍‌ସନ୍' ସମ୍ମାନ ପାଇଛି। ଓଡ଼ିଆ ସିନେମା ପାଇଁ ଏକ ନିରବ ବିଜୟର ମୁହୂର୍ତ୍ତରେ 'ମଇଳା ଚାଦର', ଗତ ୩୦ ଏପ୍ରିଲରେ ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରତିଷ୍ଠିତ ୧୬ତମ ଦାଦାସାହେବ ଫାଲ୍‌କେ ଚଳଚ୍ଚିତ ମହୋତ୍ସବରେ ଏହି ପୁରସ୍କାର ପାଇଛି। ଏହି ସମ୍ମାନ ଚଳଚ୍ଚିତ୍ରଟିକୁ ଚଳିତ ବର୍ଷର ସବୁଠାରୁ ଚର୍ଚ୍ଚିତ ସ୍ୱାଧୀନ ନିର୍ମାଣ ମଧ୍ୟରେ ସ୍ଥାନିତ କରିବା ସହ ଜାତୀୟସ୍ତରରେ ଆଞ୍ଚଳିକ ଚଳଚ୍ଚିତ୍ର ନିର୍ମାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି। ୧୯୮୦ ଦଶକର ଗ୍ରାମୀଣ




ଓଡ଼ିଶା ପୃଷ୍ଠଭୂମିରେ ଆଧାରିତ ଏହି ଫିଲ୍ମଟି ଏକାଧିକ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ସ୍ୱୀକୃତି ଲାଭ କରିଛି। ଅଭିପ୍ସା ସାହୁଙ୍କୁ ସଂସ୍କାର ଅନ୍ତର୍ଜାତୀୟ ଚଳଚ୍ଚିତ ମହୋତ୍ସବ-୨୦୨୬ରେ 'ଶ୍ରେଷ୍ଠ ମହିଳା ନିର୍ଦ୍ଦେଶିକା' ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି କୋଡାଇକାନାଲ ଅନ୍ତର୍ଜାତୀୟ ଚଳଚ୍ଚିତ ମହୋତ୍ସବ-୨୦୨୫ରେ ଏହି ଚଳଚ୍ଚିତ୍ରଟି 'ଶ୍ରେଷ୍ଠ ପ୍ରଥମ ଫିଚର ଫିଲ୍ମ' ଏବଂ 'ଶ୍ରେଷ୍ଠ ସିନେମାଟୋଗ୍ରାଫି' ପାଇଁ ସ୍ୱତନ୍ତ୍ର ଜୁରି ପୁରସ୍କାର ଜିତିଥିଲା। ଅନ୍ତର୍ଜାତୀୟସ୍ତରରେ, 'ମଇଳା ଚାଦର' କ୍ୟୋଟୋ ଇଣ୍ଡିପେଣ୍ଡେଣ୍ଟ ଫିଲ୍ମ ଫେଷ୍ଟିଭାଲ୍-୨୦୨୫ରେ 'ଶ୍ରେଷ୍ଠ ମହିଳା ଚଳଚ୍ଚିତ୍ର' ଜିତିଥିଲା ଏବଂ ସ୍ୱିଡିଶ୍ ଅନ୍ତର୍ଜାତୀୟ ଚଳଚ୍ଚିତ ମହୋତ୍ସବ-୨୦୨୫ରେ ପ୍ରଦର୍ଶନ ପାଇଁ ମନୋନୀତ ହୋଇଥିଲା।

୧୯୮୦ ଦଶକର ଗ୍ରାମୀଣ ଓଡ଼ିଶାର ପୃଷ୍ଠଭୂମିରେ ଆଧାରିତ ଏହି ଚଳଚ୍ଚିତ୍ରଟି ଜଣେ ଯୁବ ସ୍କୁଲ ଶିକ୍ଷୟିତ୍ରୀ ଏବଂ ଜଣେ ବୃଦ୍ଧା (ସେବିକା)ଙ୍କ କାହାଣୀ।

# ୧ କ୍ୱିଣ୍ଟାଲ ଗଞ୍ଜେଇ ସହ ଅଭିଯୁକ୍ତ ଗିରଫ, କାର ଜବତ




ଜଟଣୀ, (ସବ୍ୟୁ): ଜଟଣୀ ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା,କନ୍ଧମାଳ ଫିରିଙ୍ଗିଆ ଅଂଚଳରୁ ପିପିଲି ଅଂଚଳକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡି ବସିଲା ଜଟଣୀ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ କ୍ଷ ଧଳା ରଙ୍ଗର ହୁଣ୍ଡାଇ କ୍ରେଟା କାର ଓଡି-୩୩-ଏମ -୮୨୨୮ ସହ ଏକ କ୍ୱିଣ୍ଟାଲ ଗଞ୍ଜେଇ ଜବତ କ୍ଷ ସୂଚନା ଅନୁଯାଇ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଅଂଚଳରୁ ଅଶୋକ କୁମାର ଦିଗଲ ନାମକ ବ୍ୟକ୍ତି କାର ଯୋଗେ ଏକ କ୍ୱିଣ୍ଟାଲ ଗଞ୍ଜେଇ ଚାଲାଣ କରୁଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ତରଫରୁ ସଙ୍ଗେ ସଙ୍ଗେ ଆଠ ଜଣିଆ ଏକ ସ୍ୱତନ୍ତ୍ର ଟିମ ଚଢ଼ାଉ ପାଇଁ ବାହାରି ଥିଲେ । ସଠିକ ଖବର ପାଇ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ ଖୋର୍ଦ୍ଧା ଉଉରା ଛକରୁ ଛଡାଉ କରି ଗଙ୍ଗାପଡା ଏବଂ ପିତାପଲି ଛକରୁ କାର ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥଲେ । ଚୋରା ଚାଲାଣ ହେଉଥିବା ୧କ୍ୱିଣ୍ଟାଲ ଗଞ୍ଜେଇର ଅନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଉପ ନିରୀକ୍ଷକ ସୁଜିତ କୁମାର ମୁଦୁଲି ସୂଚନା ଦେଇଛନ୍ତି କ୍ଷ ଗିରଫ ପରେ ଅଭିଯୁକ୍ତକୁ ୨୦/୨୦୨୬-୨୭ ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି । ଏହି ଗଂଜେଇ ଚୋରା ଚାଲାଣରେ ଅନ୍ୟ କେଉଁ ମାନେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଏହି ମାମଲାର ଅଧିକ ତଦନ୍ତ ଜାରି ରହିବ ବୋଲି ଉପ ନିରୀକ୍ଷକ ଶ୍ରୀ ମୁଦୁଲି କହିଛନ୍ତି ।

## ଦ୍ୱିତୀୟ ଥର ମାଧ୍ୟମିକ ଶିକ୍ଷକଙ୍କ ଆନ୍ତଃ-ଜିଲ୍ଲା ଆପୋଷ ବଦଳି ପ୍ରସଙ୍ଗ

# ମନ୍ତ୍ରୀ, ସଚିବଙ୍କୁ ଗୁହାରି କଲା ଓଡ଼ିଶା ଏନ୍‌ପିଏସ୍ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟର ମାଧ୍ୟମିକ ସ୍କୁଲ ଶିକ୍ଷକମାନଙ୍କ ପାଇଁ ଦ୍ୱିତୀୟ ଥର ଆନ୍ତଃ-ଜିଲ୍ଲା ଆପୋଷ ବଦଳି ଅନୁମତି ଦେବାକୁ ଓଡ଼ିଶା ଏନ.ପି.ଏସ. ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଦାବି ହୋଇଛି। ଏହି ମର୍ମରେ ସଂଘ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଭାଗୀୟ ଶାସନ ସଚିବ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏକ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ଗତ ୨୦୨୫ ମସିହା ମେ' ୧୪ ତାରିଖରେ ପ୍ରକାଶିତ ନୂତନ ମାର୍ଗଦର୍ଶିକା ଅନୁସାରେ, ଜଣେ ଶିକ୍ଷକ ସାରା ଚାକିରି କାଳ ମଧ୍ୟରେ କେବଳ ଗୋଟିଏ ଥର ଆନ୍ତଃ-ଜିଲ୍ଲା ବଦଳି ସୁବିଧା ପାଇପାରିବେ। ରାଜ୍ୟର ଅନ୍ୟ ସମସ୍ତ ରାଜ୍ୟ କ୍ୟାଡର କର୍ମଚାରୀ ମାନଙ୍କ ର ସମଗ୍ର ଚାକିରୀ କାଳ ଭିତରେ ଏକାଧିକ ଥର ଆନ୍ତଃଜିଲ୍ଲା ମ୍ୟୁଚୁଆଲ ବଦଳିହେଉଥିବା ବେଳେ ଗଣଶିକ୍ଷା ବିଭାଗ ଅଧୀନ ରେ ଥିବା ମାଧ୍ୟମିକ ଟି. ଜି. ଟି (ପି. ସି.ଏମ,ସି.ବି.ଜେଡ୍, ଆର୍ଟ୍ସ ) ଶିକ୍ଷକ ମାନେ ରାଜ୍ୟ କ୍ୟାଡର କର୍ମଚାରୀ ହୋଇଥିଲେ ବି ସେମାନଙ୍କର ବଦଳି ଆନ୍ତଃଜିଲ୍ଲା ମ୍ୟୁଚୁଆଲ ବଦଳି କ୍ଷେତ୍ରରେ ସମଗ୍ର ଚାକିରୀକାଳ ଭିତରେ ଗୋଟେ ଥର କରାଯାଉଛି ।

ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଅନେକ ଶିକ୍ଷକ ଗତବର୍ଷ ଆପୋଷ ଭିତ୍ତିରେ ବଦଳି ହୋଇଥିଲେ ମଧ୍ୟ ନିଜ ଗୃହ ଜିଲ୍ଲାକୁ ଯାଇପାରି ନାହାଁନ୍ତି। ଫଳରେ ସେମାନେ ନିଜର ବୃଦ୍ଧ ଓ ଅସୁସ୍ଥ ପିତାମାତାଙ୍କ ସେବା କରିବାରୁ ବଞ୍ଚିତ ହେଉଛନ୍ତି। ଏହାଛଡା ଅନେକ ପାରିବାରିକ ସମସ୍ୟା ରହିଛି ଯାହା ଶିକ୍ଷକ ମାନଙ୍କୁ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ହେବାର ଆବଶ୍ୟକତା ପଡୁଛି। କିନ୍ତୁ ସେମାନେ ଆସି ନପାରିବାରୁ ଭାରି ସାମାଜିକ ମୂଲ୍ୟ ଦେବାକୁ ପଡୁଛି ।ଯାହା ସେମାନଙ୍କୁ ଭୀଷଣ ପାରିବାରିକ ଦୁର୍ଦ୍ଦଶା ଭିତରେ ଗତି କରିବାକୁ ବାଧ୍ୟ କରୁଛି। ଏଭଳି ସ୍ଥିତିରେ ହଜାର ହଜାର ଶିକ୍ଷକ ନିଜ ପରିବାରଠାରୁ ଦୂରରେ ରହି ମାନସିକ ଚାପରେ ଅଛନ୍ତି। ତେବେ ଆପୋଷ ବଦଳି ପ୍ରକ୍ରିୟାରେ ଜଣେ ଶିକ୍ଷକଙ୍କ ସ୍ଥାନରେ ଅନ୍ୟ ଜଣେ ଶିକ୍ଷକ ଯୋଗ ଦେଉଥିବାରୁ ବିଦ୍ୟାଳୟ କିମ୍ବା ଜିଲ୍ଲା ସ୍ତରରେ ଶିକ୍ଷକ ପଦବୀ ଖାଲି ପଡ଼ିବାର କିମ୍ବା ବୃଦ୍ଧି ପାଇବାର ସମ୍ଭାବନା ନଥାଏ। ତେଣୁ ସରକାର ଏହାକୁ ସହାନୁଭୂତିର ସହ ବିଚାର କରି ଅନ୍ତତଃ ଦ୍ୱିତୀୟ ଥର ପାଇଁ ଆପୋଷ ବଦଳି ସୁବିଧା ଯୋଗାଇ ଦେବାକୁ ସଂଘ ନିବେଦନ କରିଛି।

# ବ୍ରାଉନସୁଗର ଜବତ, ୩ କୋର୍ଟ ଚାଲାଣ

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡାରେ ଶିକ୍ଷିତ ବେକାର ଯୁବକମାନେ ଦିନକୁ ଦିନ ନିଶା ଆଡକୁ ମୁହାଁଉଥିବା ବେଳେ ଚୋରା ମଦ, ବ୍ରାଉନ ସୁଗର ଓ କଫ୍ ସିରପ୍ ଓ ଡେଣ୍ଡ୍ରେଡାଇଟ୍ ଅଠା ବିକ୍ରିରେ ସମ୍ପୃକ୍ତ ହେଉଥିବା ଦେଖିବାକୁ ମିଳିଛି । କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ ଦୈନିକ ଚୋରାମଦ ସହିତ ବ୍ରାଉନ ସୁଗାର ବ୍ୟବସାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଛି । କେନ୍ଦ୍ରାପଡା ଟାଉନ୍‌ଥାନା ଅନ୍ତର୍ଗତ ବଳଗଣ୍ଡି ବଜାରରୁ ନିଖିଳ ଗୋଛାୟତଙ୍କ ନିକଟରୁ ୩୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିବାବେଳେ ପଟ୍ଟାମୁଣ୍ଡାଇ ଟାଉନ୍‌ଥାନା ଅନ୍ତର୍ଗତ ପୋଖରୀପଡା ଓ ଦକ୍ଷିଣଦିଆ ସାହି ଅଂଚଳରୁ ରଞ୍ଜନ ବେହେରା ଓ ଆଶୀଷ କୁମାର ପାତ୍ରଙ୍କୁ ଗିରଫ କରାଯାଇ ତାଙ୍କ ପାଖରୁ ୮୦ ଗ୍ରାମ୍ ବ୍ରାଉନ୍‌ସୁଗର ସହ ଏକ ସ୍କୁଟି ଜବତ କରାଯାଇଛି । ଏହି ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ହେବ ବୋଲି ଜଣାପଡିଛି । କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍.ଆଇ.ଆର୍‌ଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ଗାତରେ ପଡି ଜଣକର ମୃତ୍ୟୁ ଘଟଣା

# ଠିକାଦାରଙ୍କ ବିରୋଧରେ ମାମଲା ରୁଜୁ

କଟକ(ସବ୍ୟୁ): ପାଇପ ଲାଇନ୍ ଯୋଗେ ଗ୍ୟାସ ଯୋଗାଣ କରୁଥିବା ଗେଲ ଇଣ୍ଡିଆ କଂପାନୀର ବେପରୁଆ କାର୍ଯ୍ୟପାଇଁ ଗାତରେ ପଡି ଶଙ୍କରପୁର ନୂଆସାହିର ବାବିନ୍ଦ୍ର ଗ୍ରହଚାର୍ଯ୍ୟଙ୍କ ମୃତ୍ୟୁ ଘଟିବା ଘଟଣାରେ ବାଦାମବାଡ଼ି ଥାନା ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । କାର୍ଯ୍ୟ କରୁଥିବା ଠିକାଦାର ତଥା ଖୋର୍ଦ୍ଧା ଜିଲାର ସୁଜିତ୍ ପାଇକରାୟଙ୍କ ବିରୋଧରେ ମାମଲା ରୁଜୁ କରିଛି । ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ଏପଟେ ୨୪ଘଣ୍ଟା ମଧ୍ୟରେ ଥାନାରେ ହାଜର ହୋଇ କୈଫତ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଗେଲ ଇଣ୍ଡିଆ କଂପାନୀ ତରଫରୁ ବାଦାମବାଡ଼ି ଶୌଚଳାୟ ନିକଟରେ ପାଇପଲାଇନ ବିଛା କିମ୍ବା ମରାମତି ପାଇଁ ଏକ ବିରାଟ ଗାତ ଖୋଳାଯାଇଥିଲା, ହେଲେ କୌଣସି ପ୍ରକାର ନୀତିନିୟମ ପାଳନ କରାଯାଇ ନଥିଲା । ଗାତ ଚର୍ତୁଃପାଶ୍ୱର୍ରେ ସୁରକ୍ଷା ପାଇଁ କୌଣସି ପ୍ରକାର ଗାର୍ଡ ୱାଲର ବ୍ୟବସ୍ଥା କରାଯିବା ତ ଦୂରର କଥା ସୂଚନା ଫଳକ ମଧ୍ୟ ଲଗାଯାଇ ନ ଥିଲା । ବର୍ଷାଯୋଗୁଁ ଗାତରେ ପାଣି ଭରପୁର ରହିଥିଲା । ଯାହାଫଳରେ ଗତ ୧ ବିଳମ୍ବିତ ରାତିରେ ବାବିନ୍ଦ୍ର ବାଦାମବାଡ଼ିରୁ ଏହି ରାସ୍ତାଦେଇ ବାଇକରେ ଘରକୁ ଫେରଥିବା ବେଳେ ଗାତ ଭିତରେ ସିଧାଯାଇ ଗଳିପଡ଼ିଥିଲେ । ଗୁରୁତର ଅବସ୍ଥାରେ ବାବିନ୍ଦ୍ର ବହୁ ସମୟଧରି ଗାତରେ ପଡି ଛଟପଟ ହେବା ପରେ ବହୁ କଷ୍ଟରେ ତାଙ୍କୁ ଗାତରୁ ଉଦ୍ଧାର କରାଯାଇ ମେଡିକାଲ ନିଆଯାଇଥିଲା, ହେଲେ ମୃତ୍ୟୁ ଘଟିସାରିଥିବା ନେଇ ଡାକ୍ତର ଘୋଷଣା କରିଥିଲେ ।

## ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ: ଚାଳକ ଗିରଫ

କଟକ,(ସବ୍ୟୁ): ସୋ'ରୁମ୍ ଯାଉଥିବା ଏକ ହାଇୱା ଧକ୍କାରେ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମର କେଶବ ଜେନାଙ୍କ ପୁଅ ଜ୍ୟୋତିରଞ୍ଜନ (୩୨)ଙ୍କ ମୃତ୍ୟୁ ଘଟିବା ଘଟଣାରେ ରବିବାର ଚାଳକକୁ ଗିରଫ କରିଛି ମଧୁପାଟଣା ଥାନା ପୁଲିସ । ଅଭିଯୁକ୍ତଜଣକ ହେଲା ଝାଡ଼ଖଣ୍ଡ ଅଞ୍ଚଳର ନବଦ୍ୱୀପ କୁମାର(୩୨) । ତାକୁ କୋର୍ଟଚାଲାଣ କରାଯାଇଛି । ଶନିବାର ସନ୍ଧ୍ୟାରେ ଜ୍ୟୋତିରଞ୍ଜନ ନିଜ କର୍ମସଂସ୍ଥାରୁ ବାଇକ୍‌ରେ ଘରକୁ ଫେରୁଥିଲେ । ଏତିକି ବେଳେ ସମ୍ରାଟ୍ ସିନେମା ହଲ୍ ସମ୍ମୁଖରେ ପଛରୁ ଆସୁଥିବା ହାଇୱା ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲ ନିଆଯାଇଥିଲା, ହେଲେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ । ଦୁର୍ଘଟଣା ପରେ ଚାଳକଜଣକ ସେଠାରୁ ଚମ୍ପଟ ମାରିଥିଲା । ପୁଲିସ ହାଇୱାକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ଆଜି ଫେରାର ଚାଳକ ନବଦ୍ୱୀପକୁ ଗିରଫ କରାଯାଇଥିଲା । ସୂଚନା ଯୋଗ୍ୟ ଯେ ଏହି ହାଇୱାଟି ଟାଟା ଜାମସେଦପୁର କାରଖାନାରୁ ବାହାରି ବେଙ୍ଗାଲୁରରେ ଥିବା ସୋ'ରୁମ୍‌କୁ ଯାଉଥିଲା ।

## ବିଜେପିର ଜନଆକ୍ରୋଶ ଶୋଭାଯାତ୍ରା

ବଳଙ୍ଗା,(ସବ୍ୟୁ): ମହିଳା ସଂରକ୍ଷଣ ବିଲ ପ୍ରସଙ୍ଗକୁ ନେଇ ବଳଙ୍ଗା ମଣ୍ଡଳ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମହିଳା ଆକ୍ରୋଶ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବଳଙ୍ଗା ଭାଜପାର ୧ ହଜାରରୁ ଉର୍ଦ୍ଧ ମହିଳା ହାତରେ କଳାପତାକା ଧରି ମୁହଁରେ କଳାରିବନ ବାନ୍ଧି ରାଜରାସ୍ତାରେ ଗର୍ଜିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ବିଜେପି କର୍ମୀମାନେ ସାମିଲ ହୋଇଥିଲେ ସମ୍ଭୁଭାରତୀ ପାଟଣା ନିକଟରୁ ଏକ ମହିଳା ଶୋଭାଯାତ୍ରା ବାହାରି ବଳଙ୍ଗାବଜାର ପରିକ୍ରମା କରି ଡେଲଙ୍ଗା ଛକଠାରେ ପହଞ୍ଚିଥିଲା । କର୍ମୀମାନେ ହାତରେ ପ୍ଲାକାର୍ଡ ଓ ମୁଣ୍ଡରେ କଳାପଟି ବାନ୍ଧି ପ୍ରତିବାଦ କରୁଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଳଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ମିନଲତା ମହାନ୍ତି ,ସ୍ୱପ୍ନପ୍ରଭା ମାଝୀ, ପ୍ରସନ୍ନ କୁମାର ଦାଶ, କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ସରୋଜ କୁମାର ସାହୁ, ବଳଙ୍ଗା ମଣ୍ଡଳ ସଭାପତି ପ୍ରଭାକର ନାୟକ, ଧନୁଆ ମଣ୍ଡଳ ସଭାପତି ସନ୍ତୋଷ ପରିଡ଼ା, ବଳଙ୍ଗା ମଣ୍ଡଳ ମହିଳା ମୋର୍ଚ୍ଚା ଜୟନ୍ତୀ ବିଶ୍ୱାଳ ମଣ୍ଡଳରୁ ମହିଳା ଓ ପୁରୁଷମାନେ ଯୋଗଦେଇଥିଲେ ।

### ଓଡ଼ିଶାରେ ସହରାଞ୍ଚଳ ପାନୀୟ ଜଳ ଯୋଗାଣରେ ବ୍ୟାପକ ଅଗ୍ରଗତି

# 'ସୁଜଳ' ଯୋଜନାରେ ୧୫୦୦ କୋଟି ଟଙ୍କାର ବ୍ୟୟବରାଦ




ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ସମସ୍ତ ସହରାଞ୍ଚଳରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ନିଜର ପ୍ରୟାସକୁ ଆହୁରି ଜୋରଦାର କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନର ୨୦୨୬-୨୭, ୨୦୨୭-୨୮ ଏବଂ ୨୦୨୮-୨୯ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟଖସଡ଼ା ଉପରେ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦିତ ହୋଇଛି। ରାଜ୍ୟର ୮୬ଟି ପୌରାଞ୍ଚଳରେ ୨୦୨୬ ସୁଦ୍ଧା ଜନସଂଖ୍ୟା ୩୧.୫୦ ଲକ୍ଷରେ ପହଞ୍ଚିବା ନେଇ ଆକଳନ କରାଯାଇଛି। ବର୍ତ୍ତମାନ ଏହି ଅଞ୍ଚଳଗୁଡ଼ିକରେ ଦୈନିକ ୪୫୨ ନିୟୁତ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି। ସମସ୍ତ ସହରାଞ୍ଚଳରେ ୨୪ଘଂ୭ ଜଳ ଯୋଗାଣ ଲକ୍ଷ୍ୟ ନେଇ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ୨୦୨୫-୨୬ ବର୍ଷରେ ୯ଟି ପୌରାଞ୍ଚଳକୁ ଏହି ସେବାରେ ସାମିଲ କରାଯାଇଥିବା ବେଳେ, ୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷରେ ପ୍ରତ୍ୟେକ ବର୍ଷ ୩୮ଟି ଲେଖାଏଁ ପୌରାଞ୍ଚଳକୁ ସାମିଲ କରାଯିବ। 'ସୁଜଳ' କାର୍ଯ୍ୟକ୍ରମ ଅଧୀନରେ ମୋଟ ୫୪୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯେଉଁଥିରୁ ୨୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ୨୦୨୬-୨୭ ବର୍ଷରେ ୧୦୨ଟି ନୂତନ ପ୍ରକଳ୍ପ ସମେତ ମୋଟ ୩୯୧ଟି ପ୍ରକଳ୍ପ ପାଇଁ ପ୍ରାୟ ୧୫୦୦ କୋଟି ଟଙ୍କା ବ୍ୟୟ କରାଯିବ। ୨୦୨୭-୨୮ ରେ ୯୨ଟି ନୂତନ ପ୍ରକଳ୍ପ ପାଇଁ ୯୭୮ କୋଟି ଟଙ୍କା ବିନିଯୋଗ କରାଯିବାର ଯୋଜନା ରହିଛି।

ଶ୍ରୀମତୀ ପାଢ଼ୀ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ସରକାରଙ୍କ ସାର୍ବଜନୀନ ୨୪ଘଂ୭ ପାନୀୟ ଜଳ ଯୋଗାଣ ସଂକଳ୍ପକୁ ପୂରଣ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ପାଣ୍ଠିର ସର୍ବାଧିକ ବ୍ୟବହାର ଏବଂ କାର୍ଯ୍ୟର ଗତି ବଢ଼ାଇବା ଜରୁରୀ। ଏଥିସହିତ, ବିଶୁଦ୍ଧ ପାନୀୟ ଜଳର ଅପବ୍ୟବହାର ରୋକିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ବଗିଚା କାମ, ଗାଡ଼ି ଧୋଇବା ଏବଂ ନିର୍ମାଣ କାର୍ଯ୍ୟ ପାଇଁ ପାନୀୟ ଜଳ ପରିବର୍ତ୍ତେ ବିକଳ୍ପ ଜଳ ଉତ୍ସ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ଶୁଭାନନ୍ଦ ମହାପାତ୍ର, ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶ୍ରୀମତୀ ଶିଖା ବିଶ୍ୱାଳ, ଚଣ୍ଡୀଗଡ଼ ର ଯନ୍ତ୍ରୀ ମୁଖ୍ୟ ବିଳାସ ବେହେରାଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ମହାନଦୀ ସୁପରଫାଷ୍ଟର ଷଷ୍ଠ ବର୍ଷପୂର୍ତ୍ତି ସମାରୋହ

# ଆଲୋଚନା ଚକ୍ର ଏବଂ ଓଡ଼ିଶା ଉତ୍କର୍ଷ ସମ୍ମାନ ପ୍ରଦାନ




ଭୁବନେଶ୍ୱର, (ସବ୍ୟୁ): ମଣିଷଠାରୁ ଟେକ୍ନୋଲୋଜି କୌଣସି ପ୍ରକାରେ ବଡ଼ ନୁହେଁ, ତେବେ ସାମ୍ପ୍ରତିକ ବିଶ୍ୱର ପରିବର୍ତ୍ତିତ ପରିସ୍ଥିତିରେ ଟେକ୍ନୋଲୋଜିର ବ୍ୟବହାର ଅବସମ୍ଭାବୀ ହୋଇପଡ଼ିଥିବାରୁ ଏହାକୁ କିଭଳି ସମାଜର ହିତ ପାଇଁ ସୁନିୟନ୍ତ୍ରିତ ଢଙ୍ଗରେ ବ୍ୟବହାର କରାଯାଇପାରିବ, ସେଥିପ୍ରତି ସବୁ କ୍ଷେତ୍ରରେ ବିଶେଷକରି ସମ୍ବାଦପତ୍ର ଓ ଗଣମାଧ୍ୟମ ଅତ୍ୟନ୍ତ ସତର୍କତା ଓ ସଜାଗ ରହିବା ଜରୁରୀ ବୋଲି ପି.ଆଇ.ବି. ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ପ୍ରକାଶ କରିଛନ୍ତି । ଆନ୍ତର୍ଜାତିକ ଶ୍ରମ ଦିବସ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ଗୀତ ଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ଦୈନିକ ହିନ୍ଦୀ ଖବରକାଗଜ 'ମହାନଦୀ ସୁପରଫାଷ୍ଟ'ର ଷଷ୍ଠବର୍ଷ ପୂର୍ତ୍ତି ଉପଲକ୍ଷେ 'ଏ.ଆଇ. ଚାଲେଞ୍ଜେସ୍: ଫର୍ ମିଡ଼ିଆ କଣ୍ଟେଣ୍ଟ୍' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ସହିତ 'ଉତ୍କର୍ଷ ଓଡ଼ିଶା ସମ୍ମାନ ପ୍ରଦାନ' ସମାରୋହ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ତଥା ମହାନଦୀ ସୁପରଫାଷ୍ଟର ସମ୍ପାଦକ ଅବିନାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପି.ଆଇ.ବି. ଏଡିଜି ଶ୍ରୀ ମିଶ୍ରଙ୍କ ସମେତ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ପ୍ରସାଦ ହରିଚନ୍ଦନ, ବିଜେପିର ବରିଷ୍ଠ ନେତା ଡ. ମୁରଲୀ ମନୋହର ଶର୍ମା, ଅନୁଗୋଳ-ସୁକିନ୍ଦା ରେଲୱେ ପ୍ରୋଜେକ୍ଟ ଲିମିଟେଡର ଏମ୍.ଡି. ଦିଲ୍ଲୀପ କୁମାର ସାମନ୍ତରାୟ, ସୁଶ୍ରୃତ ହସ୍ପିଟାଲ୍ ଓ ଟ୍ରମା କେୟାର ସି.ଇ.ଓ. ଚିଦାତ୍ମିକା ଖଟୁଆ, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର କୁମାର ସାହୁ ଡ଼. ଭି ରାଜେନ୍ଦ୍ର ରାଜୁ ଅତିଥି ଭାବେ ଯୋଗଦେଇଥିଲେ ।

ମୁଖ୍ୟ ଅତିଥି ଶ୍ରୀ ହରିଚନ୍ଦନ କୃତ୍ରିମ ବୁଦ୍ଧିମତା ବା ଏ.ଆଇ ର ପ୍ରୟୋଗ କ୍ଷେତ୍ରରେ ପ୍ରତ୍ୟେକ ମଣିଷ ବିଶେଷକରି ଗଣମାଧ୍ୟମ ନିହାତି ସତର୍କତା ଅବଲମ୍ବନ କରିବା ବାଞ୍ଛନୀୟ । କାରଣ ସୁନିୟନ୍ତ୍ରିତ ଢଙ୍ଗରେ ଯଦି ଏ.ଆଇ.ର ବ୍ୟବହାର କରା ନଯାଏ, ତା'ର ପ୍ରତିକୂଳ ପ୍ରଭାବ ସମାଜ ଉପରେ ପଡ଼ିବ, ସେଥିପାଇଁ ଅଧିକ ଧ୍ୟାନ ଦିଆଯିବା ଜରୁରୀ । ମୁଖ୍ୟବକ୍ତା ଭାବେ ଏଡିଜି ଶ୍ରୀ ମିଶ୍ର କୃତ୍ରିମ ବୁଦ୍ଧିମତା (ଏ.ଆଇ.) ର ବ୍ୟବହାର ବର୍ତ୍ତମାନ ସମାଜର ଆବଶ୍ୟକତା ହୋଇପଡ଼ିଥିବା ଦୃଷ୍ଟିରୁ ଏହାକୁ ଗଣମାଧ୍ୟମ ସମାଜର ହିତ ପାଇଁ ବ୍ୟବହାର ସୁନିୟନ୍ତ୍ରିତ ଢଙ୍ଗରେ କରିବାକୁ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରତିଭାଧାରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ ମାନେ ହେଲେ ନାରାୟଣ ମୁଦୁଲି (ହିନ୍ଦୀ ଲେଖକ ଏବଂ ସାହିତ୍ୟ),ଉତ୍କଳ ଭୂଷଣ ରାଉତରାୟ (ରେଳ ୟୁନିଅନର ନେତା),ପ୍ରଭାତ କୁମାର ରାଉତ (ଶିକ୍ଷାବିତ୍ ),ୟେଲିନା ପଣ୍ଡା (ରାଜଭାଷା ଅଧିକାରୀ / ପୂର୍ବ ତଟ ରେଳପଥ), ଶେଖ ରିଆଜ ମହମ୍ମଦ (ସମ୍ପାଦକ ଆକବରନାମା ଉର୍ଦ୍ଦୁ ଖବରକାଗଜ),ହର ପ୍ରସାଦ ଦାସ (ସାମ୍ବାଦିକ ତଥା ପରିଚାଳନା ସମ୍ପାଦକ, ମହାନଦୀ ସୁପରଫାଷ୍ଟ) କମଲ ଅଗ୍ରୱାଲ (ସମାଜସେବୀ ଏବଂ ଶିଳ୍ପପତି ଅନୀତା ଅଗ୍ରୱାଲ ସମାଜସେବୀ ସଭାପତି, ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀ),ରାଜେଶ ଦାହିମା (ବରିଷ୍ଠ ସାମ୍ବାଦିକ), ବିକାଶ ଶର୍ମା (ସାମ୍ବାଦିକ),ସମ୍ୟ ରଂଜନ ରାଉତ (ସାମ୍ବାଦିକ) । ଧୃତିକାମ ଦାସ ସଭା ସଂଚାଳନ କରିଥିଲା ବେଳେ ପାର୍ଥସରଥି ଜେନା ସହଯୋଗ କରିଥିଲେ । ଶେଷରେ ନୃସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଚତୁର୍ଥ ବାର୍ଷିକ ପାଞ୍ଚ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ




ଜଟଣୀ, (ସବ୍ୟୁ): ସ୍ଥାନୀୟ ଷଣ୍ଢପୁର ଗ୍ରାମରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଶାନ୍ତିକୁଞ୍ଜ ହରିଦ୍ୱାରଙ୍କ ତତ୍ତ୍ୱାବଧାନରେ ଚତୁର୍ଥ ବାର୍ଷିକ ପାଞ୍ଚ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ, ଗ୍ରାମବାସୀଙ୍କ ଦ୍ୱାରା ଗ୍ରାମର ଶ୍ରୀ ଶ୍ରୀ ବାବା କୁଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି । ଗ୍ରାମର ୧୦ ଜଣ ଦେବକନ୍ୟା ତଥା ମହିଳା ମାନଙ୍କ ଦ୍ୱାରା ଏକ ବିରାଟ କଳସ ଶୋଭାଯାତ୍ରାର ଆୟୋଜନ ହୋଇଥିଲା । ମନୁଷ୍ୟ ମଧ୍ୟରେ ଦେବତ୍ୱ ଗୁଣର ଜାଗରଣ, ନାରୀ ଶିକ୍ଷା, କୁରୁତୀ ଉନ୍ମୂଳନ, ନିଶା ନିବାରଣ ଆଦି ସାମାଜିକ ସମସ୍ୟା ଉପରେ ଆଲୋକପାତ କାରିଥିଲେ ବରିଷ୍ଠ ଗାୟତ୍ରୀ ସାଧକ ଇଂ ପ୍ରଭାକର ପଣ୍ଡା । ମନ୍ତ୍ରପାଠ କରିଥିଲେ ପରିବ୍ରାଜକ ଜୟନ୍ତ କୁମାର ମିଶ୍ର ଓ ଯୁଗ ସଂଗୀତ ପରିବେଷଣ କରିଥିଲେ କୃଷ୍ଣ ଚନ୍ଦ୍ର ମହାରଣା । ଯଜ୍ଞରେ ୩୦୦ରୁ ଅଧିକ ଶ୍ରଦ୍ଧାଳୁ ଭାଗନେଇ ଅନ୍ନପ୍ରସାଦ ଗ୍ରହଣ କରିଥିଲେ । ଅନ୍ୟ ଗାୟତ୍ରୀ ସାଧକ ମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ଯୋଗଦାନ କରି ସମସ୍ତଙ୍କୁ ମାର୍ଗଦର୍ଶନ କରିଥିଲେ । ଯଜ୍ଞ ପରିଚାଳନା ଦାୟିତ୍ୱରେ ଥିଲେ ସଚ୍ଚିକାନ୍ତ ରାଉତ, ରବିନ୍ଦ୍ରନାଥ ଦାଶ, ଗୀତାଞ୍ଜଳୀ ଦାଶ, ପୁଷ୍ପାଞ୍ଜଳୀ ସାହୁ ଓ ଗାୟତ୍ରୀ ମହିଳା ମଣ୍ଡଳର ମୁଖ୍ୟ ସଂଚାଳିକା ରୋଜାଲିନୀ ଜେନା । ପରିଶେଷରେ ଗ୍ରାମବାସୀଙ୍କ ପ୍ରତିନିଧି ରୂପେ ସୁଶାନ୍ତ କୁମାର ରାଉତ ସମସ୍ତ ଅତିଥି ମାନଙ୍କୁ ସମ୍ମାନିତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଫେସର ଆଦିକନ୍ଦ ସାହୁ ପାଇବେ

# 'ଜେମା-ସାମନ୍ତ ସୃଜନୀ ପୁରସ୍କାର'

କଟକ(ସବ୍ୟୁ) ଓଡ଼ିଶାର ପ୍ରାଚୀନତମ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ତରଫରୁ ବିଶିଷ୍ଟ ସାରସ୍ୱତ ସାଧକ ପ୍ରଫେସର ଆଦିକନ୍ଦ ସାହୁଙ୍କୁ ଚଳିତ ବର୍ଷ 'ଜେମା-ସାମନ୍ତ ସୃଜନୀ ପୁରସ୍କାର' ପ୍ରଦାନ କରାଯିବ । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତ ଓ ରତ୍ନମାଳୀ ଜେମାଙ୍କ ସ୍ମୃତି ସ୍ମୃତି ସମର୍ପିତ ଏହି ପୁରସ୍କାର ବାବଦରେ ପ୍ରଫେସର ସାହୁଙ୍କୁ ୫୦ ହଜାର ଅର୍ଥରାଶି ସହ ସାହିତ୍ୟ ସମାଜର ସ୍ମୃତି-ଚିହ୍ନ, ମାନପତ୍ର ପ୍ରଦାନ କରାଯିବ । ଏଠାରେ ସୂଚନାଯୋଗ୍ୟ, ଓଡ଼ିଶାର ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ମନୋଜ ଦାସଙ୍କ ଉଦ୍ୟମରେ ଏହି ପୁରସ୍କାର ପ୍ରଣୟନ କରାଯାଇଥିଲା । ରବିବାର ସଂଧ୍ୟାରେ ଉତ୍କଳଗୌରବ ମଧୁସୂଦନ ଗ୍ରନ୍ଥାଗାର ଓ ପାଠାଗାରଠାରେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ବିଚାରକମାନଙ୍କ ସୁପାରିଶ ଓ ଅନୁମୋଦନ ଆଧାରରେ ସର୍ବସମ୍ମତିକ୍ରମେ ଏହା ସ୍ଥିର କରାଯାଇଛି ବୋଲି ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଓ ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ନରସିଂହପୁର ଜଙ୍ଗଲରେ ପୁଣି ଏକ ବୃଦ୍ଧାହାତୀ ମୃତ : ତିନି ମାସରେ ମଲେଣି ୭

ନରସିଂହପୁର, (ସବ୍ୟୁ): ନରସିଂହପୁର ପୂର୍ବ ବନ ବିଭାଗ ଅଧୀନ ବୋକଡା ସେକ୍ସନ ଗୁପ୍ତମାଣିକ ବିଟ କଂସେଇଲୋ ଜଙ୍ଗଲରେ ଗୋଟିଏ ୫୫ରୁ ୬୦ବର୍ଷର ମାଇ ହାତୀର ମୃତ୍ୟୁ ଘଟିଛି ।ସୂଚନାରୁ ପ୍ରକାଶ ଯେ ବୟସ୍କ ମାଇ ହାତୀଟି କିଛି ଦିନ ଧରି ବାର୍ଦ୍ଧକ୍ୟ ଅବସ୍ଥାରେ ଥିଲା । ଶନିବାର ହାତୀଟିର ମୃତ୍ୟୁ ଘଟିଛି । ଏହି ହାତୀ ମୃତ୍ୟୁ ଘଟଣା ବିଭାଗ ପାଖରେ ରବିବାର ପହଞ୍ଚିବା ପରେ ଘଟଣା ସ୍ଥଳରେ ବିଭାଗୀୟ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ।ଏହାକୁ ମିଶାଇ ଗତ ୩ମାସ ମଧ୍ୟରେ ନରସିଂହପୁର ଉଭୟ ପୂର୍ବ ଓ ପଶ୍ଚିମ ବନାଞ୍ଚଳ ଅଧୀନରେ ୭ଟି ହାତୀର ମୃତ୍ୟୁ ଘଟିଛି ।ଏହି ଘଟଣାର ଖବର ପାଇ ପୂର୍ବ ବନାଞ୍ଚଳ ରେଞ୍ଜର କୁଳେସ ଚନ୍ଦ୍ର ସାହୁ,ଆଠଗଡ଼ ଡ଼ିଏଫଓଙ୍କ ସମେତ ବନ ବିଭାଗ କର୍ମଚାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ସୌଭାଗ୍ୟ ଦାଶ ଘଟଣା ସ୍ଥଳରେ ପହଁଞ୍ଚି ହାତୀର ଶବ ବ୍ୟବଚ୍ଛେଦ କରି ସେଠାରେ ପୋତି ଦେଇଥିଲେ ।ବୟକ୍ଷାଧିକ କାରଣରୁ ହାତୀର ମୃତ୍ୟୁ ଘଟିଥିବା ରେଞ୍ଜର ଶ୍ରୀ ସାହୁ ସୂଚନା ଦେଇଛନ୍ତି ।ସୂଚନା ଅନୁଯାୟୀ ଚଳିତ ବର୍ଷ ଏପ୍ରିଲ ୧୭ତାରିଖରେ ଏହି ସେକ୍ସନରେ ଅସୁସ୍ଥ ମାଇହାତୀ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ,ମାର୍ଚ୍ଚ ୩୧ତାରିଖରେ ପୂର୍ବ ବନ ବିଭାଗ ଅଧୀନ ସେରମୁଣ୍ଡା ଖାରୁଆଣୀ ବିଟ ନିକଟରେ ଦୁଇ ମାସର ଦନ୍ତା ହାତୀ ଛୁଆର ମୃତ୍ୟୁ ଘଟିଥିବା ବେଳେ ମାର୍ଚ୍ଚ ୨୦ତାରିଖରେ ପୂର୍ବ ବନାଞ୍ଚଳ ଅଧୀନସ୍ଥ ଖାରୁଆଣୀ ବିଟ ଖେସେରା ଜଙ୍ଗଲରେ ୫ରୁ ୬ ବର୍ଷର ଦନ୍ତା ହାତୀର ମୃତ୍ୟୁ ଘଟିଥିଲା । ମାର୍ଚ୍ଚ ୧୭ତାରିଖରେ ନରସିଂହପୁର ପଶ୍ଚିମ ବନାଞ୍ଚଳ ଅଧୀନସ୍ଥ ବାରସିଙ୍ଗା ସେକ୍ସନ ବାଲିକିଆରୀ ବିଟର ଶିଶୁପଥର ଗ୍ରାମ ନିକଟରେ ୭ରୁ ୮ବର୍ଷର ଦନ୍ତା ହାତୀର ମୃତ୍ୟୁ ଘଟିଥିଲା ।ଫେବୃଆରୀ ମାସ ୧୩ ତାରିଖରେ ପଶ୍ଚିମ ବନାଞ୍ଚଳ ଅଧୀନସ୍ଥ ବାଲିକିଆରୀ କମ୍ପାନମେଣ୍ଟ ୨ଜଙ୍ଗଲରେ ୫ରୁ ୬ବର୍ଷର ଦନ୍ତା ହାତୀର ମୃତ୍ୟୁ ଘଟିଥିଲା ।ଚଳିତ ବର୍ଷର ଜାନୁଆରୀ ମାସ ୧୪ତାରିଖରେ ପଶ୍ଚିମ ବନାଞ୍ଚଳ ଅଧୀନସ୍ଥ ବୀରସିଂହପୁର ଗ୍ରାମ ନିକଟରେ ୫୦ବର୍ଷର ମାଇ ହାତୀର ମୃତ୍ୟୁ ମୃତ୍ୟୁ ଘଟିଥିଲା ।

## ସାରସ୍ୱତ ସାଧକ ଡକ୍ଟର ବଳରାମ ଦାସଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ସାରସ୍ୱତ ସାଧକ ଡକ୍ଟର ବଳରାମ ଦାସ ଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ପୁରୀ କ୍ଲବ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ମାନସ ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ସାହିତ୍ୟିକ ଗୁରୁକଲ୍ୟାଣ ମହାପାତ୍ର, ପ୍ର. ଉଦୟନାଥ ସାହୁ, ପ୍ର. ଦୁର୍ଗାମାଧବ ନନ୍ଦ, ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ମାନସ ରଞ୍ଜନ ମହାପାତ୍ର, ଉମାକାନ୍ତ ମହାପାତ୍ର, ସଦାଶିବ ମିଶ୍ର, ସତ୍ୟ ନାରାୟଣ ମିଶ୍ର, ବିପିନ ବିହାରୀ ଦଳାଇ, ଲକ୍ଷ୍ମୀକାନ୍ତ ତ୍ରିପାଠୀ,ମଞ୍ଜୁଶ୍ରୀ ମିଶ୍ର, ଇଂ. ମୀନକେତନ, ସନ୍ନ୍ୟାସୀ ନାୟକ,ଡକ୍ଟର ଶଙ୍କର୍ଷଣ ପ୍ରଧାନ, ସୁଜାତା ସିନ୍ନହା, ବିଚିତ୍ରା ଦାଶ, ସୁଦୀପ୍ତା ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ସ୍ମରଣିକା 'ଅଜାତଶତ୍ରୁ' ଉନ୍ମୋଚିତ ହୋଇଥିଲା । ଦିବଂଗତ ଦାସ ଥିଲେ ଜଣେ ନୀରବ ସାଧକ । ଯାହାଙ୍କ ହୃଦୟ ଥିଲା ସଦା ଛଳ ଛଳ । ଆଧ୍ୟାତ୍ମିକ ଓ ସାରସ୍ୱତ କ୍ଷେତ୍ରରେ ସେ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିଥିଲେ । ଜଣେ କବି ଭାବରେ ଥିଲେ ଅଧିକ ସ୍ୱଷ୍ଟ । କବିତା ଠାରୁ ଆରମ୍ଭ କରି ଗଳ୍ପ, ପ୍ରବନ୍ଧ, ସମାଲୋଚନା ଓ ସାରସ୍ୱତ ସଂଗଠନ ସେ ସବୁ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଭଞ୍ଜ ସାହିତ୍ୟ ଓ ଓଡ଼ିଶାର ସଂସ୍କୃତି, ଓଡ଼ିଆ ଗୀତି କବିତାର ରୂପ ଓ ରୂପାନ୍ତର, ସାହିତ୍ୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ, ଆଶ୍ଚର୍ଯ୍ୟ ଆକାଶ, ଅଦୃଶ୍ୟ ଅଭିସାର, ଭରା ନଈର ଶ୍ରାବଣ, ଭାଙ୍ଗି ପଡୁଥିବା ଆକାଶ ଭଳି କୋଡ଼ିଏ ଖଣ୍ଡ ପୁସ୍ତକ ର ସେ ସ୍ରଷ୍ଟା ଥିଲେ ବୋଲି ବଳରାମ ପ୍ରେମୀ ମାନେ ବକ୍ତବ୍ୟ ରେ ପ୍ରକାଶ କରିଥିଲେ । ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ମୃତିଚାରଣ ସଭାକୁ 'ଅଭିନନ୍ଦନିକା' ର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଂଚାଳନ କରିଥିଲେ । ସ୍ମୃତି ସଭାରେ ପତ୍ନୀ ମାୟା ଦାସ, ପୁତ୍ର ତନ୍ମୟ ଦାସ,କନ୍ୟା ସରିତା ଦାସ ପ୍ରମୁଖ ପରିବାର ସଦସ୍ୟ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ ।

## କାର ଧକ୍କାରେ ସ୍କୁଟି ଆରୋହୀ ସହ ଅନ୍ୟ ଜଣେ ଗୁରୁତର ଆହତ

ସାଲେପୁର ,(ସବ୍ୟୁ) : ସାଲେପୁର ଥାନା ଅଧିନ କଟକ -ଚାନ୍ଦବାଲି ରାସ୍ତାର ନାନ୍ଦୋଳଗଡା ନିକଟରେ ଆଜି ଅପରାହ୍ନରେ ଏକ ହ୍ୟୁଣ୍ଡାଇ କାର ଧକ୍କା ରେ ସ୍କୁଟି ଆରୋହୀଙ୍କ ସହିତ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି ।ସୂଚନା ମୁତାବକ କାରଟି କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ଆରୋହୀକୁ ଧକ୍କା ଦେଇଥିଲା ।ଫଳରେ ସ୍କୁଟି ଆରୋହୀଙ୍କ ସହ ଅନ୍ୟ ଜଣେ ଗୁରୁତର ହୋଇଥିଲେ ।ଗୁରୁତର ଆହତ ଦ୍ୱୟ ମଧକଚ୍ଛ ପଞ୍ଚାୟତ ସ୍ଥିତ ଥୋରିଆ ସାହିର ବିଶ୍ୱଜି ବେହେରା ( ୨୨) ଓ ଶ୍ରୀକାନ୍ତ ସାହୁ ( ୧୮) ବୋଲି ଜଣାପଡ଼ିଛି ।ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସଙ୍ଗେ ସଙ୍ଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ହେଲେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।ସ୍କୁଟିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳିଛି ।ସେହିପରି କାର ଚାଳକ ଆହତ ହୋଇଥିବା ଜଣାଯାଇଛି ।ସାଲେପୁର ପୋଲିସ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି ।ଅପରପକ୍ଷେ ମଧକଚ୍ଛ ପଞ୍ଚାୟତର ସରପଞ୍ଚ ସଞ୍ଜୟ କୁମାର ବେହୁରା ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଯୁବକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

### ଇମ୍‌କା ଓଡ଼ିଶା ଚାପ୍ଟରର କନେକ୍ସନ

# ଏକାଠି ହେଲେ ଆଇଆଇଏମ୍‌ସିର ପୁରାତନ ଛାତ୍ରଛାତ୍ରୀ




ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଜନ ସଞ୍ଚାର ସଂସ୍ଥାନ(ଆଇଆଇଏମ୍‌ସି ) ଆଲମୁନି ଆସୋସିଏସନ୍ ଓଡ଼ିଶା ଚାପ୍ଟର ପୁରାତନ ଛାତ୍ରଛାତ୍ରୀଙ୍କୁ ଏକାଠି କରିବାକୁ କନେକ୍ସନ ୨୦୨୬ ଅନୁଷ୍ଠିତ ହୋଇଛି। ସଂସ୍ଥାନର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏକାଠି ଯୋଡ଼ି ଏକ ସୁସମ୍ପର୍କ ସ୍ଥାପନ ସହ ସମାଜ ତଥା ଗଣମାଧ୍ୟମ ଦିଗରେ ପ୍ରତିବଦ୍ଧତା ଓ ସହଯୋଗ ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ଆନନ୍ଦ ପ୍ରଧାନ କହିଥିଲେ, ସଂସ୍ଥାନର ଶକ୍ତି ଏଠାରେ ପଢ଼ିଥିବା ପିଲାମାନଙ୍କ ମଧ୍ୟରେ ରହିଛି। ସଂସ୍ଥାନ କିଭଳି ଆଗକୁ ବଢ଼ିଛି ତାହା ପୁରାତନ ଛାତ୍ର ସମ୍ମିଳନୀ ହିଁ ଆମକୁ ମନେ ପକାଇଦେଇଥାଏ। ଢେଙ୍କାନାଳ କ୍ୟାମ୍ପସରେ ପ୍ରମୁଖ ପିଜି ଡିପ୍ଲୋମା କୋର୍ସ ସହିତ ବର୍ତ୍ତମାନ ନୂଆ ଆରମ୍ଭ ହୋଇଥିବା ଦୁଇଟି ମାଷ୍ଟର୍ସ ବା ଏମ୍.ଏ କୋର୍ସ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଆଗାମୀ ଦିନରେ ସଂସ୍ଥାନରେ ଏକ ଇନକ୍ୟୁବେସନ୍ ସେଣ୍ଟର ପାଇଁ ମଧ୍ୟ ଯୋଜନା ରହିଥିବା ନେଇ ସେ ସୂଚନା ଦେଇଥିଲେ। ଯେଉଁଠାରେ ପୂର୍ବତନ ଛାତ୍ରଛାତ୍ରୀ ଷ୍ଟାର୍ଟଅପ୍ ତଥା କୌଣସି ନୂତନ ଚିନ୍ତାଧାରା ପାଇଁ ଯୋଡ଼ି ହୋଇପାରିବେ। ଓଡିଶା ଚାପ୍ଟରର ସଭାପତି ସନ୍ଦୀପ ସେଠୀ ପରସ୍ପରକୁ ସମର୍ଥନ ଓ ଉନ୍ନତି ଦିଗରେ ପୁରାତନ ଛାତ୍ର ସମ୍ମିଳନୀର ଗୁରୁତ୍ୱ ଦୋହରାଇଥିଲେ। ଛାତ୍ରଛାତ୍ରୀଙ୍କ ଭିତରେ ସୁସମ୍ପର୍କ ଓ ସମନ୍ୱୟ ରକ୍ଷା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଏହି ସମାବେଶରେ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ପୂର୍ବତନ ଛାତ୍ରଙ୍କ ଉପସ୍ଥିତି ଦେଖାଯାଇଥିଲା, ଯେଉଁଥିରେ ବରିଷ୍ଠ ସାମ୍ବାଦିକା କସ୍ତୁରୀ ରାୟ, ବିଭୁଦତ୍ତ ମହାପାତ୍ର, ବିରାଜ ସ୍ୱାଇଁ ଏବଂ ପୁରସ୍କାରପ୍ରାପ୍ତ ସାମ୍ବାଦିକ ସାରଦା ଲାହାଙ୍ଗିର, ଚାପ୍ଟରର ଉପ ସଭାପତି ସଙ୍ଗୀତା ଅଗ୍ରୱାଲ ଏବଂ ବ୍ୟୋମକେଶ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ମହିଳାଙ୍କ ଋତୁସ୍ରାବ ସ୍ୱଚ୍ଛତା ଏବଂ ସଚେତନତା କ୍ଷେତ୍ରରେ ଉତ୍ସର୍ଗୀକୃତ ଭାବେ କାମ କରି "ଓଡିଶାର ପ୍ୟାଡ୍ ମହିଳା" ଭାବେ ପରିଚିତ ହୋଇଥିବା ଅଙ୍କିତା ସାହୁଙ୍କୁ ଇମକା ପୁରସ୍କାର ପ୍ରଦାନ କରାଯାଇଛି। ସମାଜସେବା କ୍ଷେତ୍ରରେ ଏହି ପୁରସ୍କାର ଦିଆଯାଇଛି। ଏଥିସହ ସିଲଭର ଜୁବଲି ବ୍ୟାଚର ଦୁଇ ଛାତ୍ରଛାତ୍ରୀ ମନସ୍ୱିନୀ ମିଶ୍ର ଓ ବିଶ୍ୱଜିତ ସାହୁଙ୍କୁ ଏହି ସମ୍ମିଳନୀରେ ସମ୍ମାନିତ କରାଯାଇଥିଲା।

## ଦୁଇ ସଂସ୍ଥାରେ କାର୍ଯ୍ୟରତ ଜଣେ ବ୍ୟକ୍ତି : ସରକାରୀ ଅର୍ଥ ହରିଲୁଟ ଅଭିଯୋଗ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୨୦୧୨ ମସିହାରୁ ଆଉଟର୍ସୋସିଂ କର୍ମଚାରୀ ଭାବେ ରିଲାଏବୁଲ ସିକ୍ୟୁରିଟି ଆଣ୍ଡ ଇଣ୍ଟେଲିଜେନସ ସର୍ଭିସ କଟକଙ୍କ ଦ୍ୱାରା ନିଯୁକ୍ତ ଏଣ୍ଟ୍ରି ଅପରେଟର (ସର୍ବଶିକ୍ଷା ଅଭିଯାନ) ଅମରେନ୍ଦ୍ର ସାମଲ ଅଦ୍ୟାବଧି ନିୟମିତ ପାରିଶ୍ରମିକ ନେଉଥିଲେ ମଧ୍ୟ ୨୦୧୩ ଠାରୁ ୨୦୧୮ ପର୍ଯ୍ୟନ୍ତ ଶ୍ରୀ ସାମଲ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜବକାର୍ଡ ନଂ-ଓଆର ୦୬-୦୦୭-୦୩୦-୦୦୪/୨୯୪୫୮ ଦ୍ୱାରା ବ୍ୟାଙ୍କ ଆକାଉଂଟ ନମ୍ବର-୧୬୬୬୦୧୦୦୦୦୬୨୦୯,ୟୁକୋ ବ୍ୟାଙ୍କରୁ ହଜାର ହଜାର ଟଙ୍କା ନେଇଥିବା ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କ ଚିଠି ନଂ-୧୦୦ ତା.୧୧.୦୩.୨୦୨୬ରିଖରୁ ଜଣାପଡ଼ିଛି ।

ଜଣେ ବ୍ୟକ୍ତି ଦୁଇ ଜାଗାରେ କାର୍ଯ୍ୟ କରିବା ଓ ଚଞ୍ଚକତା କରି ଅର୍ଥ ହାତେଇବା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତା.୧୫.୦୪.୨୦୨୬ରିଖରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ, ତା.୧୮.୦୪.୨୦୨୬ରିଖରେ ରିଲାଏବୁଲ ସିକ୍ୟୁରିଟି ଆଣ୍ଡ ଇଣ୍ଟେଲିଜେନସ ସର୍ଭିସ କଟକଙ୍କୁ, ସେହି ୧୮.୦୪.୨୦୨୬ରିଖରେ ଏସପି ଭିଜିଲାନସ କଟକ ଓ ତା.୨୨.୦୪.୨୦୨୬ରିଖରେ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏବଂ ତା.୨୭.୦୪.୨୦୨୬ରିଖରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ରାଜ୍ୟ ଆମ୍ବୁସ ମ୍ୟାନ କମିଶନରଙ୍କୁ ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟକ୍ତି ଲିଖିତ ଭାବେ ଅବଗତ କରିଛନ୍ତି । ରିଲାଏବୁଲ ସିକ୍ୟୁରିଟି ଆଣ୍ଡ ଇଣ୍ଟେଲିଜେନସ ସରଭିସ କଟକ ତାଙ୍କ ଚିଠି ନଂ-୭୮, ତା.୨୪.୦୪.୨୦୨୬ରିଖରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏ ବିଷୟରେ ମତାମତ ମାଗିଥିଲେ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ, କଟକ ନିରବଦ୍ରଷ୍ଟା ସାଜିଛନ୍ତି । ଭିଜିଲାନସ ଏସପି କଟକ ଚିଠି ନଂ-୧୪୪,ତା.୨୨.୦୪.୨୦୨୬ରିଖରେ କଟକ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲାପାଳ, କଟକଙ୍କୁ ଏବିଷୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅବଗତ କରିଛନ୍ତି । ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନନେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଉଛି ।

ଅପରପକ୍ଷରେ ସମ୍ପୃକ୍ତ ଏଣ୍ଟ୍ରି ଅପରେଟର ସମସ୍ତ ଘଟଣାକୁ ଅସ୍ୱୀକାର କରିଛନ୍ତି । ତାଙ୍କ ବ୍ୟାଙ୍କ ଜମାଖାତାକୁ ତଦାରଖ କଲେ ଘଣଟାର ସତ୍ୟାସତ୍ୟ ଜଣାପ ସହ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି ।

## ବିଷାକ୍ତ ଖାଦ୍ୟଜନିତ ରୋଗ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନର ତ୍ୱରିତ ପଦକ୍ଷେପ

# ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଇଛି ଜଳ ଓ ଖାଦ୍ୟ ନମୁନା

ମଙ୍ଗଳପୁର, (ସବ୍ୟୁ) : ବିଷାକ୍ତ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଅସୁସ୍ଥ ହେବା ଘଟଣା ପରେ ଆଜି ପ୍ରଭାବିତ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ ସଚେତନତା ଅଭିଯାନ ଆରମ୍ଭ କରିଛି । ଦଶରଥପୁର ବ୍ଲକ ପାଟପୁର ଅଞ୍ଚଳ ସମେତ ବିଭିନ୍ନ ଗ୍ରାମରେ ଆଶା ସ୍ୱାସ୍ଥ୍ୟକର୍ମୀ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ ପହଞ୍ଚି ଖାଦ୍ୟ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଏଥିରେ ଦଳଗତ ସଭା ମାଧ୍ୟମରେ ଖାଦ୍ୟ ସୁରକ୍ଷା, ସ୍ୱଚ୍ଛତା ଓ ପରିଚ୍ଛନ୍ନତା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଛି ।



ବ୍ଲକ ପ୍ରଶାସନ ପକ୍ଷରୁ ଦଶରଥପୁର, ଜୟନ୍ତରା, କଟିକଟା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ରାସ୍ତା କଡ଼ରେ ଥିବା ଜଳଖିଆ ଦୋକାନ, ହୋଟେଲ, ମିଠା ଦୋକାନଗୁଡ଼ିକର ସ୍ୱଚ୍ଛତାଓ ଗୁଣବତ୍ତା ଯାଞ୍ଚ ସହ ବାସି ଖାଦ୍ୟ ଇତ୍ୟାଦି ତଦାରଖ କରାଯାଇଛି । ଡାକବାଜି ମାଧ୍ୟମରେ ସଚେତନତା ଜାଗରଣ କରାଯାଇଛି । ଲୋକଙ୍କୁ ହାତ ଧୋଇବା ଉପରେ ବିଶେଷ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି । ଗାଁ କଲ୍ୟାଣ ସମିତି ମାଧ୍ୟମରେ ସଭା ଆୟୋଜନ କରାଯାଇ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରାଯାଉଛି । ଏହାସହ ପାନୀୟ ଜଳର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୫ଟି ଜଳ ନମୁନା ନିଆଯାଇଥିବା ବେଳେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ତରଫରୁ ଅତିରିକ୍ତ ୭ ଟି ଖାଦ୍ୟ ନମୁନା ମଧ୍ୟ ପରୀକ୍ଷଣ ପାଇଁ ସଂଗ୍ରହ କରାଯାଇଛି ।

ଦଶରଥପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ମଙ୍ଗଳପୁର ଟିମ ଦାରା ବିଭିନ୍ନ ପଞ୍ଚାୟତରେ ଘର ଘର ବୁଲି ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ଏବଂ ପରାମର୍ଶ ଦିଆଯାଉଛି । ଏତଦ ବ୍ୟତୀତ ମେଡିକାଲ କଲେଜରୁ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଆସି ପରିସ୍ଥିତିର ସମୀକ୍ଷା କରିବା ସହ ଚିକିତ୍ସା ଓ ରୋଗ ନିୟନ୍ତ୍ରଣ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି । ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ଏବଂ ଲୋକମାନଙ୍କୁ ସତର୍କତା ଅବଲମ୍ବନ କରି ସୁରକ୍ଷିତ ଖାଦ୍ୟ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି ।

## ପ୍ରିତମ ପରିଜା ଜିଲ୍ଲା ଯୁବ କଂଗ୍ରେସ ସଭାପତି

ନାଉଗାଁ ,(ସବ୍ୟୁ) :ଜଗତସିଂହପୁର ଜିଲ୍ଲା ଯୁବ କଂଗ୍ରେସର ନୂତନ ସଭାପତି ଭାବେ ନାଉଗାଁ ବ୍ଲକର ଯୁବ ନେତା କୁମାର ପ୍ରିତମ ପରିଜାଙ୍କୁ ଅଖିଳ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଅନୁମୋଦନ କରାଯାଇଛି ।ଏହି ପରିପ୍ରେକ୍ଷୀରେ ସମସ୍ତ ଯୁବ କଂଗ୍ରେସ କର୍ମୀଙ୍କ ମନରେ ଉତ୍ସାହ ଖେଳିଯିବା ସହ ଶ୍ରୀ ପରିଜାଙ୍କୁ ସବୁଆଡୁ ଶୁଭେଚ୍ଛାବାର୍ତ୍ତାର ସୁଅ ଛୁଟିଛି । ଏହି ସଫଳତା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ,ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର,ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ,ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର,ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ,ରାଜ୍ୟ ପ୍ରଭାରୀ ମହେଶ ଦେଶମୁଖ, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ ଏବଂ ଅଜୟ ମହାପାତ୍ର,ପୂର୍ବତନ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଅଭିଳାଷ ମାଣିଆ ଙ୍କ ସମେତ ଜିଲ୍ଲାର ସମସ୍ତ ନେତୃମଣ୍ଡଳୀ ଙ୍କୁ ଶ୍ରୀ ପରିଜା ଶ୍ରେୟ ଦେଇଛନ୍ତି ।



## ଢୋଲ ବିଷ୍ଣୁଦାସପୁର ରାସ୍ତାର ଶିଳାନ୍ୟାସ ଉତ୍ସବ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଢୋଲ ପିଏମ୍‌ଜିଏସ୍‌ୱାଇ ରାସ୍ତାଠାରୁ ବିଲମୁଗବାରୀ ବିଷ୍ଣୁଦାସପୁର ରାସ୍ତା (ମୁଖ୍ୟମନ୍ତ୍ରୀ ସଡକ ଯୋଜନା) ର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୧୨ କୋଟି ୬୮ ଲକ୍ଷ ବ୍ୟୟ ବରାଦରେ ଅନୁଷ୍ଠିତ ଏହି ରାସ୍ତାର ଶିଳାନ୍ୟାସ ଉତ୍ସବରେ ବିଜେଡି ବ୍ଲକ ସଭାପତି ଆଲୋକ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଲ, ସ୍ଥାନୀୟ ସରପଂଚ ଚିରଂଜନ ଜେନା, ସମିତି ସଭ୍ୟା ମିନତୀ ଦାସ, ସମାଜସେବୀ ଅଭିମନ୍ୟୁ ମହାନ୍ତି, ପୂର୍ବତନ ସରପଂଚ ରାଜନ ପ୍ରସାଦ ଥାଟୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ରାସ୍ତା ହେବାଦ୍ୱାରା ଦୈନିକ ହଜାର ହଜାର ଲୋକ ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ବେହେରା ପ୍ରକାଶ କରିଥିଲେ । ଗ୍ରାମ୍ୟ ଉନ୍ନୟନ ଡିଭିଜନ୍ (୧) ର ଏହି ରାସ୍ତା କରିବା ପାଇଁ ସ୍ଥାନୀୟ ଅଂଚଳର ବାସିନ୍ଦା ଓ ବିଧାୟକଙ୍କର ଦୀର୍ଘଦିନର ଚେଷ୍ଟା ସଫଳ ହୋଇଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିପ୍ତା ଦାସ ପ୍ରକାଶ କରିଥିଲେ । ଏହି ଶିଳାନ୍ୟାସ ଉତ୍ସବରେ ପ୍ରଭାତ ଉଡାନ ସିଂ, ଗୋଲଖ ଜେନା, ନରୋତ୍ତମ ମଲିକ, ଜ୍ଞାନ ରଂଜନ ଜେନା, ପ୍ରକାଶ ଦାସ, ସମିତି ସଭ୍ୟ ଅକ୍ଷୟ କୁମାର ସାହୁଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଗାଦି ଗୋସାଇଁ ପ୍ରିମିୟର ଲିଗ୍ ୪ର୍ଥ ସିଜିନ ଆୟୋଜିତ

ଜଗତସିଂହପୁର ,(ସବ୍ୟୁ) : ସଦର ବ୍ଲକ କୂଳସାହି ଠାରେ ତରଡାପଡା ଗାଦି ଗୋସାଇଁ ପ୍ରିମିୟର ଲିଗ ୪ର୍ଥ ସିଜିନ ଆୟୋଜିତ ହୋଇଯାଇଛି । ଏହି ରାତ୍ରି କାଳୀନ ସଟ ବାଉଣ୍ଡାରୀ କ୍ରିକେଟ ମ୍ୟାଚରେ ଜିଲ୍ଲାର ୧୬ଟି ଟିମ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ଯୋଗ ଦେଇ ଉଦଘାଟନ କରିଥିଲେ । ୨ଦିନ ଧରି ଆୟୋଜିତ ହୋଇଥିବା ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବ୍ରଦର୍ସ ଏକାଦଶ,ଜଗତସିଂହପୁର ଓ ଏମକେସିସି ବାଲିକୁଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଫାଇନାଲ ମ୍ୟାଚରେ ସିଜିନ ୪ ବିଜେତା ଭାବରେ ଏମକେସିସି ଏକାଦଶ ବାଲିକୁଦା ବିଜୟୀ ହୋଇଥିଲା । ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ମଧୁସୂଦନ ସାହୁଙ୍କ ସମେତ ବିଶିଷ୍ଟ ସଙ୍ଗୀତଜ୍ଞ ବିରଞ୍ଚି ନାରାୟଣ ବେହେରା, ପୂର୍ବତନ ନାଭାଲ କର୍ମଚାରୀ ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳକୁ ଟ୍ରଫି ଓ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ ।

## ବିଦ୍ୟୁତ ବିଭାଗର ଖାମଖିଆଲ ନୀତି, ଘୂର୍ଣ୍ଣିଝଡରେ ୨୮ ଘଣ୍ଟା ବିଜୁଳି ଗାଏବ

ଧର୍ମଶାଳା ,(ସବ୍ୟୁ) :ଧର୍ମଶାଳା ବ୍ଲକ ଅଧିନ ଜାରକା ବିଦୁ୍ୟତ ବିଭାଗର ଚରମ ଅବହେଳା ଯୋଗୁଁ ୨୮ ଘଂଟା ବିଦ୍ୟୁତ ସେବା ବ୍ୟାଘାତ ରହିଲା। ଜାରକା ବିଦ୍ୟୁ ତ ବିଭାଗର ଚରମ ଅବହେଳା ଓ ବେପରୱା ନିତି ଯୋଗୁଁ ଗତ କାଲି ଅପରାହ୍ନରୁ ବିଦ୍ୟୁତ ସେବା ଟାପ ହୋଇପଡିଛି।

ଗତକାଲି ଅପରାହ୍ନରେ କାଳ ବୈଶାଖୀରେ ବର୍ଷା ଓ ପବନ ବହିବାରୁ ବିଦ୍ୟୁ ତ ସେବା ବିଚ୍ଛିନ୍ନ ହୋଇଥିଲା। ହେଲେ ଧର୍ମଶାଳା ଭଳି ଏକ ସମ୍ବେଦନଶିଳ ସ୍ଥାନକୁ ଗତକାଲି ରାତିତମାମ ବିଦ୍ୟୁ ତ ସେବା ବନ୍ଦ ରହିଲା। କର୍ମଚାରୀଙ୍କ ଅଭାବ ଜଣାଇ ଉପରିସ୍ଥ ଅଧିକାରୀମାନେ ନିଜକୁ ବଂଚାଇବାକୁ ଚେଷ୍ଟା କରିଥିଲେ ହେଁ ମାସିକ ବିଦ୍ୟୁ ତ ବିଲ ନେବାକୁ ବିଭାଗ ପକ୍ଷରୁ ଗ୍ରାହକମାନଙ୍କ ଉପରେ ଅକଥନୀୟ ନିର୍ଯ୍ୟାତନା ଦିଆଯାଉଥିବା ବେଳେ କଣ ପାଇଁ ୨୮ ଘଂଟା ବିଦ୍ୟୁତ ସେବା ବିଛିନ୍ନ ରହିଲା ତାକୁ ନେଇ ଗ୍ରାହକମାନେ ପ୍ରଶ୍ନ କରିଛନ୍ତି। ବିଦ୍ୟୁତ ସେବା ଅହରହ ଯୋଗାଇ ଦେବାକୁ ସରକାର ଘୋଷଣା କରିଥିବା ବେଳେ ବିଭାଗୀୟ ଯନ୍ତ୍ରୀମାନଙ୍କ ଅବହେଳା ଯୋଗୁଁ ବିଦ୍ୟୁତ ସେବା ବ୍ୟାଘାତ ଘଟୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

ବିଦ୍ୟୁତ ଦେୟ ଠିକ ସମୟରେ ପାଇଠ ନକଲେ ବିଦ୍ୟୁତ ସେବାକୁ ବିଚ୍ଛିନ୍ନ କରିଦିଆଯାଉଛି। ଅନ୍ୟପଟେ ସଠିକ ଭାବେ ବିଦ୍ୟୁତ ସେବା ଯୋଗା ଦେବାଲାଗି ଶୀତ ଦିନରେ ମରାମତି ଆଳରେ ବିଦ୍ୟୁତ ମରାମତି ପାଇଁ ଘଂଟ ଘଂଟା ଧରି ବିଦ୍ୟୁତ କଟାଯାଇଥାଏ।

ହେଲେ ଏତେ କାମ କରିବା ପରେ ସାମାନ୍ୟ ଝଡ ତୋଫାନରେ ଦୁଇଦିନକାଳ ବିଦ୍ୟୁତ ସେବା ବନ୍ଦ କରିରଖିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜାରକା ଡିଭିଜନରେ କାର୍ଯ୍ୟରତ ନିବର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବେପରୱା ମନୋଭାବ ଯୋଗୁଁ ଏବେଳି ଅବସ୍ଥା ବାରମ୍ବାର ଘଟୁଥିବାରୁ ଉପରିସ୍ଥ ଅଧିକାରୀମାନେ ଏମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ସାଧାରଣରେ ଦାବି ହୋଇଛି।

## ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟରେ ଉତ୍ତମ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲା ବଡଚଣା ଶିକ୍ଷା ମଣ୍ଡଳ ଅଧିନ ନୂଆସୁଙ୍ଗୁଡା ସ୍ଥିତ ଜନକଲ୍ୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ସହାୟକ ଉତ୍ତମକୁମାର ଜେନାଙ୍କୁ ଶୁକ୍ରବାର ଦିନ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

ପ୍ରଧାନ ଶିକ୍ଷକ ସୁବାସଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଷ୍ଟାର ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନକୁମାର ଦାସ,ମୁଖ୍ୟ ବକ୍ତା ଭାବେ ଏସ,ଡି,ପି,ଓ, ଶରତଚନ୍ଦ୍ର ପାତ୍ର, ସମ୍ମାନୀତ ଅତିଥି ଭାବେ ଓଷ୍ଟାର ଯୁଗ୍ମ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ,ଯାଜପୁର ଜିଲ୍ଲା ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ ସଭାପତି ପ୍ରତାପଚନ୍ଦ୍ର ପାତ୍ର,ଓଷ୍ଟା ବ୍ଲକ ସମ୍ପାଦକ ସତ୍ୟବାଦୀ ପଣ୍ଡା,ବଡ଼ଚଣା ଶିକ୍ଷକ ସଂଘ ସଭାପତି ସନ୍ତୋଷ କୁମାର ଜେନା, ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରୀତମକୁମାର ନାୟକ, ମୋ ସ୍କୁଲ ସଭାପତି ବିଶ୍ୱଜିତ ମହାନ୍ତି, ସି,ଆର,ସି ଦୀପ୍ତିମୟୀ ବାରିକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ଦାସ,ଭାଗ୍ୟଧର ସାହୁ ପ୍ରମୁଖ ଶ୍ରୀ ଜେନାଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରି ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ ।

ଶିକ୍ଷୟତ୍ରୀ ଆଭା ରାଉତ ଅତିଥି ପରିଚୟ ଓ ସୁଶ୍ରୀ ସରିତା ମଲ୍ଲିକ ବିବରଣୀ ପାଠ କରିଥିଲେ । ଇତ୍ୟବସରରେ ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ପରେ ପରେ ଏକ ବଡ ଶୋଭାଯାତ୍ରାରେ ତାଙ୍କୁ ନିଜ ଗାଁ ନିଶିମଳାକୁ ନିଆଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଶୁଶାନ୍ତ ସାଗର,ପ୍ରଫୁଲ୍ଲ ସଓ୍ୱାଇଁ,ପବିତ୍ର ସାହୁ,ନାରାୟଣ ସାହୁ, ଶିକ୍ଷକ ସ୍ମୃତିରଞ୍ଜନ ଆଚାର୍ଯ୍ୟ, ମାନସୀ ମହାନ୍ତି ,ବାସୁଦେବ ଜେନା, ଶରତକୁମାର ନାୟକ, ଯଯାତି କେଶରୀ ରାଉତ, ମନୋରଞ୍ଜନ ଶତପଥୀ, ଶ୍ରୀଧର ସେନାପତି, ଦେବରାଜ ବେହେରା,ବଳରାମ ନାୟକ, ଭାସ୍କର ସେଠୀ,ଅଟଳ କୁମାର ଜେନା, ଅନିନ୍ଦ୍ୟ ସାମଲ, ହେମଶକୁମାର ଜେନା, ଅବିନାଶ ଜେନା, ସଂଗ୍ରାମ ଜେନା ,ଶ୍ରୀକାନ୍ତ ନାୟକ ଶ୍ରୀକାନ୍ତ ଜେନା, ବସନ୍ତ ଜେନା, ବଟକୃଷ୍ଣ ଜେନାଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ବିଶ୍ୱଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା କଲେ ଡ. ଅଚ୍ୟୁତ ସାମନ୍ତ

ରଘୁନାଥପୁର,(ସବ୍ୟୁ) :ସ୍ମାର୍ଟ ଗ୍ରାମ କଲରାବାଙ୍କ ଗ୍ରାମର ପ୍ରସିଦ୍ଧ ରଘୁନାଥ ଜୀଉ ମନ୍ଦିର, ରାଧା କୃଷ୍ଣ ମନ୍ଦିର, ରାମଚଣ୍ଡି ମନ୍ଦିରର ୧୯ ତମ ପ୍ରତିଷ୍ଠା ଉତସବ ଉପଲକ୍ଷେ ୪ ଦିନ ଧରି ୩ ଗୋଟି ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଗତକାଲି ଅନୁଷ୍ଠିତ ପୂର୍ଣ୍ଣାହୁତି ରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ତଥା କିଟ, କିସ ଓ ସ୍ମାର୍ଟ ଗ୍ରାମ କଲରାବାଙ୍କ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀ ରାମ ଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ପ୍ରତ୍ୟେକ ମନୁଷ୍ୟ ଆଧ୍ୟାତ୍ମିକ ଦିଗରେ ଯିବା ସହ ନିଜର ପିତାମାତା ଙ୍କ ସେବା ଯନି କରି ସେମାନଙ୍କୁ ସର୍ବଦା ଖୁସି ରେ ରଖିଲେ ୩୩ କୋଟି ଦେବତାଙ୍କ ଆର୍ଶିବାଦ ପାଇ ପାରିବା ବୋଲି କହିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ସ୍ୱାମୀ ଶିବ ଚିଦାନନ୍ଦ ସରସତୀ ଯୋଗ ଦେଇ ପ୍ରତ୍ୟେକ ମନୁଷ୍ୟ ପ୍ରତିଦିନ ଶ୍ରୀ ମଦ ଭଗବତି ଗୀତା ପଢିବା ସହ ଗୀତାର ବାଣୀ କୁ ନିଜ ଆଚରଣ ରେ ଫୁଟାଇ ତୋଳିବାକୁ ଆହ୍ୱାନ ଦେଇଥିଲେ । ଏଥିରେ ନୀଳିମା ରାଣୀ ମେମୋରିଆଲ ସ୍ମାରକୀ ଟ୍ରଷ୍ଟ ର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାମନ୍ତ ପୌରୋହିତ୍ୟ କରିଥିଲେ । ସମ୍ମାନିତ ଅତିଥି ଭାବେ ଡଃ ରବିନ୍ଦ୍ର



କୁମାର ସାମନ୍ତ, ସମାଜସେବୀ ନିରୁପମା ସାମନ୍ତ, ଶିକ୍ଷାବି ଜ୍ୟୋସ୍ନା ମିତ୍ର, ସମାଜସେବୀ ତୃପ୍ତି ଲତା ସାମନ୍ତ, ଅରବିନ୍ଦ ସାମନ୍ତ, ସୈବାଳିନ ସାମନ୍ତ, ରାଜ୍ୟ ସ୍ତରୀୟ ଗୀତା ଯଜ୍ଞ କମିଟି ସଭାପତି ବିଜୟ କୁମାର ସାଇଁ, କିଟ ବିଦ୍ୟୁତ ବିଭାଗ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ପଟ୍ଟନାୟକ, ଗ୍ରାମ କମିଟି ସଭାପତି ଅଞ୍ଜନ କୁମାର ସାମନ୍ତ ପ୍ରମୁଖ ଯୋଗ ଦେଇ ପ୍ରଭୁ ଶ୍ରୀ ରାମ ଥିଲେ ଦୟା, କ୍ଷମା , କରୁଣା ଓ ମର୍ଯ୍ୟାଦା ପୁରୁଷୋତ୍ତମ, ତାଙ୍କରି ଆଦର୍ଶ ରେ ଅନୁପ୍ରାଣିତ ହେଲେ ରାମ ରାଜ୍ୟ ପ୍ରତିଷ୍ଠା ହୋଇ ପାରିବ ବୋଲି କହିଥିଲେ । ୩ ଗୋଟି ମନ୍ଦିର ର ୩ ଟି ସ୍ଥାନରେ ଅନୁଷ୍ଠିତ ହେଉଥିବା ଯଜ୍ଞ ରେ ଡ. ସାମନ୍ତ ଯୋଗ ଦେଇ ପୂର୍ଣ୍ଣାହୁତି ଦେଇଥିଲେ । ପୂଜକ ପଣ୍ଡିତ ଅମର ପ୍ରସାଦ ଦାଶ, ସୁମନ କୁମାର ଦାଶ, ଅବିନାଶ ପଣ୍ଡା, କେଶବ ଚନ୍ଦ୍ର ପଣ୍ଡା, କମଳ ଲୋଚନ ପଣ୍ଡା ପ୍ରମୁଖ ଯଜ୍ଞ ରେ ପୂଜା ଓ ଆହୁତି ପ୍ରଦାନ କରିଥିଲେ । ଅଞ୍ଜନ କୁମାର ସାମନ୍ତ (ସନିଆ) ସହଯୋଗ କରିଥିଲେ । ପ୍ରତ୍ୟହ ସନ୍ଧ୍ୟାରେ ଦୁର୍ଗା ଚରଣ ସାମନ୍ତଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀ ମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ନାବାଳିକାକୁ ଅସଦାଚରଣ ଉଦ୍ୟମ

# ଯୁବକ ଥାନାରେ ଅଟକ

ପାଣିକୋଇଲ, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତର ତାଜପୁର ଗ୍ରାମ ଠାରେ ଜଣେ ଦଳିତ ନାବାଳିକାକୁ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକ ଅସଦାଚରଣ ଉଦ୍ୟମ କରିବା ଅଭିଯୋଗରେ ପୁଲିସ ଅଭିଯୁକ୍ତ ଯୁବକକୁ ଥାନାରେ ଅଟକ ରଖିଛି । ପ୍ରକାଶ ବାରବାଟୀ ଅଂଚଳର ଗୌତମ ମଳିକ ଓ ତାଙ୍କ ପନୀ ଏବଂ ଦୁଇ ଝିଅ ସହିତ ଉକ୍ତ ଅଂଚଳରେ ୫ ବର୍ଷ ହେବ ରହି ଆସୁଛନ୍ତି । ଗୌତମ ପେଷାରେ ଜଣେ ଗାଡ଼ି ଚାଳକ ହୋଇଥିବାରୁ ଅଧିକାଂଶ ସମୟ ବାହାରେ ରୁହନ୍ତି । ଏବଂ ଗୌତମଙ୍କ ପନୀ ନିକଟସ୍ଥ ଏକ ଖଲି ପତ୍ର ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । ଗୌତମଙ୍କ ଘର ନିକଟରେ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ନୂତନ ଗୋଦାମ ନିମନ୍ତେ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ସେଠାରେ ଭଦ୍ରକ ଅଂଚଳର କିଛି ଶ୍ରମିକ ରହି ଗୃହ ନିର୍ମାଣ କରୁଛନ୍ତି ।

ତେବେ ଆଜି ସକାଳେ ସମୟରେ ସବୁଦିନ ପରି ସେ ନିଜର କାର୍ଯ୍ୟ ଲାଗି ଫ୍ୟାକ୍ଟ୍ରିକୁ ଯିବା ପରେ ଘରେ ଏକାକି ତାଙ୍କର ନାବାଳିକା (୧୧) ଝିଅଟି ଶୋଇଥିବା ବେଳେ ଭଦ୍ରକ ଜିଲ୍ଲା ର ସେକ ମନସୁରର ପୁଅ ସେକ ଅନ୍ୱର (୫୦) ଘରେ ପଶି ନାବାଳିକାକୁ ବଳାତ୍କାର ଉଦ୍ୟମ କରିବା କରିଥିଲା । ଏ ନେଇ ନାବାଳିକା ଜଣକ ଚିତ୍କାର କରିବାରୁ ଅନ୍ୱର ତାର ମୁହଁକୁ ଚାପି ଧରି ଜୀବନରୁ ମାରି ଦେବା ଲାଗି ଉଦ୍ୟମ କରିଥିଲା । ପରେ ମା ସସ୍ମିତା ଅପରାହ୍ନରେ ଘରେ ପହଂଚିବାରୁ ନାବାଳିକ ତାଙ୍କୁ ସମସ୍ତ କଥା ଜଣାଇଥିଲା । ଏନେଇ ସସ୍ମିତା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅନ୍ୱରକୁ ଥାନାରେ ଅଟକ ରଖିଛି ।

## ଆଳି ସଂକୁଳସ୍ତରୀୟ ସାମୁହିକ ଆଚାର୍ଯ୍ୟ କର୍ମଶାଳା

ଆଳି: (ସବ୍ୟୁ) : ନୂତନ ଶିକ୍ଷା ନୀତି ସମସ୍ତ ଙ୍କ ପାଇଁ ଉପାଦେୟ ହେବା ସହିତ ଭଲ ମଣିଷଟିଏ ଗଢିବାରେ ସହାୟକ ହେବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ଆଳି ସଂକୁଳ ସ୍ତରୀୟ ସାମୁହିକ ଆଚାର୍ଯ୍ୟ କର୍ମଶାଳା -୨୦୨୬ ର ଉଦଯାପନୀ ଦିବସରେ ଯୋଗ ଦେଇ ଅତିଥି ମାନେ ପ୍ରକାଶ କରିଛନ୍ତି ।

ନୂତନ ଶିକ୍ଷା ନୀତି କିଭଳି ଭାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁଡିକରେ ସଠିକ ଭାବେ କାର୍ଯ୍ୟକାରୀ ହୋଇପାରିବ ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଭରତୀ ଓ ଓଡିଶା ଶିକ୍ଷା ବିକାଶ ସମିତି ସଂକୁଳ ସ୍ତରୀୟ ଏହି କର୍ମଶାଳାର ଆୟୋଜନ କରିଥିଲେ । ଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ବନମାଳୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟଶାଳାର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟବାହ ବିରଞ୍ଚି ନାରାୟଣ ମହାପାତ୍ର ଯୋଗ ଦେଇଥିଲେ । ଏହି କାର୍ଯ୍ୟଶାଳା ଗତ ସୋମବାର ଦିନ ସନ୍ଧ୍ୟାରେ ଉଦଘାଟିତ ହୋଇଥିଲା । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳିୟୁକୋ ବ୍ୟାଙ୍କର ଶାଖା ପ୍ରବନ୍ଧକ ସୁରେଶ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଓଡିଶା ଶିକ୍ଷା ବିକାଶ ସମିତିର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରମୁଖ କପିଳ ଚରଣ ମିଶ୍ର ଓ ସମ୍ମାନନୀୟ ଅତିଥି ଭାବେ ଆଳି ସଂକୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ସୁତାର ଯୋଗ ଦେଇଥିଲେ ।

ଉଭୟ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଆଳି ସରସଓ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ସୁଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ , ଆଳିର ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ଅମର କୁମାର ବାରିକ ଅତିଥି ପରିଚୟ ଓ ସଞ୍ଜୁଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ସାମୁହିକ ଆଚାର୍ଯ୍ୟ କାର୍ଯ୍ୟଶାଳାରେ ଆଳି ସଂକୁଳର ଛଅଟି ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ଓ ଗୁରୁମା ମାନେ ଅଂଶଗ୍ରହଣ କରିଥିଲେ । ଆଳି, ରାଜକନିକା, ବାରଡ଼ିଆ, ଦେଉଳତା, ଭୂଇଁପୁର ଓ ଜୁଆଣିଆ ଶିଶୁ ବିଦ୍ୟା ମନ୍ଦିରରୁ ୯୩ ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ ।

କାର୍ଯ୍ୟ ଶାଳାରେ ରାଜକନିକା ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମନୋଜ ଦାଶ, ବରଡ଼ିଆର ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ନନ୍ଦ, ଜୁଆଣିଆର ପ୍ରଧାନ ଆଚାର୍ଯ୍ୟ ତପନ କୁମାର ପରିଡା, କାଟଣାର ପ୍ରଧାନ ଆଚାର୍ଯ୍ୟା ଶୁଭଶ୍ରୀ ସାମଲ, ଦେଉଳତାରାର ନଳିନୀକାନ୍ତ ରାଉତ ପ୍ରମୁଖ ପ୍ରଧାନ ଆଚାର୍ଯ୍ୟ ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ଦେଇଥିଲେ । ଏହି କାଯ୍ୟକ୍ରମ ଚାରିଦିନ ଧରି ଚାଲିଥିଲା ।

## ବନଦୁର୍ଗା ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୁଆଖିଆ ,(ସବ୍ୟୁ) :ରସୁଲପୁର ବ୍ଲକ ରସୁଲପୁର ଗ୍ରାମରେ ଥିବା ବନଦୁର୍ଗା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ସଓ୍ୱାଇଁ ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ସି ଆର ସି ସି ଦେବକୀ ପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେରସୁଲପୁର ବି ଇ ଓ ସୁଦର୍ଶନ ମଲ୍ଲିକ, ମୁଖ୍ୟବକ୍ତାଭାବେ ଓଲଷ୍ଟ । ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା,ସମ୍ମାନିତ ଅତିଥି ଭାବେ ଆଲୋଷ୍ଟ ।

ସଭାପତି ବିକ୍ରମ କୁମାର ଦାସ, ବରିଷ୍ଠ କର୍ମକର୍ତ୍ତା ଗଗନ ବିହାରୀ ଜେନା,ଜିଲ୍ଲା ସମ୍ପାଦକ ଡ଼ଃ ଦୟାନିଧି ଦାସ, ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ, ମଳୟ କୁମାର ନାୟକ, ବିଜୟ କୁମାର ଭଦ୍ର, ଚନ୍ଦ୍ରକାନ୍ତ ରଥ, ରାଜେନ୍ଦ୍ର ନାରାୟଣ ସାହୁ,ପ୍ରଦୀପ କୁମାର ସାମଲ ଯୋଗଦେଇ ଅରୁଣ ସାରଙ୍କ ଉଚ୍ଚ କୋଟିର ଶିକ୍ଷାଦାନ ପ୍ରଣାଳୀ, ପରୋପକାରୀ ଗୁଣ ଉପରେ କହିଥିଲେ । ସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଇନ ମଲିକ ଯୋଗ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ନିରୁପମା ପଣ୍ଡା ସ୍ୱାଗତ ଭାଷଣ ପ୍ରଧାନ କରିଥିଲେ । ସ୍କୁଲ ପୁରାତନ ଛାତ୍ର ଛାତ୍ରୀ ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।ବିଦ୍ୟାଳୟ ର ସମସ୍ତ ପୁରାତନ ଛାତ୍ର ଛାତ୍ରୀ ଯୋଗଦେଇ ଅରୁଣ ସାର ଓ ତାଂକ ସହ ଧର୍ମିଣୀ ଙ୍କୁ ଉତ୍ସସିତ ସମ୍ବର୍ଦ୍ଧନା ଦେଇ ବନଦୁର୍ଗା ସ୍କୁଲରୁ ଅବସର ସମ୍ବର୍ଦ୍ଧନା, ସମ୍ମାନ ଜଣାଇ ସ୍କୁଲ ରୁ ତାଂକ ଗ୍ରାମ ଚଣ୍ଡୀପୁର ଯାଏ ବିରାଟ ପଟୁଆରରେ ନେଇଯାଇଥିଲେ ।

ଉତ୍ସବରେ ଶିକ୍ଷକ ଦୀପ ସୁନ୍ଦର ପୃଷ୍ଟି, ମହେନ୍ଦ୍ର ମଲିକ, ଧୀରେନ୍ଦ୍ର ସାହୁ, ଶ୍ରୀକାନ୍ତ ରଥ, ମୋ, ସ୍କୁଲ ଅଭିଯାନ ସଭାପତି , ପୁରାତନ ଛାତ୍ରୀ, ଛାତ୍ର,ରସୁଲପୁର ସ୍କୁଲ କମିଟି ପ୍ରମୁଖ ଙ୍କ ସହ ଗ୍ରାମର ଛାତ୍ର, ଅଭିଭାବକ ମିଶିକିସମ୍ବର୍ଦ୍ଧନା ପରିଚାଳନା କରିଥିଲେ । ସ୍କୁଲରଶିକ୍ଷକ ନିରଞ୍ଜନ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜନ ସମୁଦ୍ର ମଠରେ ନବ ଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ

ନାଉଗାଁ ,(ସବ୍ୟୁ) :ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତର ଜଳସରପଡା ଗ୍ରାମର ଜନ ସମୁଦ୍ର ମଠରେ ପ୍ରଭୁଃ ଜଗତର ନାଥ ଜଗନ୍ନାଥ, ବଡ଼ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା ପୂଜା ପାଇ ଆସୁଛନ୍ତି । ଏହି ମଠର ମଠାଧିଶ ଦାସିଆ ବାବାଙ୍କ କହିବା ଅନୁସାରେ ଆଜକୁ ପ୍ରାୟ ୧୧ ବର୍ଷ ହୋଇଗଲାଣି ମହାପ୍ରଭୁଃ ଜଗନ୍ନାଥ ଙ୍କର ନବ ଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇ ଆସୁଅଛି । ଏହି ବିଶ୍ୱଶାନ୍ତି ମହାଯଜ୍ଞ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାଳିତ ହେଉଅଛି ।ଏହି ମହାଯଜ୍ଞ ଦେଖିବା ଓ ବିଭୁକୃପା ଲାଭ କରିବା ପାଇଁ ସନ୍ଧ୍ୟା ସମୟରେ ଆଖାପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳେ ।ପ୍ରତ୍ୟେକ ଦିନ ଦୁଇବେଳା ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା କରାଯାଇଥାଏ ।

## ଚମ୍ପାଦେବୀ-ଭୀମସେନ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାନ୍ତିପୁର ଗ୍ରାମ ସ୍ଥିତ ଚମ୍ପାଦେବୀ-ଭୀମସେନ ଚାରିଟେବୁଲ ଟ୍ରଷ୍ଟର ଦିତୀୟ ବାର୍ଷିକ ଉତ୍ସବ ଓ ଆଦର୍ଶ ମଣିଷ ଭୀମସେନ ସେଠୀଙ୍କର ଦିତୀୟ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଟ୍ରଷ୍ଟ ସଭାପତି ମାନଗୋବିନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ସେବା ଅଧିକାରୀ ହରପ୍ରିୟା ପାଣିଗ୍ରାହୀ ଯୋଗଦେଇ ଉତ୍ସବକୁ ଉଦଘାଟନ ପୂର୍ବକ ଏହି ଟ୍ରଷ୍ଟ ଆଗାମୀ ଦିନରେ ଭଲ କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ



। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଭକ୍ତଚରଣ ସାହୁ ,ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ସଲୀଳ ମହାନ୍ତି, ଅଧ୍ୟାପକ ବିଜୟକୁମାର ସାମଲ, ସମରକେତନ ଲେଙ୍କା, ଆଇନଜୀବୀ ଦେବରାଜ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା କାଞ୍ଚନବାଳା ଦାସ,ପ୍ରଧାନ ଶିକ୍ଷକ ବିଜୟକୁମାର କବି, ସରପଞ୍ଚ ମୀନ କେତନ ସେଠୀ ଓ ସମିତି ସଭ୍ୟ ରବୀନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ ।

ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଚଣ୍ଡିଖୋଲ କୋର୍ଟ ବାର ଆସୋସିସନ ସମ୍ପାଦକ ପ୍ରକାଶ କୁମାର ଦାଶ ଓ ପୁରୁଷୋତ୍ତମ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶରତଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜ୍ୟୋତିଶଙ୍କର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ସମ୍ପାଦକୀୟ

# ମନରୁ ଲିଭୁନି ସେ କଥା...

କେନ୍ଦୁଝର ମାଲିପୋଷି ଅର୍ନ୍ତଗତ ଗ୍ରାମ୍ୟ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ ଜଣେ ନୀରିହ ଆଦିବାସୀ (ଜନଜାତି)ର ଜିତୁ ମୁଣ୍ଡାଙ୍କୁ ତାଙ୍କ ମୃତ ଭଗିନୀ କଲରା ମୁଣ୍ଡାଙ୍କର ଟଙ୍କା ନ ଦେଇ ଗତ ଏପ୍ରିଲ ୨୭ (୨୦୨୬)ରେ ଫେରାଇ ଦେବାରୁ ଜିତୁ ମୁଣ୍ଡା ଅଗତ୍ୟା ତାଙ୍କ ଭଗିନୀ କଲାରା ମୁଣ୍ଡା ମୃତ ବୋଲି ଅଦଭୁତ ଭାବେ ପ୍ରମାଣ କରିଥିଲା । ଜିତୁ ମୁଣ୍ଡା ମୃତ ଭଗିନୀଙ୍କୁ ମାଟିରେ ପୋତିଥିବା ସ୍ଥାନରୁ କଙ୍କାଳକୁ କାନ୍ଧରେ ବୋହି ଆଣି ବ୍ୟାଙ୍କବାଲାଙ୍କୁ ଦେଖାଇ ତାଙ୍କ (ଭଗିନୀ)ଙ୍କର ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ଚାହିଁଥିଲା । ଆମ ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷକୁ ଆମେ 'ସ୍ୱାଧୀନତାର ଅମୃତ ମହୋତ୍ସବ' ଭାବେ ଆନନ୍ଦ ମନରେ ପାଳନ କଲେ ପ୍ରାୟ ଦୁଇ ବର୍ଷ କାଳ– ତିନି ଚାରି ବର୍ଷ ତଳୁଁ । ସ୍ୱାଧୀନତାର ଏହି ଅଣାଅଶୀ ବର୍ଷ ଅତିକ୍ରମ କରି ଆମେ ଏବେ ନୂତନ କାଳଖଣ୍ଡରେ ପ୍ରବେଶ କରିଛୁଁ– ସ୍ୱାଧୀନତାର ଜନ୍ମ ଶତବାର୍ଷିକ ୨୦୪୭ ଅଗଷ୍ଟ ୧୫ରେ ଆମେ ପାଳନ କରିବାକୁ । ଆଉ ଦଶ ବର୍ଷ ପରେ ତ ଆମେମାନେ ଆମ ରାଜ୍ୟର ଜନ୍ମ ଶତବାର୍ଷିକ ପାଳନ ପାଇଁ ଉଦ୍ୟମ ଆରମ୍ଭ କରିଛୁଁ । ଏତିକି ବେଳେ ଏପରି ଘଟଣା ଘଟୁଛି କାହିଁକି ? ମାନବିକତା ଦୃଷ୍ଟିରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଜିତୁ ମୁଣ୍ଡାଙ୍କୁ ବିଶ୍ୱାସ କରି ପାରିଲେନି କାହିଁକି ? ସେମାନେ ପରା ଅଧିକ ଶିକ୍ଷିତ ଓ ବିଚାରବନ୍ତ ? ଏ ଘଟଣା ଜାଣିବା ପରେ କେନ୍ଦୁଝର ଜିଲ୍ଲାକୁ ସମୃଦ୍ଧ କରିବାକୁ ଚାହୁଁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତତ୍‌କ୍ଷଣାତ୍ ଆର୍‌ଡିସି ସ୍ତରୀୟ ତଦନ୍ତ କମିଶନ ସେହି ଘଟଣାର ତଦନ୍ତ କରିବେ ବୋଲି ଆଦେଶ ଦେଇଛନ୍ତି । ଭଲ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । କାରଣ ବିଚାର ବିଭାଗୀୟ ତଦନ୍ତ ପ୍ରକ୍ରିୟା ବିଳମ୍ବିତ ହୋଇଥା'ନ୍ତା । ଜିଲ୍ଲାପାଳ ଏଥିପାଇଁ ଆର୍ଥିକ ସହାୟତା ଜିତୁ ମୁଣ୍ଡାଙ୍କୁ ଦେବା ଲାଗି ମଧ୍ୟ ମୁଖ୍ୟମନ୍ତ୍ରୀ ଆଦେଶ ଦେଇଥିଲେ ।

**ରାଜନୀତିକ ଦଳଗୁଡ଼ିକ ମଧ୍ୟରେ ବିଜେଡିର ଏକ ପ୍ରତିନିଧି ଦଳ ଜିତୁ ମୁଣ୍ଡାଙ୍କୁ ଓ ଅନ୍ୟମାନଙ୍କୁ ଭେଟିବାକୁ ଘଟଣାସ୍ଥଳ ପରିଦର୍ଶନରେ ଯାଇଥିଲେ । ଏହା ମଧ୍ୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଶାସକ ବିଜେପି ଓ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ ମଧ୍ୟ ଘଟଣାସ୍ଥଳକୁ ଯାଇଥିଲେ ଭଲ ହୋଇଥାନ୍ତା । ବିଜେଡି ଦଳର ଘଷିପୁରା ବିଧାୟକ ବଦ୍ରି ପାତ୍ର ଘଟଣାର ନ୍ୟାୟିକ ତଦନ୍ତ ପାଇଁ ଦାବି କରିଛନ୍ତି । କିନ୍ତୁ ନ୍ୟାୟିକ ତଦନ୍ତ ଏକ ବିଳମ୍ବିତ ପ୍ରକ୍ରିୟା । କାର୍ଯ୍ୟରତ କୌଣସି ବିଚାରପତି ତ ତଦନ୍ତ କରିବେ ନାହିଁ, ପୁଣି ଅନ୍ୟ କୌଣସି ଅବସରପ୍ରାପ୍ତ ବିଚାରପତି ବା ନ୍ୟାୟାଧିକାରୀଙ୍କୁ ଖୋଜା ଯାଇ, ତାଙ୍କ ସମ୍ମତି ନିଆଯାଇ ଏ ପ୍ରକ୍ରିୟା ଆରମ୍ଭ କରୁ କରୁ ବହୁ ବିଳମ୍ବ ଘଟିଥା'ନ୍ତା ।**

ଇତି ମଧ୍ୟରେ ଆର୍‌ଡିସି ସଂଗ୍ରାମ ମହାପାତ୍ର ତାଙ୍କ ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ ହସ୍ତାନ୍ତର କରି ସାରିଛନ୍ତି । ତାହା ଚୂଡାନ୍ତ ତଦନ୍ତ ରିପୋର୍ଟ ନ ହେଉ ପଛେ, ଅନ୍ତରୀଣ ତଦନ୍ତ ରିପୋର୍ଟ ହୋଇଥାଇ ପାରେ । ସେ ଦୃଷ୍ଟିରୁ ଆର୍‌ଡିସି ମହାପାତ୍ର ମଧ୍ୟ ପ୍ରଶଂସନୀୟ । କୁହାଯାଉଛି ଯେ ଆର୍‌ଡିସି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଉପରୋକ୍ତ ଘଟଣା ପାଇଁ ଦାୟୀ କରିଛନ୍ତି । ତଦନ୍ତ ରିପୋର୍ଟ ସାର୍ବଜନୀନ ହେବା ପରେ ହୁଏତ ଏ ବିଷୟଟି ସମ୍ପୂର୍ଣ୍ଣ ଭାବେ ଲୋକଲୋଚନକୁ ଆସିବ ।

ଏହି ଘଟଣା ଜାତୀୟ ସ୍ତରରେ ମଧ୍ୟ ଏବେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ନୀରିହ ଜିତୁ ମୁଣ୍ଡାଙ୍କୁ ଇତିମଧ୍ୟରେ ସରକାରୀ ସହାୟତା ସମେତ ବେସରକାରୀ ସଂସ୍ଥାମାନେ ମଧ୍ୟ ଆର୍ଥିକ ସହାୟତା ଦେବା ଲାଗି ଏବେ ତତ୍ପରତା ପ୍ରକାଶ କଲେଣି । ଏହା ଖୁବ୍ ଭଲ କଥା ।

ଓଡ଼ିଶା ସରକାରଙ୍କ ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସମାଜସେବୀ କୃପାନିଧି ବିଶ୍ୱାଳ ଏ ଘଟଣାରେ ତାଙ୍କ ପ୍ରତିକ୍ରିୟା ଜଣାଇଛନ୍ତି ଯେ, ଯେଉଁ ପାଟଣା ବ୍ଲକରେ ଏହି ଘଟଣା ଘଟିଲା, ସେହି ଅଞ୍ଚଳର ୱାର୍ଡ ମେମ୍ବର, ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ,ପଞ୍ଚାୟତ ସମ୍ପାଦକ, ଭିଲେଜ ଲେଭଲ ୱାର୍କର ଓ ଆଶାକର୍ମୀ, ଏ ସମସ୍ତେ ଏତେ ବଡ ଘଟଣା ଘଟିବା ପୂର୍ବରୁ ବା ପରେ ଜାଣି ପାରିଲେ ନାହିଁ କମିତି?

ରାଜନୀତିକ ଦଳଗୁଡ଼ିକ ମଧ୍ୟରେ ବିଜେଡିର ଏକ ପ୍ରତିନିଧି ଦଳ ଜିତୁ ମୁଣ୍ଡାଙ୍କୁ ଓ ଅନ୍ୟମାନଙ୍କୁ ଭେଟିବାକୁ ଘଟଣାସ୍ଥଳ ପରିଦର୍ଶନରେ ଯାଇଥିଲେ । ଏହା ମଧ୍ୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ବିଜେଡି ଦଳର ଘଷିପୁରା ବିଧାୟକ ବଦ୍ରି ପାତ୍ର ଘଟଣାର ନ୍ୟାୟିକ ତଦନ୍ତ ପାଇଁ ଦାବି କରିଛନ୍ତି । କିନ୍ତୁ ନ୍ୟାୟିକ ତଦନ୍ତ ଏକ ବିଳମ୍ବିତ ପ୍ରକ୍ରିୟା । କାର୍ଯ୍ୟରତ କୌଣସି ବିଚାରପତି ତ ତଦନ୍ତ କରିବେ ନାହିଁ, ପୁଣି ଅନ୍ୟ କୌଣସି ଅବସରପ୍ରାପ୍ତ ବିଚାରପତି ବା ନ୍ୟାୟାଧିକାରୀଙ୍କୁ ଖୋଜା ଯାଇ, ତାଙ୍କ ସମ୍ମତି ନିଆଯାଇ ଏ ପ୍ରକ୍ରିୟା ଆରମ୍ଭ କରୁ କରୁ ବହୁ ବିଳମ୍ବ ଘଟିଥା'ନ୍ତା ।

ବିଗତ ୨୦୧୬ରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ କଳାହାଣ୍ଡି ଜିଲ୍ଲାର ଜନଜାତିର ଜଣେ ବ୍ୟକ୍ତି ଦାନ ମାଝୀ ଏକ ସରକାରୀ ଚିକିତ୍ସାଳୟରୁ ତାଙ୍କ ପତ୍ନୀଙ୍କ ମୃତ ଦେହକୁ କାନ୍ଧରେ ବୋହି ବୋହି ନିଜ ଗାଁକୁ ନେଇଥିବା ଘଟଣାର ଚର୍ଚ୍ଚା ଜାତୀୟ ସ୍ତରରେ ମଧ୍ୟ ହୋଇଥିଲା । ତେବେ ଏପରି ଘଟଣାସବୁ ଭବିଷ୍ୟତରେ ଆଉ ନ ଘଟୁ ଏବଂ ଆମର ସଭ୍ୟ ସମାଜ ଏ ଦିଗରେ ସଚେତନ ହୁଅନ୍ତୁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆମ ଦେବାଦେବୀ



**ଡ. ନିରଞ୍ଜନ ସାହୁ**

ଭାରତୀୟ ପୁରାଣରେ ତେତିଶ କୋଟି ଦେବାଦେବୀଙ୍କ କଥା ଆଲୋଚିତ ହୁଏ । ଏହାକୁ ଉପଯୁକ୍ତ ଅଧ୍ୟୟନ କରିନଥିବା କିଛି ବ୍ୟକ୍ତି ତାଚ୍ଛଲ୍ୟ କରି ହସରେ ଉଡ଼େଇ ଦିଅନ୍ତି । ଏହା ପଛରେ କେତେକଙ୍କର ହିନ୍ଦୁ ଧର୍ମ ପ୍ରତି ଥିବା ବିଦ୍ୱେଷ ପ୍ରତିଫଳିତ ହେବା ସହିତ ସେମାନଙ୍କର ଅଗଭୀର ଜ୍ଞାନର ପରିଚୟ ମିଳିଥାଏ । ଭଗବାନ ବା ସୃଷ୍ଟିକର୍ତ୍ତା ବୋଲି ଜଣେ ଥିଲା ବେଳେ ତେତିଶକୋଟି ଦେବାଦେବୀ ଏକ କଳ୍ପନା ବୋଲି ସେମାନେ କହିଥାନ୍ତି ଲଘୁ ପରିହାସ ମିଶ୍ରିତ ବ୍ୟଙ୍ଗ ସହିତ ।

ବାସ୍ତବରେ ଅନ୍ୟର ଅଜ୍ଞତା ପାଇଁ ଆମେ ଭାରତୀୟ ପୁରାଣ ଓ ଦର୍ଶନକୁ ଦାୟୀ କରିପାରିବା ନାହିଁ। ମାତ୍ର ଆମର ଏବେ ଦୁଃଖ ହେଲା ଭାରତୀୟମାନେ ମଧ୍ୟ ଯେ ସମ୍ପର୍କରେ ଅଧ୍ୟୟନ ନ କରି ସେଇ ଅଜ୍ଞତା ପଥରେ ପଥିକ ପାଲଟୁଛନ୍ତି। ମୌଳିକ ଭାରତୀୟ ଦର୍ଶନ କହିଲେ ଆମେ ହିନ୍ଦୁ ଦର୍ଶନକୁ ହିଁ ବୁଝିଥାଉଁ କାରଣ ଆଜିର ଭାରତୀୟ ସମାଜ ବହୁ ଧର୍ମ ଓ ପ୍ରାନ୍ତରେ ବିଭକ୍ତ ହୋଇଥିଲେ ମଧ୍ୟ ସନାତନ ହିନ୍ଦୁ ଧର୍ମ ବହୁ ପ୍ରାଚୀନ – ଏତେ ପ୍ରାଚୀନ ଯେ ଏହା ଲିଖିତ ଇତିହାସ ଠାରୁ ବି ଢେର ପୁରୁଣା ।

ଭାରତୀୟ ଦର୍ଶନରେ ମଧ୍ୟ ଅନ୍ୟ ଧର୍ମ ପରି ବ୍ରହ୍ମନ୍‌ଙ୍କୁ ଆଧ୍ୟାତ୍ମ ଜଗତର କେନ୍ଦ୍ର ଭାବରେ ଅବହିତ କରାଯାଏ । ତାଙ୍କୁ ଆମେ ପରମପିତା ବା ପରମେଶ୍ୱର ବୋଲି ମଧ୍ୟ କହିପାରିବା– ମାତ୍ର ସେ ଅନାଦି ଓ ଅନନ୍ତ– ତାଙ୍କୁ ଚିନ୍ତା କରାଯାଇ ପାରିବ ନାହିଁ, ସେ ଅଚିନ୍ତ୍ୟ– ଏଣୁ ଅନାଦି ଅନନ୍ତ ପରମେଶ୍ୱରଙ୍କ ସାନ୍ନିଧ୍ୟ ପାଇଁ ହିନ୍ଦୁ ଦର୍ଶନରେ ବହୁ ଦେବାଦେବୀଙ୍କ ବର୍ଣ୍ଣନା ରହିଛି । ସେମାନଙ୍କର ନିର୍ଦ୍ଦିଷ୍ଟ ରୂପ ରହିଛି ଏବଂ ତା' ସହିତ ସେମାନଙ୍କ ବିବିଧ ପୂଜାବିଧି ।

ସେହି କ୍ରମରେ ବ୍ରହ୍ମା, ବିଷ୍ଣୁ ଓ ମହେଶଙ୍କର ପରିକଳ୍ପନା କରାଯାଇଛି – ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନକର୍ତ୍ତା ଏବଂ ମହେଶ ବା ଶିବ ହେଉଛନ୍ତି ସଂହାରକର୍ତ୍ତା । ଏହି ତିନିଜଣଙ୍କୁ ତ୍ରିଦେବ ବା ତ୍ରିମୂର୍ତ୍ତି ଭାବରେ ଜ୍ଞାନ କରାଯାଏ କାରଣ ସେମାନେ ହେଲେ ସୃଷ୍ଟି, ସ୍ଥିତି ଓ ବିଲୟର ନିୟାମକ ।

ଏବେ ଆସିବା ତେତିଶ କୋଟି ଦେବତାଙ୍କ କଥାକୁ। ବାସ୍ତବରେ କୋଟି କହିଲେ ସାଧାରଣରେ ଆମେ ଦଶ ନିୟୁତ ବୋଲି ବୁଝିଥାଉଁ । ମାତ୍ର ଆଧ୍ୟାତ୍ମିକ ବିଦ୍ୟାରେ କୋଟିର ଅର୍ଥ ପ୍ରକାର । ସେହି କ୍ରମରେ ତେତିଶ କୋଟି ଅର୍ଥ ତେତିଶ ପ୍ରକାର ଦେବାଦେବୀ – ତେତିଶ କୋଟି (ସଂଖ୍ୟା) କହି ଯେଉଁମାନେ ଆଧ୍ୟାତ୍ମଶାସ୍ତ୍ରର କଦର୍ଥ କରୁଛନ୍ତି ସେମାନେ ସନାତନ ହିନ୍ଦୁ ଧର୍ମକୁ ପ୍ରତିନିଧିତ୍ୱ କରନ୍ତି ନାହିଁ ।

ତେତିଶ ପ୍ରକାରର ଦେବାଦେବୀ କହିଲେ ଆଠ ବସୁ, ଏଗାର ରୁଦ୍ର, ବାର ଆଦିତ୍ୟ ଏବଂ ଦୁଇ ଅଶ୍ୱିନୀଙ୍କୁ ହିଁ ବୁଝେଇଥାଏ । ପୃଥିବୀର ଭୌତିକ ରୂପ ଭିତରେ ଯେଉଁମାନଙ୍କଠାରୁ ମଣିଷ ଉପକାର ପାଇଥିଲା ସେମାନଙ୍କୁ ଦେବତା ଭାବରେ ପୂଜା କରିବା ଆରମ୍ଭ କରିଥିଲା । ଏଇ ଆଠଜଣ ହେଲେ ମାଟି, ପାଣି, ଅଗ୍ନି, ବାୟୁ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର ଏବଂ ତାରା ।

ସେହିପରି ଏଗାର ରୁଦ୍ର କହିଲେ ଜୀବନର ଶକ୍ତିମାନଙ୍କୁ ବୁଝାଉଥିଲା ପାଞ୍ଚ ଜ୍ଞାନେନ୍ଦ୍ରିୟ ପାଞ୍ଚ କର୍ମେନ୍ଦ୍ରିୟ ଓ ଆତ୍ମା । ଦ୍ୱାଦଶ ଆଦିତ୍ୟ କହିଲେ ସୌର ମାସର ମୂର୍ତ୍ତିମନ୍ତ ରୂପ ଭାବରେ ବାରମାସକୁ ବୁଝାଯାଉଥିଲା ଏବଂ ଦୁଇ ଅଶ୍ୱିନୀ କହିଲେ ଦିବ୍ୟଲୋକର ଦୁଇ ଚିକିତ୍ସକଙ୍କୁ ବୁଝାଉଥିଲା । ଦୁଇ ଚିକିତ୍ସକର ଅର୍ଥ ହେଲା ଜଣେ ଭେଷଜ ବିଦ୍ୟା ବିଶାରଦ ଏବଂ ଆରଜଣକ ଶଲ୍ୟ ବିଦ୍ୟାର ପ୍ରତିଭୂ । ଏଇ ତେତିଶ ପ୍ରକାରର ଦେବାଦେବୀ ହେଲେ ମଧ୍ୟ ସେମାନେ ସେଇ ଅନାଦି ଅନନ୍ତ ପରଂବ୍ରହ୍ମଙ୍କର ବିଭିନ୍ନ ରୂପ ମାତ୍ର ।

ଯେଉଁ ତ୍ରିମୂର୍ତ୍ତିଙ୍କୁ ପ୍ରାଥମିକ ଦେବତା ଭାବରେ ଅବହିତ କରାଯାଏ ସେମାନଙ୍କର ନାରୀ ପ୍ରତିମାମାନେ ହେଲେ ସରସ୍ୱତୀ, ଲକ୍ଷ୍ମୀ ଏବଂ ପାର୍ବତୀ । ସରସ୍ୱତୀଙ୍କୁ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ଭାବରେ ପୂଜନ କରାଯାଏ ତା ସହିତ ସେ ମଧ୍ୟ ହେଉଛନ୍ତି କଳା, ସାହିତ୍ୟ, ସଂଗୀତର ଦେବୀ । ସେହି କ୍ରମରେ ଧନ ବା ବୈଭବର ଦେବୀ ହେଉଛନ୍ତି ମହାଲକ୍ଷ୍ମୀ ଏବଂ ଶୌର୍ଯ୍ୟ ଓ ଶକ୍ତିର ଅଧିଷ୍ଠାତ୍ରୀ ମା ପାର୍ବତୀ। ମହେଶ ଓ ପାର୍ବତୀଙ୍କ ଦୁଇପୁତ୍ର ଗଣେଶ ଓ କାର୍ତ୍ତିକେୟ ମଧ୍ୟ ଜ୍ଞାନ ଓ ବୀରତ୍ୱର ଦେବତା ଭାବରେ ପୂଜିତ।

ହିନ୍ଦୁ ଧର୍ମ ବହୁଧା ବିଭକ୍ତ, ଯେପରି ବୈଷ୍ଣବ, ଶୈବ, ଶାକ୍ତ ଓ ସ୍ମାର୍ତ୍ତ ଏବଂ ଗାଣପତ୍ୟ – ଏପରି ବହୁ ମତବାଦ ମଧ୍ୟରେ ଦେବାଦେବୀଙ୍କର ବହୁ ନାମ ସୃଷ୍ଟି ହୋଇଯାଇଛି ଏବଂ ଅବତାରବାଦକୁ ଆଶ୍ରାକରି ଆହୁରି ଅନେକ ଦେବତା ସମୟକ୍ରମେ ସେ ତାଲିକାକୁ ଦୀର୍ଘ କରିଦେଇଛନ୍ତି – ଏଗୁଡ଼ିକୁ ଗଭୀର ଭାବରେ ଅଧ୍ୟୟନ ନ କରି ଉପର ଠାଉରିଆ ଭାବରେ ଏ ସବୁର ଅବମୂଲ୍ୟାୟନ କରିବା ନିତାନ୍ତ ଅନ୍ୟାୟ ।

ସନାତନ ହିନ୍ଦୁ ଧର୍ମରେ ଏକ ବିଶାଳ କ୍ୟାବିନେଟ୍ ପରି ଏହାର ବହୁଳ ଦେବାଦେବୀ । ସେଇ ଦୃଷ୍ଟିରୁ ଏହି ଧର୍ମରେ ଏକ ଗଣତାନ୍ତ୍ରିକ ଧାରା ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ – ଯେମିତି ଆଜି ଆମେ ବିତ୍ତମନ୍ତ୍ରୀ କହିଲେ ସେ ସମଗ୍ର ଅର୍ଥରାଶି ଆଦାୟ ଓ ଖର୍ଚ୍ଚର ଦାୟିତ୍ୱରେ ସେହିପରି ମହାଲକ୍ଷ୍ମୀ ହେଉଛନ୍ତି ଏହି ତାତ୍ତ୍ୱିକ ଜଗତର ବିତ୍ତମନ୍ତ୍ରୀ ଏବଂ ସେହି କ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ହେଉଛନ୍ତି ପାର୍ବତୀ ଯାହାଙ୍କର ଅନ୍ୟ ଏକ ନାଁ ହେଲା ଦୁର୍ଗା, ଦୁର୍ଗତିରୁ ସେ ରକ୍ଷା କରିଥାନ୍ତି ।

**ଭାରତୀୟ ଦର୍ଶନରେ ମଧ୍ୟ ଅନ୍ୟ ଧର୍ମ ପରି ବ୍ରହ୍ମନ୍‌ଙ୍କୁ ଆଧ୍ୟାତ୍ମ ଜଗତର କେନ୍ଦ୍ର ଭାବରେ ଅବହିତ କରାଯାଏ । ତାଙ୍କୁ ଆମେ ପରମପିତା ବା ପରମେଶ୍ୱର ବୋଲି ମଧ୍ୟ କହିପାରିବା– ମାତ୍ର ସେ ଅନାଦି ଓ ଅନନ୍ତ– ତାଙ୍କୁ ଚିନ୍ତା କରାଯାଇ ପାରିବ ନାହିଁ, ସେ ଅଚିନ୍ତ୍ୟ– ଏଣୁ ଅନାଦି ଅନନ୍ତ ପରମେଶ୍ୱରଙ୍କ ସାନ୍ନିଧ୍ୟ ପାଇଁ ହିନ୍ଦୁ ଦର୍ଶନରେ ବହୁ ଦେବାଦେବୀଙ୍କ ବର୍ଣ୍ଣନା ରହିଛି । ସେମାନଙ୍କର ନିର୍ଦ୍ଦିଷ୍ଟ ରୂପ ରହିଛି ଏବଂ ତା' ସହିତ ସେମାନଙ୍କ ବିବିଧ ପୂଜାବିଧି ।**

ଯେଉଁମାନଙ୍କ ଠାରୁ ମଣିଷ କ୍ରମାଗତ ଉପକାର ପାଉଥିଲା, ସେଇମାନଙ୍କୁ ସମ୍ମାନ ଦେଉଥିଲା ଏପରିକି ପ୍ରତି ଘରେ କୁଳଦେବୀ, ଗ୍ରାମରେ ଗ୍ରାମଦେବୀ ଏବଂ ରାଷ୍ଟ୍ରରେ ରାଷ୍ଟ୍ରଦେବତାଙ୍କ ପରିକଳ୍ପନା କରାଯାଇଥିଲା। ପରମପିତାଙ୍କ ଉଦ୍ଦେଶ୍ୟରେ ନିଜର କୃତଜ୍ଞତା ପ୍ରକାଶ କରିବା ପାଇଁ ବିବିଧ ଦେବତାଙ୍କୁ ପୂଜା କରାଯାଉଥିଲା ମାତ୍ର ସବୁ ପ୍ରାର୍ଥନାର ଶେଷ ଠିକଣା ଥିଲା ସେଇ ପରଂବ୍ରହ୍ମଙ୍କ ଠାରେ । ତେଣୁ ଭାରତୀୟ ଦର୍ଶନରେ ବ୍ରହ୍ମ ଏକ ହେଲେ ମଧ୍ୟ ତାଙ୍କୁ ବହୁ ନାମରେ ପୂଜାର୍ଚ୍ଚନା କରାଯାଉଥିଲା ।

କେବଳ ନିର୍ଦ୍ଦିଷ୍ଟ ଦେବାଦେବୀ ଭିତରେ ସୀମିତ ନ ଥିଲା ଏଇ ଭାବନା – ପିତାମାତା ଗୁରୁ ଏବଂ ଅତିଥି ମଧ୍ୟ ଥିଲେ ପୂଜ୍ୟ – ତେଣୁ ସେତେବେଳେ କୁହାଯାଉଥିଲା ପିତୃ ଦେବୋ ଭବ – ମାତୃ ଦେବୋ ଭବ, ଆଚାର୍ଯ୍ୟ ଦେବୋ ଭବ, ଅତିଥି ଦେବୋ ଭବ।

ଏହି ପରମ୍ପରା ଭିତରେ ମଣିଷ କୃତଜ୍ଞତା ଭାବରେ ନମ୍ର ହେଉଥିଲା । ଅହଂକାର ତା ଭିତରକୁ ପ୍ରବେଶ କରୁ ନଥିଲା । ତା ଭିତରେ ସାତ୍ତ୍ୱିକ ଭାବର ଉନ୍ମେଷ ଏବଂ ଉତ୍ତରଣ ଘଟୁଥିଲା – ରାଜସିକ ଓ ତାମସିକ ଭାବ କ୍ରମଶଃ ହ୍ରାସ ପାଉଥିଲା। ଏକ ଆନନ୍ଦମୟ ପରିବେଶ ସୃଷ୍ଟି ଦିଗରେ ତାହା ଥିଲା ଏକ କ୍ରମିକ ଆତ୍ମବିକାଶର ଧାରା।

ତେଣୁ ହିନ୍ଦୁ ଧର୍ମରେ ଯେଉଁ ଦେବାଦେବୀଙ୍କ ବିଷୟରେ ଆଲୋଚନା ହୋଇଥିଲା ସେଗୁଡ଼ିକ ତୁଚ୍ଛା କଳ୍ପନା ନ ଥିଲା, ସେଗୁଡ଼ିକ ଥିଲା ଯୁକ୍ତିଭିତ୍ତିକ ଓ ତାତ୍ତ୍ୱିକ । ଏକ ନ୍ୟାୟ ଓ ସତ୍ୟ ସମ୍ବଳିତ ସମାଜ ଗଠନରେ ତାହା ପୃଷ୍ଠଭୂମି ପାଲଟିଥିଲା। ମାତ୍ର ସେଥିରୁ ବିଚ୍ୟୁତ ହେବା ଫଳରେ ଆଧୁନିକ ମଣିଷ ପଥଭ୍ରଷ୍ଟ ହୋଇ ଅହଂକାରୀ ପାଲଟିଛି ଏବଂ ତାର ଆତ୍ମିକ ଉନ୍ନତି ବରଂ ବିପରୀତମୁଖୀ ହୋଇଛି ।

ଅନେକଙ୍କର ଧାରଣା ଚତୁର୍ଥାବସ୍ଥା ହେଲେ ଯାଇ ଧର୍ମ ଚର୍ଯ୍ୟା କରାଯାଇପାରିବ । ମାତ୍ର ଜୀବନର ସବୁକିଛି କ୍ରମାନ୍ୱୟରେ ଓ ସମନ୍ୱୟରେ କରାଯିବାର ଆବଶ୍ୟକତା ରହିଛି। ତେଣୁ କୁହାଯାଇଛି–

*'ପ୍ରଥମେ ନା ର୍ଜିତା ବିଦ୍ୟା,*
*ଦ୍ୱିତୀୟେ ନାର୍ଜିତଂ ଧନଂ ତୃତୀୟେ ନାର୍ଜିତଂ ପୁଣ୍ୟଂ,*
*ଚତୁର୍ଥେ କିଂ କରିଷ୍ୟତି ।'*

ଭାରତୀୟ ପୁରାଣ ସାହିତ୍ୟକୁ ଅବୈଜ୍ଞାନିକ ତଥା କେବଳ ଅନ୍ଧବିଶ୍ୱାସର ପୀଠସ୍ଥଳ ବୋଲି ଅବଧାରଣା କରିବା ପୂର୍ବରୁ ଏଥିରେ ଗଭୀର ଅଧ୍ୟୟନ ଓ ଅନୁଧ୍ୟାନର ଆବଶ୍ୟକତା ରହିଛି । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାଷାରେ ଭାରତ କେବଳ ଏକ ଭୌଗୋଳିକ ପରିଚିତି ନୁହେଁ । ଏହା ଏକ ଆଧ୍ୟାତ୍ମ ବ୍ୟବସ୍ଥିତି । ତେଣୁ ଆଧ୍ୟାତ୍ମ ସାହିତ୍ୟକୁ ଗଭୀର ଅବବୋଧ ସହିତ ଅନୁଧ୍ୟାନ ନ କରି ଶସ୍ତା ମନ୍ତବ୍ୟ ଦେବା ଏକ ଅକ୍ଷମଣୀୟ ଅପରାଧ ।

**ମୋ– ୯୪୩୮୪୮୨୯୧୧**
**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଓ ଜଣେ ସୁଲେଖକ)**

# ଜୈବିକ କୃଷିର ଭବିଷ୍ୟତ



**ବିଦ୍ୟାଧର ମହାରଣା**

ରାସାୟନିକ କୃଷିର ବିଫଳତା ଓ ପରିବେଶଜନିତ ସମସ୍ୟାଗୁଡ଼ିକର ମୁକାବିଲା କରିବା ସହିତ ବିଷମୁକ୍ତ ପ୍ରାକୃତିକ ଓ ଜୈବିକ କୃଷି ଉପରେ ବର୍ତ୍ତମାନ ବିଶେଷ ଧ୍ୟାନ ଦିଆଯାଉଛି । କାରଣ ରାସାୟନିକ ପ୍ରଣାଳୀରେ କରାଯାଉଥିବା ଚାଷଯୋଗୁଁ ମୃତ୍ତିକା ଅବକ୍ଷୟ, ମୃତ୍ତିକା ସ୍ୱାସ୍ଥ୍ୟହାନି, ପରିବେଶ ପ୍ରଦୂଷଣ, ଉତ୍ପାଦିତ ଖାଦ୍ୟରେ ଅଧିକ ବିଷାବଶେଷ , କୃଷକ ଋଣଗ୍ରସ୍ତତା ବୃଦ୍ଧି ସହିତ ଆଶାନୁରୂପ ଆୟ ନମିଳିବା ଅଭିଯୋଗ ହେଉଛି । ଏହାର ନିରାକରଣ ସହିତ ମଣିଷ ଓ ପ୍ରାଣୀ ଅନୁକୂଳ ଖାଦ୍ୟ ଉତ୍ପାଦନ ପାଇଁ ସରକାର ଚେଷ୍ଟିତ । ଯେଉଁ ଯୁକ୍ତିରେ ଜୈବିକକୃଷି ପ୍ରତି ଅଧିକ ଆଗ୍ରହ ପ୍ରକାଶ ପାଉଛି ସେଥିରେ ପ୍ରଥମ କଥା ହେଲା ମୃତ୍ତିକାର ସ୍ୱାସ୍ଥ୍ୟରକ୍ଷା । ବାରମ୍ବାର ଫସଲରେ ରାସାୟନିକ ସାର ପ୍ରୟୋଗ ଫଳରେ ମୃତ୍ତିକାରୁ ଜୈବିକ ଅଙ୍ଗାର ପରିମାଣ ଅବିରତ ଭାବରେ ହ୍ରାସ ପାଉଛି । ମୃତ୍ତିକାସ୍ଥ ଉପକାରୀ ଅଣୁଜୀବ ବଂଶ ବହୁ ପରିମାଣରେ କମିଯିବା ଯୋଗୁଁ ମୃତ୍ତିକା କ୍ରମଶଃ ଅନୁର୍ବର ହେଉଛି । ଏଣୁ ଅଧିକ ପରିମାଣରେ ରାସାୟନିକ ସାର ଆବଶ୍ୟକ ହେଉଛି ।

ଅପର ପକ୍ଷରେ ଜୈବିକ କୃଷିରେ କେବଳ ଜୈବିକ ଖତ, ସବୁଜ ସାର, ବାୟୋସାର ପ୍ରୟୋଗ ସହିତ ଫସଲ ପର୍ଯ୍ୟାୟ ଅନୁସରଣ ଫଳରେ ମୃତ୍ତିକାର ଅଣୁଜୀବ ସଂଖ୍ୟା ଓ ଜଳ ଧାରଣ ଶକ୍ତି ବୃଦ୍ଧିପାଏ । ମୃତ୍ତିକାର ସ୍ୱାସ୍ଥ୍ୟରକ୍ଷା ହୋଇଥାଏ । ମୃତ୍ତିକା ସୁସ୍ଥ ରହିଲେ ଏହା ଜଳବାୟୁ ପରିବର୍ତ୍ତନ ଓ ରୋଗପୋକ ଆକ୍ରମଣକୁ ସହ୍ୟ କରେ । ଜୈବିକ କୃଷି ରାସାୟନିକ ସମାଗ୍ରୀ ଉପରେ ନିର୍ଭରଶୀଳ ହେଉନଥିବାରୁ ଆମ ଦେଶର ୮୫ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏହି ଚାଷ ଦ୍ୱାରା ବାହ୍ୟ ସାମଗ୍ରୀ ଉପରେ ଅଧିକ ବ୍ୟୟ ନକରି ଚାଷଖର୍ଚ୍ଚ କମାଇ ପାରିବେ ।

ଏହାଦ୍ୱାରା ସେମାନେ କୃଷିଋଣ ନକରି ଋଣଗ୍ରସ୍ତତାରୁ ମୁକ୍ତି ପାଇବେ । ଆଜିକାଲି ଉପଭୋକ୍ତାମାନେ ବିଷମୁକ୍ତ ନିରାପଦ ଖାଦ୍ୟପ୍ରତି ଅଧିକ ସଚେତନ ହେଲେଣି । ଏଣୁ ଜୈବିକଚାଷର ଉତ୍ପାଦ ଅଧିକ ମୂଲ୍ୟରେ ବିକ୍ରି ହେଉଛି । ବିଶ୍ୱ ବଜାରରେ ଜୈବିକ ଚାଉଳ, ପନିପରିବା, ଫଳ, କପା ଓ ତୈଳବୀଜ ପ୍ରିମିୟମ୍ ମୂଲ୍ୟରେ ବିକ୍ରୟ ହେଉଥିବାରୁ ଜୈବିକ ଉତ୍ପାଦଗୁଡିକର ରପ୍ତାନୀ ସୁଯୋଗ ରହିଛି ।

ଜୈବିକ କୃଷିରୁ ଯେଉଁସବୁ ଲାଭ ମିଳୁଛି ସେଗୁଡିକ ମଧ୍ୟରେ ମୃତ୍ତିକାରୁ ସ୍ୱାସ୍ଥ୍ୟବୃଦ୍ଧି ଓ ଅର୍ଥନୈତିକ ଫାଇଦା ପ୍ରଧାନ । ଜୈବିକ କୃଷିରେ କୀଟନାଶକ ବ୍ୟବହାର ନକରି ଫସଲ ପର୍ଯ୍ୟାୟ, ମିଶ୍ରିତ କୃଷି, କୃଷି ବିବିଧିକରଣ ସହିତ ଜୈବ କୀଟନାଶକ ପ୍ରୟୋଗ କରାଯାଉ ଥିବାରୁ ରୋଗପୋକ ନିୟନ୍ତ୍ରିତ ହେବା ସହିତ ପରିବେଶ ନିରାପଦ ରହେ ।

ଜୈବିକ କୃଷି ଯୋଗୁଁ ଫସଲ ଜଳବାୟୁ ସହନଶୀଳ ହେବାର ଜଣାଯାଏ । ଏହିସବୁ କାରଣରୁ ସରକାର ୨୦୦୪ ମସିହାରେ ଜୈବିକ କୃଷି ରାଷ୍ଟ୍ରୀୟ ମିଶନ, ୨୦୧୫ ମସିହାରେ ପରମ୍ପରା ଗତ କୃଷି ବିକାଶ ଯୋଜନା, ୨୦୧୮ ମସିହାରେ ଜୈବିକ କୃଷି ମୂଲ୍ୟ ଶୃଙ୍ଖଳ ବିକାଶ ମିଶନ ପରି କାର୍ଯ୍ୟକ୍ରମ ମାଧ୍ୟମରେ କୃଷକମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି । ଜୈବିକ କୃଷି ଉତ୍ପାଦଗୁଡିକର ପ୍ରାମାଣିକରଣ ପାଇଁ ବିଧି ବ୍ୟବସ୍ଥା କରାଯାଇଛି । ରାଜ୍ୟ ସରକାରମାନେ ମଧ୍ୟ ଜୈବିକ କୃଷି ମିଶନ ଆରମ୍ଭ କଲେଣି । ନୀତି ଆୟୋଗ ପ୍ରକାଶ କରିଛନ୍ତି ଯେ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ଗୁଜରାଟର କୃଷକ ଜୈବିକ କୃଷି ଦ୍ୱାରା ୩୦–୫୦ ପ୍ରତିଶତ କୃଷିସମାଗ୍ରୀ ଖର୍ଚ୍ଚ ହ୍ରାସ କରୁଛନ୍ତି ।

**୨୦୫୦ ବେଳକୁ ଭାରତର ଲୋକସଂଖ୍ୟା ୧୬୦ କୋଟି ହୋଇପାରେ ଏବଂ ଏମାନଙ୍କ ପାଇଁ ୪୦୦–୫୦୦ ନିୟୁତ ଟନ୍ ଖାଦ୍ୟଶସ୍ୟ ଆବଶ୍ୟକ ହୋଇପାରେ । ଏତିକି ଖାଦ୍ୟଶସ୍ୟ କଣ ଜୈବିକ କୃଷି ଯୋଗାଇ ପାରିବ? ସିକିମ ଓ ଶ୍ରୀଲଙ୍କା ଜୈବିକ କୃଷି ପାଇଁ ସମସ୍ତ ଉଦ୍ୟମ କରିଥିଲେ ମଧ୍ୟ ଏଥିରେ ବିଫଳ ହୋଇଛନ୍ତି ।**

ବହୁ ଲୋକଙ୍କ ମତରେ, ଜୈବିକ କୃଷି ଆମର ବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତା କ'ଣ ପୂରଣ କରିପାରିବ? ଭାରତ ବର୍ତ୍ତମାନ ବିଶ୍ୱର ସବୁଠାରୁ ଜନବହୁଳ ରାଷ୍ଟ୍ର । ଯେଉଁ ଭଳି ହାରରେ ଜନସଂଖ୍ୟା ବୃଦ୍ଧିପାଉଛି ସେହି ହାରରେ ଜୈବିକ କୃଷିରୁ ଖାଦ୍ୟ ଉତ୍ପାଦନ ବୃଦ୍ଧି ହୋଇ ନପାରେ । କାରଣ ଆମେ ଯେତିକି ଉତ୍ପାଦନ ଆଶା କରିବା ସେତିକି ଉତ୍ପାଦନ ଜୈବିକ କୃଷିରୁ ମିଳିବ ନାହିଁ । ୨୦୫୦ ବେଳକୁ ଭାରତର ଲୋକସଂଖ୍ୟା ୧୬୦ କୋଟି ହୋଇପାରେ ଏବଂ ଏମାନଙ୍କ ପାଇଁ ୪୦୦–୫୦୦ ନିୟୁତ ଟନ୍ ଖାଦ୍ୟଶସ୍ୟ ଆବଶ୍ୟକ ହୋଇପାରେ ।

ଏତିକି ଖାଦ୍ୟଶସ୍ୟ କଣ ଜୈବିକ କୃଷି ଯୋଗାଇ ପାରିବ? ସିକିମ ଓ ଶ୍ରୀଲଙ୍କା ଜୈବିକ କୃଷି ପାଇଁ ସମସ୍ତ ଉଦ୍ୟମ କରିଥିଲେ ମଧ୍ୟ ଏଥିରେ ବିଫଳ ହୋଇଛନ୍ତି ।

ସବୁଜ ବିପ୍ଳବ ପାଇଁ ବାଙ୍ଗର ଗହମ ବିହନ ଉଦ୍ଭାବକ ନୋବେଲ ବିଜେତା ସ୍ୱର୍ଗତ ନର୍ମାନ ବୋର୍ଲାଗ କହିଥିଲେ, ଜୈବିକ କୃଷି କେବେହେଲେ ବିଶ୍ୱର ଖାଦ୍ୟଶସ୍ୟ ଆବଶ୍ୟକତା ପୂରଣ କରି ପାରିବ ନାହିଁ । ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ପ୍ରକାଶ କରିଛନ୍ତି ଯେ ରାସାୟନିକ କୃଷି ଯୋଗୁଁ ମୃତ୍ତିକା ଯେପରି ଅବକ୍ଷୟ ହେଉଛି ଜୈବିକକୃଷି ଯୋଗୁଁ ଏହାର ପୁନରୁତ୍ଥାନ ପାଇଁ ତିନିରୁ ପାଞ୍ଚ ବର୍ଷ ଲାଗିପାରେ ଓ ଏହି ସମୟରେ ୩୦–୫୦ ପ୍ରତିଶତ ଅମଳ କମି ଯାଇପାରେ । ଜୈବିକ କୃଷି ମଧ୍ୟ କେତେକ ଜୈବିକ ସାର ଓ କୀଟନାଶକ ପ୍ରସ୍ତୁତ କରିବା ପାଇଁ ଅଧିକ ଶ୍ରମବଳ ଆବଶ୍ୟକ କରୁଥିବାରୁ ଚାଷଖର୍ଚ୍ଚ ସାମାନ୍ୟ ବୃଦ୍ଧି ପାଇପାରେ ।

ଜୈବିକ କୃଷିର ଅମଳ ହାର ରାସାୟନିକ କୃଷି ଅପେକ୍ଷା କମ୍ ହେଉଥିବାରୁ ଆମକୁ ଅଧିକ ଜମିରେ ଚାଷ କରିବାକୁ ପଡିପାରେ, ଯାହାକି ସମ୍ଭବ ହୋଇ ନପାରେ । ଏହାପାଇଁ ହୁଏତ ଜଙ୍ଗଲ ସଫାକରି ଚାଷଜମିରେ ପରିଣତ କରିବା ଆବଶ୍ୟକ ହୋଇପାରେ, କିନ୍ତୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ଏହା ଗ୍ରହଣୀୟ ନୁହେଁ । ପ୍ରଥମ ଦୁଇ ତିନି ବର୍ଷ ଅମଳ ଆଶାନୁରୂପ ନହେଲେ ମଧ୍ୟ ପରବର୍ତ୍ତୀ ବର୍ଷମାନଙ୍କରେ ଉତ୍ପାଦନ ବୃଦ୍ଧି ପାଇପାରେ । ସେଥିପାଇଁ ଅବଶ୍ୟ ଆମକୁ ଅଧିକ ପରିମାଣରେ ଜୈବିକ ଖତ ପ୍ରୟୋଗ କରିବାକୁ ହେବ । ବର୍ତ୍ତମାନ ଭାରତରେ ମାତ୍ର ଦୁଇ ପ୍ରତିଶତ ଜମିରେ ଜୈବିକ କୃଷି ହେଉଛି । ଦେଶର ପ୍ରାୟ ୨୨ ଲକ୍ଷ କୃଷକ ୪୫ ଲକ୍ଷ ହେକ୍ଟର ଜମିରେ ଜୈବିକ କୃଷି କରୁଛନ୍ତି ।

ଜୈବିକ କୃଷିରେ ପାଞ୍ଚଟି ମୁଖ୍ୟ ଅସୁବିଧା ଦୃଷ୍ଟିଗୋଚର ହୁଏ । ପ୍ରଥମରେ ଏହି କୃଷିରେ ଅମଳ ହାର ଅପେକ୍ଷାକୃତ କମିଥାଏ । ଜୈବିକ କୃଷିରେ ଘାସ ବଛା, ଜୈବ ସାର ଓ ଜୈବ କୀଟନାଶକ ପ୍ରସ୍ତୁତ କରିବା ପାଇଁ ଅଧିକ ଶ୍ରମିକ ଆବଶ୍ୟକ କରେ ।

ଫଳରେ ଚାଷ ଖର୍ଚ୍ଚ ବଢିଯାଏ । ଜଳବାୟୁ ପରିବର୍ତ୍ତନ ହେଲେ ଜୈବିକ କୃଷିରେ ମଧ୍ୟ ଅଧିକ ରୋଗପୋକ ଦେଖା ଦେଇପାରେ । ଜୈବିକ ପ୍ରଣାଳୀରେ ଏଗୁଡିକ ନିରାକରଣ କରିବା ବେଳେ ବେଳେ ସମ୍ଭବ ହେଉନାହିଁ ଯାହାଫଳରେ ଅମଳ ହ୍ରାସ ପାଏ ।

ଜୈବିକ କୃଷି ଉତ୍ପାଦଗୁଡିକର ପ୍ରାମାଣୀକରଣ ଏକ ଜଟିଳ ପ୍ରକ୍ରିୟା ଏବଂ ବ୍ୟୟସାପେକ୍ଷ । ସେହି ଅନୁପାତରେ ଚାଷୀ ଅଧିକ ମୂଲ୍ୟ ନପାଇଲେ ହତୋତ୍ସାହିତ ହେବା ସ୍ୱାଭାବିକ । ଜୈବିକ କୃଷିରୁ ଉତ୍ପନ୍ନ ହୋଇଥିବା ଉତ୍ପାଦଗୁଡିକର ପଚନଶୀଳତା ଯୋଗୁଁ ଚାଷୀମାନେ ଏହାକୁ ଶୀଘ୍ର ବିକ୍ରୟ କରି ଦିଅନ୍ତି । ଏହାଦ୍ୱାରା ସେମାନଙ୍କ ଲାଭ କମିଯାଏ ।

ଏହା ସତ୍ତ୍ୱେ ଭାରତରେ ଜୈବିକ କୃଷିର ଭବିଷ୍ୟତ ଉଜ୍ଜ୍ୱଳ ମନେହୁଏ । ଏହି ଚାଷକୁ ବ୍ୟାପକ କରିବାକୁ ହେଲେ ଶୀତଳ ଭଣ୍ଡାର, ପ୍ରାମାଣୀକରଣ ପରି ଭିତ୍ତିଭୂମିଗୁଡିକ ଅଧିକ ସୁଦୃଢ ହେବା ଆବଶ୍ୟକ । କାରଣ ଜୈବିକ କୃଷି ଉତ୍ପାଦର ୭୦ ପ୍ରତିଶତ ସ୍ଥାନୀୟ ବଜାରରେ ବିକ୍ରୟ ହେଉଛି । ଆଦିବାସୀ ଅଞ୍ଚଳରେ ପ୍ରଚୁର ପରିମାଣରେ ଜୈବିକ ପଦାର୍ଥ ମିଳୁଥିବାରୁ ଓ ଆଦିବାସୀ କୃଷକ ରାସାୟନିକ ପଦ୍ଧତି ଅବଲମ୍ବନ କରୁ ନଥିବାରୁ ଏହି ଅଞ୍ଚଳରେ ସ୍ୱାଭାବିକ ଭାବରେ ଜୈବିକ କୃଷି ଅବଲମ୍ବନ କରି କୃଷି ଉତ୍ପାଦଗୁଡ଼ିକ ପ୍ରାମାଣିକ କରିବା ଆବଶ୍ୟକ ।

ସରକାରୀ ପ୍ରୋତ୍ସାହନ ଦ୍ୱାରା, ଅଧିକ ପ୍ରଯୁକ୍ତିବିଦ୍ୟା ପ୍ରଗତି ଓ ଉପଭୋକ୍ତାଙ୍କ ଚାହିଦା ବୃଦ୍ଧି ହେଲେ ନିଶ୍ଚିତ ଭାବରେ କୃଷକମାନେ ଅଧିକ ଜମିରେ ଏହି ଚାଷ କରିବେ । ଜୈବିକ କୃଷି ଜଳବାୟୁ ସହନଶୀଳ ହୋଇଥିବାରୁ ଓ ଚାଷ ଖର୍ଚ୍ଚ ହ୍ରାସ ପାଇ ଅଧିକ ଲାଭଦାୟକ ହେଉଥିବାରୁ ଏହି ଚାଷ ପାଇଁ ଆଗ୍ରହ ବଢିବା ସ୍ୱାଭାବିକ । ଜୈବିକ କୃଷିପଦ୍ଧତି ସହିତ ଆଧୁନିକ କୃଷିକୁ ସମ୍ମିଶ୍ରଣ କରି ସମନ୍ୱିତ ପୋଷକ ଯୋଗାଣ ପରିଚାଳନା, ସମନ୍ୱିତ ରୋଗପୋକ ପରିଚାଳନା, ସମନ୍ୱିତ ଜଳ ଓ ଫସଲ ପରିଚାଳନା କରାଗଲେ ବହୁ ସମସ୍ୟାର ସମାଧାନ ହୋଇପାରିବ । କୃଷି ଓ ଉଦ୍ୟାନ ଫସଲ ପାଇଁ କେବଳ ରାସାୟନିକ ସାର ବ୍ୟବହାର ନକରି ୪୦ ପ୍ରତିଶତ ଜୈବିକ ସାର ଓ ୬୦ ପ୍ରତିଶତ ସନ୍ତୁଳିତ ରାସାୟନିକ ସାର ପ୍ରୟୋଗ କରାଯାଇ ପାରିବ ।

ସେହିପରି ଫସଲରେ ରୋଗପୋକ ନିୟନ୍ତ୍ରଣ ପାଇଁ ବିଷାକ୍ତ କୀଟ ଓ ରୋଗ ନାଶକ ପରିବର୍ତ୍ତେ ରୋଗପୋକ ସହନଶୀଳ କିସମ ବ୍ୟବହାର, ଭୌତିକ ନିୟନ୍ତ୍ରଣ, ଚାଷ ନିୟନ୍ତ୍ରଣ ଓ ଜୈବିକ କୀଟନାଶକ ବ୍ୟବହାର କରାଯାଇ ପାରିବ । କ୍ଷେତ୍ରରେ ଧାନ ଓ ଗହମ ପରି ଗୋଟିଏ ଫସଲ ବାରମ୍ବାର ଚାଷ ନକରି ବିଭିନ୍ନ ଫସଲ ପର୍ଯ୍ୟାୟ କ୍ରମରେ ଚାଷ କରାଯାଇ ପାରିବ । ଏପରି ପରିବର୍ତ୍ତିତ କୃଷି କୌଶଳ ଅନୁସରଣ କଲେ ଆମର କୃଷିରେ ନିରନ୍ତର ବିକାଶ ହେବା ସହିତ ମୃତ୍ତିକା, ପରିବେଶ ଓ ଆମର ସ୍ୱାସ୍ଥ୍ୟପ୍ରତି କୌଣସି ବିପଦ ସୃଷ୍ଟି ହେବନାହିଁ । ଆଧୁନିକ ପ୍ରଯୁକ୍ତିବିଦ୍ୟା ହିସାବରେ ପରିଶୁଦ୍ଧ କୃଷି, କୃଷି ଓ ବ୍ଲକ୍ ଚେନ୍ ସହିତ ଜୈବିକ କୃଷିର ସମନ୍ୱୟ କରାଗଲେ ଏହା ଅଧିକ ଫଳପ୍ରଦ ହୋଇପାରିବ ।

**କଳିଙ୍ଗନଗର ୭/୪୫୨**
**ଭୁବନେଶ୍ୱର, ୭୫୧୦୨୯**
**ମୋ–୯୪୩୭୦୭୧୧୯୦**
bidyadhar.mgmail.com

# ଯୁବକଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ : ପନିକିରେ ହାଣି ଚଢ଼ାଇଲେ ବୁଲେଟ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ଗୋଲବଜାର ନିକଟ ହାଟଛକ ମାଛ ମାର୍କେଟଠାରେ ଶନିବାର ସକାଳ ପ୍ରାୟ ୮ଟା୪୫ରେ ଏକ ଅଭାବନୀୟ ଘଟଣା ଘଟିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଛି । ଯୁବକଜଣଙ୍କୁ ପ୍ରଥମେ ପନିକିରେ ଆକ୍ରମଣ କରାଯାଇ ସେ ତଳେ ପଡ଼ି ଯିବାପରେ ତାଙ୍କ ଉପରେ ବୁଲେଟ ଚଢ଼ାଇ ଦିଆଯାଇଥିଲା । ଏ ନେଇ ମୃତ ବଡ଼ଭାଇ ସୌମ୍ୟରଞ୍ଜନ ଭାରିମଲ୍ଲ କଣାସ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାରିମଲ୍ଲ (ଇଲୁ) ମାଛ କିଣିବା ପାଇଁ ଯାଇଥିବାବେଳେ ଯୋଜନାବଦ୍ଧ ଭାବେ ଚାନ୍ଦପଡ଼ା ଗ୍ରାମର ସୁଧାଂଶୁ ମହାପାତ୍ର (ହାପି)ର ନିର୍ଦ୍ଦେଶ କ୍ରମେ ଦୋକନ୍ଦା ଗ୍ରାମର ଧର୍ମେନ୍ଦ୍ର ବଡ଼ଜେନା , ପୁରୀ ଚନ୍ଦନପୁରର ଅକ୍ଷୟ ରାଉତ (ଅଖି), ସହନା ଗ୍ରାମର ଚନ୍ଦ୍ରକାନ୍ତ ଜେନା ,ତେନ୍ତୁଳିମୂଳ ଗ୍ରାମର ପିଣ୍ଟୁ ଗଜେନ୍ଦ୍ର ଓ ପୁରୀ ଚନ୍ଦନପୁରର ସୋନୁ ନାମକ ଯୁବକ ମୃତ୍ୟୁଞ୍ଜୟ ଭାରିମଲ୍ଲଙ୍କ ସହିତ ଯୁକ୍ତି ତର୍କ କରି ଭିଡା ଓଟରା କରିବା ସମୟରେ ଦୋକନ୍ଦା ଗ୍ରାମର ଧର୍ମେନ୍ଦ୍ର ବଡ଼ଜେନା ମାଛ କଟାଳିଙ୍କ ପନିକି ଛଡାଇଆଣି ମୃତ୍ୟୁଞ୍ଜୟ ଗୋଡ଼କୁ ହାଣି ଦେବାରେ ସେ ତଳେ ପଡିଯାଇଥିଲା । ଏହି ସମୟରେ ସୁଧାଂଶୁ ମହାପାତ୍ର (ହାପି) କଟୁରୀ ସାହାଯ୍ୟରେ ମୃତ୍ୟୁଞ୍ଜୟର ଦୁଇଟି ହାତକୁ ହାଣିଦେଇଥିଲା



। ରକ୍ତାକ୍ତ ଅବସ୍ଥାରେ ଛଟପଟ ହୋଇ ତଳେ ପଡି ଚିତ୍କାର କରୁଥିବା ସମୟରେ ପୁନଶ୍ଚ ଦୁର୍ବୃତ୍ତ ତିନିଜଣ ବସି ମୃତ୍ୟୁଞ୍ଜୟଙ୍କ ବେକ ଓ ଛାତି ଉପରେ ବୁଲେଟ ଚଡାଇ ଦେଇଥିଲେ ।ଏହି ସମୟରେ କଣାସ ଗ୍ରାମର ଗଣେଶ ପ୍ରଧାନ ଓ ଅନ୍ୟ ତିନି ଚାରିଜଣ ଉକ୍ତ ସ୍ଥାନକୁ କେହି ଆସନି ବୋଲି କହି ଅଶାଳୀନ ଭାଷାରେ ଗାଳି ଗୋଲଜ କରିଥିଲେ । ଦୀର୍ଘ ପ୍ରାୟ ୪୦ମିନିଟ ଧରି ଉକ୍ତ ସ୍ଥାନରେ ମୃତ୍ୟୁଞ୍ଜୟ ପଡ଼ିଥିଲେ ମଧ୍ୟ ଏହି ରାସ୍ତାଦେଇ ଶତାଧିକ ଲୋକେ ଯାଉଥିଲେ ମଧ୍ୟ ଦର୍ଶକଭାବେ ଏହି ଘଟଣା ଦେଖୁଥିଲେ କିନ୍ତୁ କେହି ଉଦ୍ଧାର କରିବାପାଇଁ ଆସିନଥିଲେ । ଖବରପାଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଓ କଣାସ ପୋଲିସ ମୃତ୍ୟୁଞ୍ଜୟଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିଲେ ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମସ ମେଡିକାଲକୁ ରେଫର କରିଥିଲେ । ବଡ଼ଭାଇ ସୋମ୍ୟରଞ୍ଜନ ଭାରିମଲ୍ଲ ଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି କଣାସ ଥାନାରେ ଏକ ମାମଲା ରୁଜୁକରାଯାଇଛି । ଏ ପର୍ଯ୍ୟନ୍ତ ପୋଲିସ ହାତ ଖାଲିଥିଲା ବେଳେ ଦୁର୍ବୃତ୍ତ ମାନଙ୍କୁ ଖୁବଶିଘ୍ର ଧରାଯିବାପାଇଁ ପିପିଲି ଏସ.ଡି.ପି.ଓ ଦେବାଶିଷ ମିଶ୍ର ଓ କଣାସ ଥାନା ଅଧିକାରୀ ଶୁଭେନ୍ଦୁ ଭୂଷଣ ମହାନ୍ତି କହିଛନ୍ତି ।

# ଇଣ୍ଟରନାସନାଲ ବୁକ୍ସ ଅଫ ରେକର୍ଡସରେ ଅଢ଼େଇ ବର୍ଷର କନ୍ୟା 'ଶ୍ରେୟାଂଶି'

ସାକ୍ଷୀଗୋପାଳ ,(ସବ୍ୟୁ): ନିଜର ବିଚକ୍ଷଣ ବୁଦ୍ଧି ଏବଂ ତତ୍କାଳ ସଠିକ ଉତ୍ତର ଦେଇଥିବା ଅଢ଼େଇ ବର୍ଷର ଶିଶୁକନ୍ୟା ଶ୍ରେୟାଂଶି ପଣ୍ଡା ଇଣ୍ଟରନାସନାଲ ବୁକ ଅଫ ରେକର୍ଡସରେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି । ପୂର୍ବରୁ ୨୦ ମାସର ଏହି ଶିଶୁ ଇଣ୍ଡିଆ ବୁକ ଅଫ ରେକର୍ଡସ ରେ ସ୍ଥାନ ପାଇଥିବା ବେଳେ ବର୍ତ୍ତମାନ ଭାରତର ୧୭ ଟି ରାଷ୍ଟ୍ରୀୟ ପ୍ରତୀକ ତ୍ୱରିତ ଚିହ୍ନିତ କରି ସଠିକ ଉତ୍ତର ଦେବାରେ ସଫଳ ହୋଇଛନ୍ତି । ଯାହା ଆମ ଐତିହ୍ୟ, ସଂସ୍କୃତି ଓ ପରିଚୟକୁ ପ୍ରତିନିଧିତ୍ୱ କରିଥାଏ । ସେଗୁଡ଼ିକ ମଧ୍ୟରେ ଜାତୀୟ ପତାକା, ଜାତୀୟ ମୋହର, ଜାତୀୟ ପକ୍ଷୀ, ମୁଦ୍ରା, ନଦୀ, ପାଞ୍ଜି, ଜନ୍ତୁ, ଜଳଚର ଜନ୍ତୁ, ଗୀତ, ସଙ୍ଗୀତ, ଫଳ, ଫୁଲ ଆଦି ଅନ୍ତର୍ଭୁକ୍ତ ରହିଛି । ଏହି କୃତିତ୍ୱ ପାଇଁ ଓ୍ୱାର୍ଲଡ ରେକର୍ଡସ ଅଫ ଏକ୍ସେଲେନ୍ସ ପ୍ରମାଣ ପତ୍ର ଓ ପଦକ ପ୍ରଦାନ ପୂର୍ବକ ଇଣ୍ଟରନାସନାଲ ବୁକ୍ସ ଅଫ ରେକର୍ଡସ ର ପ୍ରତିଷ୍ଠାତା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ଭିଗ ଶିଶୁ




ଟିକୁ ଉତ୍ସାହିତ କରିଛନ୍ତି । ସେହିପରି ସୁପର ଟାଲେଣ୍ଟେଡ କିଡ ପ୍ରତିଯୋଗୀତା ରେ ୩୫୦ ଟି ବିଭିନ୍ନ ପ୍ରଶ୍ନର ସଠିକ ଉତ୍ତର ଦେଇ ସୁପର ଟାଲେଣ୍ଟେଡ କିଡ ଆୱାର୍ଡ ପାଇଁ ମନୋନୀତ ହୋଇଛନ୍ତି । ସତ୍ୟବାଦୀ ଥାନା ଅନ୍ତର୍ଗତ ଇନ୍ଦିପୁର ଗ୍ରାମର କୁନିଝିଅ ଶ୍ରେୟାଂଶିର ମାତା ତପସ୍ୱିନି ପଣ୍ଡା ଓ ପିତା ଶିବଶଙ୍କର ପଣ୍ଡାଙ୍କ ପରିବାରରେ ଏଥିପାଇଁ ଖୁସିର ଲହରୀ ଖେଳିଯାଇଛି ।

# ଦୋକାନରେ ନିଆଁ ଲାଗି ସ୍ତ୍ରୀ ମୃତ , ସ୍ୱାମୀ ଗୁରୁତର

ଭାପୁର ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ରାଣୀଛେଳି ପଞ୍ଚାୟତ ଅଧିନ କଳପଙ୍ଗୀ ଗ୍ରାମରେ ଘଟିଛି ଏକ ହୃଦୟ ବିଦାରକ ଘଟଣା । ଦୋକାନରେ ନିଆଁ ଲାଗି ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ଗୁରୁତର ହୋଇ ଚିକିତ୍ସିତହେଉଛନ୍ତି । କଳପଙ୍ଗୀ ଗ୍ରାମର ଗୟାଧର ପରିଡ଼ା (୭୦) ଗ୍ରାମରେ ଏକ ଦୋକାନ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଇ ଆନ୍ତି । ଗୁରୁବାର ଦିନ ଅପରାହ୍ନରେ କାଳ ବୈଶାଖୀ ଯୋଗୁଁ ବିଦ୍ୟୁତ ନଥିବାରୁ ଶୁକ୍ରବାର ସନ୍ଧ୍ୟାରେ ଦୋକାନରେ ଲ=ନ ଲଗାଇ ବିକ୍ରି କରୁଥିଲେ । ପାଖରେ ଥିବା ପେଟ୍ରୋଲରେ ନିଆଁ ଲାଗି ଯାଇଥିଲା । ଫଳରେ ଦୋକାନ ଥିବା ତାଙ୍କ ସ୍ତ୍ରୀ ସୁବାସି ପରିଡ଼ା (୬୨) ଓ ଗୟାଧର ଉଭୟଙ୍କ ଦେହରେ ନିଆଁ ଲାଗି ପୋଡି ହୋଇ ଯାଇଥିଲେ । ଗ୍ରାମବାସୀ ଉଭୟଙ୍କୁ ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଭୁବନେଶର ସ୍ଥାନାନ୍ତରିତ କରିଥିଲେ । ରବିବାର ଦିନ କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ସୁବାସି ପରିଡ଼ାଙ୍କ ମୃତ୍ୟୁ ଘଟିଥିଲା । ଶୋକାକୁଳ ପରିବେଶରେ କଳପଙ୍ଗି ଶ୍ମଶାନରେ ଶବ ସତ୍କାର କରାଯାଇଥିବା ଜଣାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଭୋଟ୍...

ସୂଚନାଥାଉକି, ୨୦୨୬ ବିଧାନସଭା ନିର୍ବାଚନ ୯ ଏପ୍ରିଲରୁ ୨୯ ଏପ୍ରିଲ, ୨୦୨୬ ମଧ୍ୟରେ ଚାରୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା । କେରଳ, ଆସାମ ଏବଂ ପୁଡୁଚେରୀରେ ୯ ଏପ୍ରିଲରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ଦିଆଯାଇଥିଲା । ତାମିଲନାଡୁରେ ଏବଂ ବଙ୍ଗଳାରେ ପ୍ରଥମ ପର୍ଯ୍ୟାୟ ୨୩ ଏପ୍ରିଲରେ ନିର୍ବାଚନ ହୋଇଥିଲା । ୨୯ ଏପ୍ରିଲରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ହୋଇଥିଲା । ଭୋଟ୍ ଗଣନା ପାଇଁ ପ୍ରସ୍ତୁତି ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଛି ଏବଂ ପଶ୍ଚିମବଙ୍ଗରେ ମମତା ବାନାର୍ଜୀ କ୍ଷମତା ହାସଲ କରିବାରେ ସଫଳ ହେବେ କି ନାହିଁ ତାହା ଆସନ୍ତାକାଲି ଜଣାପଡିବ । ତାମିଲନାଡୁରେ ଡିଏମକେର ଏମକେ ଷ୍ଟାଲିନ୍ କ୍ଷମତା ବଜାୟ ରଖିବାକୁ ଚେଷ୍ଟା କରୁଛନ୍ତି, ଯେତେବେଳେ ଆସାମ ଏବଂ କେରଳରେ ଯଥାକ୍ରମେ ହିମନ୍ତ ବିଶ୍ୱ ଶର୍ମା ଏବଂ ପିନାରାଇ ବିଜୟନ୍ ଅଛନ୍ତି ।

### ୬୦ ଲକ୍ଷ ଠକେଇ...

ପରେ ସେ ଭଲ ଲୋକ ବୋଲି ଆଶ୍ୱାସନା ଦେଇଥିଲେ । ଯଦ୍ୱାରା ଏତଲାକାରୀ ମନରେ ବିଶ୍ୱାସ ସୃଷ୍ଟି ହୋଇଥିଲା । ଅଭିଯୁକ୍ତ ରାହୁଲ କସ୍ମେଟିକ୍ ସାମଗ୍ରୀ କିଣି ଏତଲାକାରୀଙ୍କୁ ସମୟ ଅନୁଯାୟୀ ଟଙ୍କା ଦେବା ଦ୍ୱାରା ଭଲ ବ୍ୟବସାୟୀ ସମ୍ପର୍କ ରହିଥିଲା । ଯାଦ୍ୱାରା ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ରାହୁଲଙ୍କ ସହ ଅଭିଯୁକ୍ତ ଦୁର୍ଯ୍ୟୋଧନ ସହ ମିଶି ଅଭିଯୋଗକାରୀଙ୍କ ଏକ କସ୍ମେଟିକ୍ସ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବା ମିଛ ପ୍ରତିଶ୍ରୁତି ଦେଇ ଟଙ୍କା ନିବେଶ କରିବାକୁ ଏତଲାକାରୀଙ୍କୁ ପ୍ରବର୍ତ୍ତାଇଥିଲେ । ସରକାରୀ ପ୍ରୋତ୍ସାହନ ସମେତ ଲାଇସେନ୍ସ, ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ସୁବିଧା ବ୍ୟବସ୍ଥା କରିବାକୁ ଦୁହେଁ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ପର୍ଯ୍ୟାୟରେ ୬୦ ଲକ୍ଷ ଟଙ୍କା ଦେଇଥିଲେ ।

ଦୁଇ ଅଭିଯୁକ୍ତ ଏକ ଗୋଷ୍ଠୀ ସହ ମିଶି ନିବେଶ ଯୋଜନାରେ ମଧ୍ୟ ସାମିଲ ଥିଲେ । ଯେଉଁଥିରେ ଅଭିଯୁକ୍ତକାରୀ ଅନ୍ୟ ବ୍ୟକ୍ତିଙ୍କ ସହିତ ବ୍ୟବସାୟୀଙ୍କ ଉଦ୍ଦେଶ୍ୟରେ ଟଙ୍କା ନିବେଶ କରିଥିଲେ । ଅଭିଯୁକ୍ତ ଦୁର୍ଯ୍ୟୋଧନ ସେହି ଗୋଷ୍ଠୀର ସଦସ୍ୟ ଥିଲେ । ପାଣ୍ଠି ସଂଗ୍ରହ ଏବଂ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲା ସେ । ଅଭିଯୋଗରୁ ଜଣା ଯାଇଛି ଅଭିଯୁକ୍ତ ଦୁର୍ଯ୍ୟୋଧନ ଉପଯୁକ୍ତ ହିସାବ କିମ୍ବା ଫେରସ୍ତ ବିନା ଏପରି ଗୋଷ୍ଠୀ ନିବେଶରୁ ୬୦ ଲକ୍ଷ ଟଙ୍କା ଆତ୍ମସାତ କରିଥିଲା । ତଦନ୍ତରୁ ଜଣାପଡିବା ସହ ଅନେକ ନିବେଶକଙ୍କୁ ଠକିଛନ୍ତି । ଯେତେ ବେଳେ ଅଭିଯୋଗକାରୀ ତାଙ୍କ ଟଙ୍କା ଫେରସ୍ତ ଦାବି କରିଥିଲେ ଅଭିଯୁକ୍ତ ରାହୁଲ ତାଙ୍କ କଥାକୁ ଏଡାଇ ଯାଇଥିଲେ । ପରେ ଅଭିଯୁକ୍ତ ଟଙ୍କା ପାଇଁ ଜିଦ ଧରିବାରୁ ସେ ଟଙ୍କା ଦେବା ପାଇଁ ମନା କରିଦେଇଥିଲେ । ଅଭିଯୁକ୍ତ ରାହୁଲ ଓ ଦୁର୍ଯ୍ୟୋଧନ ଅଭିଯୋଗକାରୀଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଳଜ କରି ହତ୍ୟା ଧମକ ଦେଇଥିଲେ । ତଦନ୍ତରୁ ଜଣାପଡିଛି ଯେ, ସେମାନଙ୍କ ମଧ୍ୟରେ ସମାଧାନ ହୋଇଥିଲା । ଯେଉଁଥିରେ ଅଭିଯୁକ୍ତ ରାହୁଲ ସ୍ୱାଇଁ ଅଭିଯୋଗକାରୀଙ୍କୁ ୬୦ ଲକ୍ଷ ଟଙ୍କାର ଏକ ଚେକ ଦେଇଥିଲେ ତାହା ବାଉନ୍ସ ହୋଇଥିଲା । ପୋଲିସ୍ ଠକେଇ ଅଭିଯୋଗର ସତ୍ୟତା ଜାଣିବା ପରେ ଅଭିଯୁକ୍ତ ଦୁର୍ଯ୍ୟୋଧନ ଚୌଧୁରୀ (୫୪) କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି । ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ମାମଲାର ତଦନ୍ତ ଜାରି ରହିଛି ।

### ବଢ଼ିଲା ଓମ୍‌ଫେଡ...

ଫଳରେ ୬୦ ଟଙ୍କାରେ ମିଳୁଥିବା ଗୋଲ୍ଡ ପ୍ରିମିୟର ପ୍ଲସ୍ ଦୁଗ୍ଧ ପାଇଁ ଏଣିକି ଗ୍ରାହକଙ୍କୁ ଲିଟର ପିଛା ୬୪ ଟଙ୍କା ଦେବାକୁ ପଡ଼ିବ । ଗୋଲ୍ଡ ପ୍ରିମିୟର ଦୁଗ୍ଧ ଲିଟର ପ୍ରତି ୪ ଟଙ୍କା ବୃଦ୍ଧି କରାଯାଇଛି । ଫଳରେ ଏହା ୫୬ ଟଙ୍କାରୁ ବୃଦ୍ଧି ପାଇ ୬୦ ଟଙ୍କାରେ ପହଞ୍ଚିଛି । ଅର୍ଥାତ୍ ଏହି ସବୁ କିସମର ଓମ୍‌ଫେଡ କ୍ଷୀରର ୫୦୦ ମିଲିଲିଟର ପ୍ୟାକେଟ୍ ପିଛା ଦର ୨ ଟଙ୍କା ଲେଖାଏଁ ବଢ଼ିଛି ।

### ଦିଲ୍ଲୀରେ ଭୟାବହ...

ଆଞ୍ଚଲ ଜୈନ (୩୩) ଓ ସେମାନଙ୍କର ଦେଢ଼ ବର୍ଷର ପୁଅ ଆକାଶ ଜୈନ । ତୃତୀୟ ମହଲାରେ ରହୁଥିବା ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି । ସେମାନେ ହେଉଛନ୍ତି ନୀତୀନ ଜୈନ (୫୦), ତାଙ୍କ ପତ୍ନୀ ଶୈଳୀ ଜୈନ (୪୮) ଓ ସେମାନଙ୍କ ୨୫ ବର୍ଷର ପୁଅ ସମୟକ ଜୈନ ।ପ୍ରଥମ ମହଲାରେ ରହୁଥିବା ଶିଖା ଜୈନ (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ନବୀନ ଜୈନ ଆହତ ହୋଇଛନ୍ତି । ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ଅଗ୍ନିକାଣ୍ଡ ନେଇ ଭୋର ପ୍ରାୟ ୪ଟା ବେଳେ ଅଗ୍ନିଶମ ବାହିନୀ ଖବର ପାଇଥିଲା । ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୁଲିସ ତୁରନ୍ତ ସେଠାରେ ପହଞ୍ଚିଥିଲେ । ୧୪ଟି ଦମକଳ ଗାଡ଼ିକୁ ନିଆଁଲିଭା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ନିଆଁକୁ ସଂପୂର୍ଣ୍ଣ ଆୟତ୍ତକୁ ଆଣିବାକୁ ଅଗ୍ନିଶମ ବାହିନୀକୁ ୨ ଘଣ୍ଟା ଲାଗି ଯାଇଥିଲା । ତାଦ ଭିତରେ ଅଗ୍ନିଶମ ବାହିନୀ ୧୨ ଜଣ ଲୋକଙ୍କୁ ଉକ୍ତ କୋଠାରୁ ଉଦ୍ଧାର କରିଥିଲା । ସେମାନଙ୍କ ମଧ୍ୟରୁ ଯେଉଁମାନେ ଆହତ ହୋଇଥିଲେ ସେମାନଙ୍କୁ ଗୁରୁ ତେଗ ବାହାଦୂର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ନିଆଁ ପ୍ରଥମେ ଦ୍ୱିତୀୟ ମହଲାରେ ଲାଗିଥିଲା ବୋଲି ଜଣାପଡ଼ିଛି । ତେବେ ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ । ଏସିରେ ବିସ୍ଫୋରଣ ଯୋଗୁ ଏତେ ବଡ଼ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା । ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ।

### ଚଳନ୍ତା ବିମାନରୁ ...

ସମୟ ମଧ୍ୟରେ ବିମାନଗୁଡ଼ିକୁ ଦ୍ୱିତୀୟ ରନ୍‌ୱେକୁ ଡାଇଭର୍ଟ କରାଯାଇଥିଲା । ଯାତ୍ରୀଙ୍କ ପରିଚୟ ଜଣାପଡ଼ି ନ ଥିଲେ ବି ଯାଞ୍ଚ ହୋଇନଥିବା ରିପୋର୍ଟ ଅନୁଯାୟୀ ସେ ତାମିଲନାଡୁର ପୁଡୁକୋଟ୍ଟାଇ ଜିଲ୍ଲାର ବାସିନ୍ଦା ହୋଇଥାଇପାରନ୍ତି । ବିମାନ ଚଳାଚଳ ସୁରକ୍ଷା ପ୍ରୋଟୋକଲ ଉଲ୍ଲଂଘନ ଘଟଣାରେ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି । ତେବେ ବିମାନର କିମ୍ବା କୌଣସି ଯାତ୍ରୀଙ୍କର କିଛି କ୍ଷତି ହୋଇନାହିଁ ।

### ପୋଖରୀରେ ବୁଡି...

ଝିଅ ଅନ୍ନପୂର୍ଣ୍ଣା ଓ ତାଙ୍କ ବଂଶର ସୁଜିତ ମଲ୍ଲିକଙ୍କ ୧୦ ବର୍ଷର ଝିଅ ଅନ୍ୟାସି ମଲ୍ଲିକ ଘର ପାଖ ଗ୍ରାମ ପୋଖରୀକୁ ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ସମୟରେ ଅସାବଧାନତା ଯୋଗୁ ପୋଖରୀ ଭିତରକୁ ଚାଲିଯାଇ ଦୁଇ ଭଉଣି ବୁଡିଯାଇଥିଲେ । ପରିବାର ଲୋକେ ଗାଧେଇ ଯାଇଥିବା ଦୁଇ ଝିଅ ନ ଫେରିବାରୁ ବହୁ ସମୟ ଖୋଜାଖୋଜି ପରେ ପାଣି ବୁଡ଼ି ଯାଇଥିବାର ଅନୁମାନ କରି ପାଣି ଭିତରେ ବୁଡି ଉଭୟ ଭଉଣୀ ଙ୍କୁ ପାଣି ଭିତରୁ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଆଣିଥିଲେ । ତେବେ ଡାକ୍ତର ଉଭୟ ଦୁଇ ଭଉଣୀ ଙ୍କୁ ମୃତ ଘୋଷଣା କରିଥିଲେ । ଏହାକୁନେଇ ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ଦେଖାଦେଇଛି । ଖନ୍ତାପଡା ପୋଲିସ ପହଁଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ ।

# ନରସିଂହପୁର ଜଙ୍ଗଲରେ ପୁଣି ଏକ ବୃଦ୍ଧାହାତୀ ମୃତ : ତିନି ମାସରେ ମଲେଣି ୭

ନରସିଂହପୁର, (ସବ୍ୟୁ): ନରସିଂହପୁର ପୂର୍ବ ବନ ବିଭାଗ ଅଧୀନ ବୋକଡା ସେକ୍ସନ ଗୁପ୍ତମାଣିକ ବିଟ କଂସେଇଲୋ ଜଙ୍ଗଲରେ ଗୋଟିଏ ୫୫ରୁ ୬୦ବର୍ଷର ମାଈ ହାତୀର ମୃତ୍ୟୁ ଘଟିଛି ।ସୂଚନାରୁ ପ୍ରକାଶ ଯେ ବୟସ୍କ ମାଈ ହାତୀଟି କିଛି ଦିନ ଧରି ବାର୍ଦ୍ଧକ୍ୟ ଅବସ୍ଥାରେ ଥିଲା । ଶନିବାର ହାତୀଟିର ମୃତ୍ୟୁ ଘଟିଛି । ଏହି ହାତୀ ମୃତ୍ୟୁ ଘଟଣା ବିଭାଗ ପାଖରେ ରବିବାର ପହଞ୍ଚିବା ପରେ ଘଟଣା ସ୍ଥଳରେ ବିଭାଗୀୟ ଅଧିକାରୀ ପହଁଞ୍ଚି ତଦନ୍ତ ଆରମ୍ଭ କରିଥିଲେ ।ଏହାକୁ ମିଶାଇ ଗତ ୩ମାସ ମଧ୍ୟରେ ନରସିଂହପୁର ଉଭୟ ପୂର୍ବ ଓ ପଶ୍ଚିମ ବନାଞ୍ଚଳ ଅଧୀନରେ ୭ଟି ହାତୀର ମୃତ୍ୟୁ ଘଟିଛି ।ଏହି ଘଟଣାର ଖବର ପାଇ ପୂର୍ବ ବନାଞ୍ଚଳ ରେଞ୍ଜର କୁଳେସ ଚନ୍ଦ୍ର ସାହୁ,ଆଠଗଡ଼ ଡ଼ିଏଫଓଙ୍କ ସମେତ ବନ ବିଭାଗ କର୍ମଚାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ସୌଭାଗ୍ୟ ଦାଶ ଘଟଣା ସ୍ଥଳରେ ପହଁଞ୍ଚି ହାତୀର ଶବ ବ୍ୟବଛେଦ କରି ସେଠାରେ ପୋତି ଦେଇଥିଲେ ।ବୟସାଧିକ କାରଣରୁ ହାତୀର ମୃତ୍ୟୁ ଘଟିଥିବା ରେଞ୍ଜର ଶ୍ରୀ ସାହୁ ସୂଚନା ଦେଇଛନ୍ତି ।ସୂଚନା ଅନୁଯାୟୀ ଚଳିତ ବର୍ଷ ଏପ୍ରିଲ ୧୭ତାରିଖରେ ଏହି ସେକ୍ସନରେ ଅସୁସ୍ଥ ମାଇହାତୀ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ,ମାର୍ଚ୍ଚ ୩୧ତାରିଖରେ ପୂର୍ବ ବନ ବିଭାଗ ଅଧୀନ ସେରମୁଣ୍ଡା ଖାରୁଆଣୀ ବିଟ ନିକଟରେ ଦୁଇ ମାସର ଦନ୍ତା ହାତୀ ଛୁଆର ମୃତ୍ୟୁ ଘଟିଥିବା ବେଳେ ମାର୍ଚ୍ଚ ୨୦ତାରିଖରେ



ପୂର୍ବ ବନାଞ୍ଚଳ ଅଧୀନସ୍ଥ ଖାରୁଆଣୀ ବିଟ ଖେସେରା ଜଙ୍ଗଲରେ ୫ରୁ ୬ ବର୍ଷର ଦନ୍ତା ହାତୀର ମୃତ୍ୟୁ ଘଟିଥିଲା । ମାର୍ଚ୍ଚ ୧୭ତାରିଖରେ ନରସିଂହପୁର ପଶ୍ଚିମ ବନାଞ୍ଚଳ ଅଧୀନସ୍ଥ ବାରସିଙ୍ଗା ସେକ୍ସନ ବାଲିକିଆରୀ ବିଟର ଶିଶୁପଥର ଗ୍ରାମ ନିକଟରେ ୭ରୁ ୮ବର୍ଷର ଦନ୍ତା ହାତୀର ମୃତ୍ୟୁ ଘଟିଥିଲା ।ଫେବୃଆରୀ ମାସ ୧୩ ତାରିଖରେ ପଶ୍ଚିମ ବନାଞ୍ଚଳ ଅଧୀନସ୍ଥ ବାଲିକିଆରୀ କମ୍ପାନମେଣ୍ଟ ୨ଜଙ୍ଗଲରେ ୫ରୁ ୬ବର୍ଷର ଦନ୍ତା ହାତୀର ମୃତ୍ୟୁ ଘଟିଥିଲା ।ଚଳିତ ବର୍ଷର ଜାନୁଆରୀ ମାସ ୧୪ତାରିଖରେ ପଶ୍ଚିମ ବନାଞ୍ଚଳ ଅଧୀନସ୍ଥ ବୀରସିଂହପୁର ଗ୍ରାମ ନିକଟରେ ୫୦ବର୍ଷର ମାଈ ହାତୀର ମୃତ୍ୟୁ ମୃତ୍ୟୁ ଘଟିଥିଲା । ଗତ ଜାନୁୟାରୀ ମାସ ୧୪ତାରିଖରୁ ମେ ୩ତାରିଖ ମଧ୍ୟରେ ଉଭୟ ପୂର୍ବ ଓ ପଶ୍ଚିମ ବନାଞ୍ଚଳ ଅଧୀନରେ ୭ଟି ହାତୀଙ୍କର ମୃତ୍ୟୁ ଘଟିଛି ।ସେହିପରି ୧୬ମାସରେ ଉଭୟ ବନାଞ୍ଚଳରେ ୧୬ଟି ହାତୀର ମୃତ୍ୟୁ ଘଟିଛି ।ସେଥିମଧ୍ୟରୁ ୯ଟି ଅଣ୍ଡିରା ଓ ୭ଟି ମାଈ ହାତୀ ରହିଛନ୍ତି ।ପୂର୍ବବନାଞ୍ଚଳରେ ୯ଟି ଏବଂ ୭ଟି ପଶ୍ଚିମ ବନାଞ୍ଚଳରେ ହାତୀର ମୃତ୍ୟୁ ଘଟିଥିବା ସୁଚନାରୁ ପ୍ରକାଶ । ତେବେ ଏହିଭଳି ହାତୀ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଜୀବନରେ ଅନୁଶାସନ ଓ ସମୟାନୁବର୍ତ୍ତିତା'ର ଗୁରୁତ୍ୱ ସମ୍ପର୍କରେ ଆଲୋଚନା

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସହଯୋଗରେ 'ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି' ଶିବିରର ତୃତୀୟ ରବିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିନାପାଲି ମହାବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରାକ୍ତନ ମୁଖ୍ୟ ଡ଼. ଅଶୋକ ହୋତା ଯୋଗ ଦେଇ ଜୀବନରେ 'ଅନୁଶାସନ ଓ ସମୟାନୁବର୍ତ୍ତିତା'ର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସମୟାନୁବର୍ତ୍ତିତା ବିହୀନ ମଣିଷ ସମାଜରେ ନିଜର ଗୁରୁତ୍ୱ ହରାଇଥାଏ ବୋଲି କହିଥିଲେ । ଦ୍ୱିତୀୟ ଅଧିବେଶନରେ 'ମୋବାଇଲ ପ୍ରଯୁକ୍ତିବିଦ୍ୟା ତଥା ଏହାର ସୁବ୍ୟବହାର' ସମ୍ପର୍କରେ ଶିକ୍ଷ୍ୟାର୍ଥୀ ମାନଙ୍କୁ ସହକାରୀ ପ୍ରଫେସର ଡ.ସାଗରିକା ମିଶ୍ର ବିବିଧ ଉଦାହରଣ ମାଧ୍ୟମରେ ବୁଝାଇ ଥିଲେ । ମୋବାଇଲ ବ୍ୟବହାରର ବିଭିନ୍ନ ଦିଗ ଓ ବ୍ୟବହାର ସମୟରେ ବିଭିନ୍ନ ସତର୍କତା ସମ୍ପର୍କରେ ବିଷଦ୍ ଭାବରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡାକ୍ତର ଜୟଦେବ ମେହେର ସ୍ୱାସ୍ଥ୍ୟରକ୍ଷା ପାଇଁ ବିଭିନ୍ନ ଯୋଗ ଓ ପ୍ରାଣାୟାମ ସମ୍ପର୍କରେ ଶିକ୍ଷା ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ୩୦ଟି ବିଦ୍ୟାଳୟର ୫୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିରେ ଗ୍ରନ୍ଥାଗାରର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସଂପାଦକ ରଘୁନାଥ ମିଶ୍ର, ସଦସ୍ୟା ପ୍ରଫେସର ନିଳେନ୍ଦ୍ରୀ ପଣ୍ଡା, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ଅର୍ଜୁନ ରଞ୍ଜନ ପଣ୍ଡା, ପ୍ରଫେସର ନିରୁପମା ବଡ଼ପଣ୍ଡା, ମୁକ୍ତକ= ପ୍ରଧାନ, ଇଂ.ସୁଶାନ୍ତ ଗୁରୁ, ଶିକ୍ଷାବିତ ପଦ୍ମନାଭ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ । ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଦସ୍ୟ ହରି ନାରାୟଣ ପଣ୍ଡା, ଡ଼. ଗିରିଧାରୀ ହୋତା, ଉଦିତ ଚନ୍ଦ୍ର ପଟ୍ଟଯୋଶୀ ତଥା ଗ୍ରନ୍ଥାଗାରର ସହକାରୀ ବିଜୟ କୁମାର ସାହୁ ଓ ଭୁବନ କୁମୁରା ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲା ପୋଲିସ କ୍ଷେତ୍ରରେ ହେବ ବଡ଼ ଅଦଳବଦଳ

ଦଶପଲ୍ଲା , (ସବ୍ୟୁ): ନୟାଗଡ଼ ଜିଲ୍ଲା ପୋଲିସ କ୍ଷେତ୍ର ରେ ହେବାକୁ ଯାଉଛି ବଡ଼ ଅଦଳ ବଦଳ । ଗୋଟିଏ ସ୍ଥାନରେ ତିନି ବର୍ଷ କିମ୍ବା ତାଠାରୁ ଉର୍ଦ୍ଧ୍ୱ ସମୟ ରହିଥିବା ପୋଲିସ କ୍ଷେତ୍ରରେ ହେବାକୁ ଯାଉଛି ଏହି ଅଦଳ ବଦଳ । କନେଷ୍ଟବଳ ଠାରୁ ଆରମ୍ଭ କରି ଇନ୍ସପେକଟର ପର୍ଯ୍ୟନ୍ତ ହେବ ଏହି ଅଦଳ ବଦଳ । ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଖୁବ ଶୀଘ୍ର ଏହା ଦେଖିବାକୁ ମିଳିବ । ଗୋଟିଏ ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ ତିନି ବର୍ଷ ରୁ ଉର୍ଦ୍ଧ୍ୱ ସମୟ ରହି ପାରିବେ ନାହିଁ ବୋଲି ନିୟମ ଥିବା ବେଳେ ରାଜ୍ୟ ସରକାର ଏଥି ପ୍ରତି ଗୁରୁତ୍ୱାରୋପ କରିଛନ୍ତି । ତିନି ବର୍ଷ ରୁ ଉର୍ଦ୍ଧ୍ୱ ଗୋଟିଏ ସ୍ଥାନରେ ଚାକିରୀ କରି ରହିଥିବା କର୍ମଚାରୀ ମାନଙ୍କୁ ବଦଳି ପାଇଁ ଗତ କିଛିମାସ ତଳେ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏଣୁ ଏହାକୁ ଗୁରୁତ୍ୱ ଦେଇ ନୟାଗଡ଼ ଜିଲ୍ଲା ପୋଲିସ କ୍ଷେତ୍ର ରେ ଏହି ଅଦଳବଦଳ ଦେଖିବାକୁ ମିଳିବ । ଅନ୍ୟ ପାଶ୍ୱର୍ରେ ଏହି ଅଦଳ ବଦଳ ସମୟ ରେ ନିଜ ନିଜ ସୁବିଧା ସ୍ଥାନରେ ନିୟୋଜିତ ପାଇଁ ଏବେ ବଦଳି ହେବାକୁଥିବା ପୋଲିସ କର୍ମଚାରୀ ମାନେ ସେମାନଙ୍କ ଲବୀ ଆରମ୍ଭ କରିଦେଇଛନ୍ତି । ଏକ ବର୍ଷ କିମ୍ବା ଦୁଇ ବର୍ଷ ଚାକିରୀ ଥିବା ପୋଲିସ କର୍ମଚାରୀ ଙ୍କ ମଧ୍ୟରେ ଏହି ବଦଳି କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ନିଜର ସୁବିଧା ସ୍ଥାନ ନ ମିଳିଲେ ସ୍ୱେଚ୍ଛାକୃତ ଅବସର ନେବାକୁ ସେମାନେ ପ୍ରସ୍ତୁତ ହେଉଥିବା ବିଶେଷ ସୂତ୍ରରୁ ଜଣାପ । ତେବେ ଆଗକୁ ଏହି ଅଦଳବଦଳ କଣ ହେଉଛି ତାହା ଦେଖିବାକୁ ବାକି ରହିଛି ।

# ମା' ବୈଷ୍ଣୋଦେବୀଙ୍କ ମନ୍ଦିରରୁ ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି, ପୋଲିସ ହାତ ଖାଲି

ଶରଣକୁଳ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଜାମୁକୋଣଠାରେ ବିଜେ ମା' ବୈଷ୍ଣୋଦେବୀଙ୍କ ମନ୍ଦିରରୁ ଗତ ଗୁରୁବାର ରାତିରେ ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୂପା ଅଳଙ୍କାର ଚୋରି ହୋଇଛି । ଚୋରି ଘଟଣାକୁ ୪ଦିନ ବିତିବାକୁ ବସିଥିବା ବେଳେ ଚୋରର ଟେର ପାଉନି ପୋଲିସ । ଚୋରମାନେ ମା' ବୈଷ୍ଣୋଦେବୀଙ୍କ ୩ଟି ସୁନା ମୁକୁଟ ଏବଂ ୩ଟି ହାର, ଚାନ୍ଦିର ୩ଟି ଛତି, ବୈଷ୍ଣୋଦେବୀଙ୍କ ନିକଟସ୍ଥ ୩ ପିଣ୍ଡିର ମହାକାଳି, ମହାଲକ୍ଷ୍ମୀ ଓ ସରସତୀଙ୍କର ସୁନାର ହାର ଓ ମୁକୁଟ ଚୋରିକରି ନେଇଛନ୍ତି । ଅଭିଯୋଗ ପରେ ଶରଣକୁଳ ଏସିପିଓ ଓ ଥାନା ଅଧିକାରୀ ପହଞ୍ଚି ତଦନ୍ତ କରିଥିଲେ । ଏପରିକି ସାଇଣ୍ଟିଫିକ ଟିମ, ସନ୍ଧାନୀକୁକୁର ମଧ୍ୟଯ ତଦନ୍ତ କରି ଫେରିଛନ୍ତି । ଚୋରିର ପୋଲିସ ତଦନ୍ତ କରୁଛି କିନ୍ତୁ ଚୋରକୁ ଧରି ବାରେ ସଫଳ ହୋଇନି । ଗତ ୩୦ ତାରିଖ ଅପରାହ୍ନରୁ ରାତି ତମାମ କାଳ ବୈଶାଖୀ ଯୋଗୁଁ ଜୋରରେ ପବନ ବହିବା ସହ ବର୍ଷା ବି ହୋଇଥିଲା । ଫଳରେ ବିଦ୍ୟୁ ସରବରାହ ବନ୍ଦ ରହିଥିଲା । ଏଥି ଯୋଗୁଁ ମନ୍ଦିର କର୍ତ୍ତୃପକ୍ଷ ସିସିଟିଭି ବନ୍ଦ କରିଥିଲେ । ଲାଇନ ନ ଆସିବା କାରଣରୁ ଇନଭର୍ଟର ମଧ୍ୟ ବନ୍ଦ ହୋଇଯାଇଥିଲା । ରାତ୍ର ଜଗୁଆଳ ବି ଶୋଇ ପଡିଥିଲେ । ଏହାର ସୁଯୋଗ ନେଇ ଚୋରମାନେ ମନ୍ଦିରର ପ୍ରବେଶ ପଥ ତାଲା କାଟିଥିଲେ । ତେବେ ମନ୍ଦିର ଭିତରପଟୁ ପ୍ରବେଶ ପଥର ଶିଙ୍କୁଳି ବନ୍ଦ ଥିବାରୁ କବାଟ ଖୋଲି ନଥିଲା । ତେବେ ଚୋରମାନେ ପ୍ରସ୍ଥାନ ପାର୍ଶ୍ୱ କବାଟର ତାଲା କାଟି ଦେଇଥିଲେ । ଭିତର ପଟ କବାଟର ଶିକୁଳି ଦିଆ ଯାଇ ନ ଥିବାରୁ କବାଟ ଖୋଲିବାରୁ ଚୋରି ହୋଇଥିଲା । ରାତି ୧ଟାରୁ ୪ଟା ମଧ୍ୟରେ ଚୋରି ହୋଇଥିବା ଅନୁମାନ କରାଯାଉଛି ।

# ଗୋଦରେଜ ପକ୍ଷରୁ ବ୍ରାଣ୍ଡ ପରିଚୟ ଉନ୍ମୋଚିତ

ଭୁବନେଶ୍ୱର,(ସବ୍ୟୁ): ଗୋଦରେଜ ଇଣ୍ଡଷ୍ଟ୍ରିଜ ଗ୍ରୁପ ପକ୍ଷରୁ ନତନ ଉଦ୍ଦେଶ୍ୟ ଓ ବ୍ରାଣ୍ଡ ପରିଚୟ ଉନ୍ମୋଚନ କରାଯାଇଛି । ଏହାର ବିବିଧ ପୋର୍ଟଫୋଲିଓରେ କଂଜ୍ୟୁମର ଉତ୍ପାଦ, ରିଅଲ ଇଷ୍ଟେଟ,ଆର୍ଥିକ ସେବା, କୃଷି ଓ ରସାୟନ ରହିଛି ।ଏହି ପରିବର୍ତ୍ତନର ମୂଳରେ ରହିଛି ଗ୍ରୁପ୍‌ର ନୂତନ ଉଦ୍ଦେଶ୍ୟ: ୧୮୯୭ ମସିହାରୁ ଭବିଷ୍ୟତ ଗଢ଼ିଆସୁଛୁ ଏହା ଗ୍ରୁପରଉଭୟ ଐତିହ୍ୟ ଓ ବ୍ୟବସାୟ ଗଢ଼ିବାକୁ ଏହାର ଆକାଂକ୍ଷାକୁ ଦର୍ଶାଉଛି ଯାହା ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ପାଇଁନବସୃଜନ ସହ ଦାୟିତ୍ୱକୁ ମିଶ୍ରଣ କରିଛି । ଗୋଦରେଜ ଗ୍ରୁପର ପ୍ରତିଷ୍ଠାତା ଆର୍ଦେସିର ଗୋଦରେଜଙ୍କ ଦ୍ୱାରା ଏହି ଉଦ୍ଦେଶ୍ୟଅନୁପ୍ରାଣିତ ଯାହାଙ୍କ ଜୀବନ ହେଉଛି ନବସୃଜନ ଓ ମୂଲ୍ୟକୁ ଏକତ୍ରୀତ କରି ରଖିବାର ପ୍ରତୀକ ହୋଇରହିଛି । ଗୋଦରେଜ ଇଣ୍ଡଷ୍ଟ୍ରିଜ ଗ୍ରୁପର ଭାରାପ୍ରାପ୍ତ ଅଧ୍ୟକ୍ଷ ପିରୋଜସା ଗୋଦରେଜ କହିଛନ୍ତି ଯେ, ୧୮୯୭ ପରଠାରୁଭବିଷ୍ୟତ ଗଢ଼ିବାର ଉଦ୍ଦେଶ୍ୟ ମୂଲ୍ୟବୋଧ ଓ ଫଳାଫଳ ମିଳିତ ଭାବେ ଆଗକୁ ବଢ଼ିବା ଉପରେ ଆମର ରହିଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି । ଗତ ୫ ବର୍ଷରେ ନିଟ ଲାଭ ଓବିକ୍ରି ୨୦ ପ୍ରତିଶତ ଚକ୍ରବୃଦ୍ଧି ହାରରେ ବଢ଼ିଛି । ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ପାଇ ଏହା ବାର୍ଷିକ ୧୫ ପ୍ରତିଶତର ବିକ୍ରିବୃଦ୍ଧି ଓ ୨୦ ପ୍ରତିଶତରୁ ଅଧିକ ଇପିଏସ ଅଭିବୃଦ୍ଧି ଆଶା କରୁଛି । ପ୍ରତି ବ୍ୟବସାୟ ଇକ୍ୱିଟି ଉପରେ ୧୮ ପ୍ରତିଶତ ରିଟର୍ଣ୍ଣପ୍ରଦାନ କରିବ ବୋଲି ଏହା ଆଶା କରୁଛି । କଂଜ୍ୟୁମର ପ୍ରଡକଫ, ପ୍ରପର୍ଟିଜ ଓ ଆଗ୍ରୋଭେଟକୁ ପାଂଚଟି ତାଲିକାଭୁକ୍ତପ୍ଲାଟଫର୍ମରେ ପରିଣତ କରିବାକୁ ଏହା ଚାହୁଁଛି । ଏହି ପଦକ୍ଷେପ ଦ୍ୱାରା ଆସନ୍ତା ପାଂଚ ବର୍ଷରେ ମିଳିତ ବଜାର ପୁଂଜିପରିମାଣ ୫,୦୦,୦୦୦ କୋଟି ଟଙ୍କା ହେବା ଆଶା କରାଯାଉଛି ।

9001/31/2627

ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଆସନ୍ତା ସୋମବାର, ତା. ୦୪.୦୫.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0015

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୭୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୭୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

## ସିଲିକନ ବିଶ୍ୱବିଦ୍ୟାଳୟ ଛାତ୍ର ମୃତ୍ୟୁ ଘଟଣାରେ

# ଥାନାରେ ଏତଲା ଦେଲା ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ସିଲିକନ୍ ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ ବି-ଟେକ୍ ଛାତ୍ର ବିଶ୍ୱାସ ସ୍ୱାଇଁଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ବାପା ଥାନାରେ ଏତଲା ଦରଜ କରିଥିବା ସହ ଯୁବ କଂଗ୍ରେସ ପକ୍ଷରୁ ମଧ୍ୟ ଏତଲା ଦିଆଯାଇଛି । ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଇନ୍‌ଫୋସିଟ୍ ଥାନାର ଅଧିକାରୀଙ୍କୁ ଭେଟି ଏତଲା ପ୍ରଦାନ କରିଛନ୍ତି । ଉକ୍ତ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ପରିଚାଳକ ମୁଖ୍ୟଙ୍କୁ ତୁରନ୍ତ ଗିରଫ କରିବା ଦାବି କରାଯାଇଛି । ଶ୍ରୀ ପାତ୍ର ତାଙ୍କର ବକ୍ତବ୍ୟରେ କହିଛନ୍ତି ଯେ ଛାତ୍ରର ପିତା ବସନ୍ତ ସ୍ୱାଇଁ ଯେଉଁଭଳି ଭାବରେ ମ୍ରିୟମାଣ ହୋଇ ନ୍ୟାୟ ଭିକ୍ଷା କରୁଛନ୍ତି ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ । ମୃତ ଛାତ୍ରର ବାପା ଗଣମାଧ୍ୟମରେ ସ୍ପଷ୍ଟ କରି କହିଛନ୍ତି ଯେ ମୋ ପୁତ୍ର ଆତ୍ମହତ୍ୟା କରିନାହିଁ ତାଙ୍କୁ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ନିର୍ଯ୍ୟାତନା ଦେଇ ହତ୍ୟା କରି ତାଙ୍କୁ ଆତ୍ମହତ୍ୟାର ରୂପ ଦେଇଛନ୍ତି । ଏହା ଆତ୍ମହତ୍ୟା ନୁହେଁ, ଏହା ହତ୍ୟା । ତେଣୁ ବିଶ୍ୱବିଦ୍ୟାଳୟ ଘଟଣାକୁ ଚପାଇ ଦେବା ପାଇଁ ଯେଉଁ ଉଦ୍ୟମ କରାଯାଉଛି ତାହାକୁ ଆମେ ସଫଳ କରିଦେବୁନାହିଁ । ଶ୍ରୀ ପାତ୍ର କହିଛନ୍ତି ଯେ ଯଦି ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତାହାଲେ ଆମେ ଉକ୍ତ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଧାରଣା ବସିବା ସହ ଆଇନ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିବୁ । କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମ୍, ଛାତ୍ର ନେତା ସୁନିଲ ସାହୁ, ବିଶ୍ୱଜିତ ସ୍ୱାଇଁ, ବିରଞ୍ଚି ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ମହାନଦୀ ବଞ୍ଚାଅ ବିକ୍ଷୋଭ

ବଲଙ୍ଗା, (ସବ୍ୟୁ): ବଲଙ୍ଗା ଥାନା ଅନ୍ତର୍ଗତ ହରିପୁର ଭାର୍ଗବୀ ନଦୀ କୂଳ ମା,ବିଶ୍ୱେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମହାନଦୀ ବଞ୍ଚାଅ ଆନ୍ଦୋଳନ କମିଟି ଓ ଓପନ ଲର୍ନିଂ ସିଷ୍ଟମ ମିଳିତ ସହଯୋଗରେ ଓଡ଼ିଶାକୁ ନ୍ୟାୟ ଦିଅ ଛତିଶଗଡ଼କୁ ପାଣି ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯିବା ସହ ଜଳ ବିବାଦର ତୁରନ୍ତ ସମାଧାନ ନିମନ୍ତେ ମହାନଦୀ ବଞ୍ଚାଅ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି ।୨୦୦୭ ମସିହା ଠାରୁ ୨୦୧୬ ପର୍ଯ୍ୟନ୍ତ ଛତିଶଗଡ଼ ମହାନଦୀ ଉପର ମୁଣ୍ଡରେ କଲମା ଠାରେ ଏକ ଡ୍ୟାମ ନିର୍ମାଣ ହେବା ଫଳରେ ଓଡ଼ିଶାରେ ଜଳ ଅଭାବ ଦେଖା ଦେବା ସହ ଲକ୍ଷ ଲକ୍ଷ ଚାଷୀ ,ମତ୍ସ୍ୟଜୀବୀ ଓ ପାନୀୟ ଜଳର ଅଭାବ ଦେଖା ଦେବାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭିନ୍ନଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯାଇଥିଲା ।ଫଳରେ ପୂର୍ବ ସରକାର ସମୟରେ ୨୦୧୭ ମସିହାରେ ସୁପ୍ରିକୋର୍ଟଙ୍କ ଜରିଆରେ ମହାନଦୀ ଜଳ ବିବାଦ ସମାଧାନ ନିମନ୍ତେ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା ।କିନ୍ତୁ ୨୦୧୮ ରୁ ୨୦୨୬ ମଧ୍ୟରେ ଦୁଇଥର ଟ୍ରିବ୍ୟୁନାଲ ଆସିଥିଲେ ମଧ୍ୟ ଛତିଶଗଡ଼ ସରକାରଙ୍କ ପକ୍ଷରୁ ସହଯୋଗ ମିଳିଲା ନାହିଁ । ଓଡ଼ିଶା ୧.୭୪ ମିଲିୟନ ଏକର ଫୁଟ ଜଳ ଆବଶ୍ୟକତା କରୁଥିବା ବେଳେ ଟ୍ରିବ୍ୟୁନାଲ କୈଣସି ପ୍ରକାର ସମାଧାନ କରୁନାହିଁ ।

# ୱିଶ୍ ସାମାଜିକ ସେବା ଅନୁଷ୍ଠାନ ତରଫରୁ ସିଲେଇ ମେସିନ ବଣ୍ଟନ



ଭୁବନେଶ୍ୱର: (ସବ୍ୟୁ) ୱିଶ୍ ସାମାଜିକ ଅନୁଷ୍ଠାନ ତରଫରୁ ଭୁବନେଶ୍ୱର ସ୍ଥିତ ସତ୍ୟଭାମା ଦେବୀ ମୂକ ବଧିର ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ସାତଗୋଟି ସିଲେଇ ମେସିନ୍ ପ୍ରଦାନ କରାଯାଇଛି। ୱିଶ୍ ଅନୁଷ୍ଠାନର ଉଦ୍ଦେଶ୍ୟ ହେଉଛି ଏହି ଦିବ୍ୟାଙ୍ଗ ପିଲାମାନଙ୍କୁ ସ୍ୱାବଲମ୍ବୀ ଓ ସକ୍ଷମ କରାଇବା। ପିଲାମାନେ ସିଲେଇ ଶିକ୍ଷା କରି ଏହି ମେସିନ୍ ଦ୍ୱାରା ନିଜ ପୋଷାକ ତିଆରି କରିବା ସହିତ ଅନ୍ୟମାନଙ୍କ ପାଇଁ ତିଆରି କରି ନିଜେ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇ ପାରିବେ। ଏହି ସେବା କାର୍ଯ୍ୟକ୍ରମ ରେ ଅତିଥି ଭାବରେ ମଞ୍ଚ ମଣ୍ଡନ କରିଥିଲେ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ। ୱିଶ୍ ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ଦେବଦତ୍ତ ସିଂହଦେଓ ଏବଂ ଅଧ୍ୟକ୍ଷା ଅନୁସୃତା ସିଂହଦେଓ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ବ୍ୟକ୍ତବ୍ୟ ପ୍ରଦାନ କରିଥିଲ। ବୟୋଜ୍ୟେଷ୍ଠା ସମାଜସେବୀ ଶ୍ରୀମତୀ ସରୋଜିନୀ ସାମନ୍ତଙ୍କୁ ୱିଶ୍ ଅନୁଷ୍ଠାନ ତରଫରୁ ସେବାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୱିଶ୍‌ର ଉପାଧ୍ୟକ୍ଷା ଶ୍ରୀମତୀ ସୌଭାଗ୍ୟବତୀ ମହାପାତ୍ର ସ୍ୱଳ୍ପ ଭାଷଣ ଦେଇଥିଲ। ସତ୍ୟଭାମା ଦେବୀ ମୂକ ବଧିର ମହାବିଦ୍ୟାଳୟର ଅଧ୍ୟକ୍ଷା ନିରୋଜା ଲକ୍ଷ୍ମୀ ମହାପାତ୍ର ମଧ୍ୟ ତାଙ୍କ ଅଭିଭାଷଣରେ ୱିଶ୍ ଅନୁଷ୍ଠାନ କିପରି ତାଙ୍କ ସହିତ ସବୁ ସମୟରେ ରହି କାର୍ଯ୍ୟ କରିଆସୁଛି ତାହାକୁ ପ୍ରଶଂସା କରିଥିଲେ। ପ୍ରିନ୍ସିପାଲ୍ ସଂଘମିତ୍ରା ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଏହି ସଭାର ମହତ୍ତ୍ୱ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜନା ଦାୟିତ୍ୱରେ ଥିଲେ ଡକ୍ଟର ଶୁଭ୍ରା ନନ୍ଦ । ଅନୁଷ୍ଠାନର ସେକ୍ରେଟାରୀ ଶ୍ରୀମତୀ ରୋହିଣୀ ସିଂହଦେଓ, ସଦସ୍ୟା ବବିତା ମହାନ୍ତି, ଏବଂ ନୂତନ ସଦସ୍ୟା ଶ୍ରୀମତୀ ହରିପ୍ରିୟା କର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସଦସ୍ୟା ଦୀପିକା ମହାନ୍ତି।

# ଦୁର୍ଘଟଣାରେ କାଠ ମିସ୍ତ୍ରୀଙ୍କ ମୃତ୍ୟୁ

କଣ୍ଟାପଡ଼ା, (ସବ୍ୟୁ):ଫୁଲନଖରା-ନିଆଳି ୬୦ନମ୍ବର ରାଜ ରାଜପଥ କାଳିଆଘାଇ ନିକଟରେ ଏକ ଦୁର୍ଘଟଣାରେ ଜଣେ କାଠ ମିସ୍ତ୍ରୀଙ୍କ ଶୋଚନୀୟ ମୃତୁ ହୋଇଛି । ମୃତକ ଜଣକ ହେଲେ କଣ୍ଟାପଡ଼ା ବ୍ଲକ ତଥା ଓଲଟପୁର ଥାନା ଅନ୍ତର୍ଗତ ବରାହିପୁର ଗ୍ରାମର ଗଙ୍ଗାଧର ପ୍ରଧାନ (୫୦) । ଗଙ୍ଗାଧର ନିଜ ବାଇକରେ ନିଆଳିରୁ କାମ ସାରି ରବିବାର ଅପରାହ@ରେ ଘରକୁ ଫେରୁଥିଲାବେଳେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ । ତାଙ୍କୁ କୌଣସି ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା ଗଙ୍ଗାଧର ରାସ୍ତାରେ ଛିଟିକି ପଡ଼ିଥିଲେ । ତାଙ୍କ ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ତାଙ୍କୁ ଗୁରୁତର ଅବସ୍ଥାରେ ସଙ୍ଗେସଙ୍ଗେ ନିକଟସ୍ଥ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଗ୍ରାମ ଶ୍ମଶାନରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା । ବଡ଼ ଝିଅ ଶୁଭଶ୍ରୀ ମୁଖାଗ୍ନି ଦେଇଥିଲେ । ଗଙ୍ଗାଧର ପରିବାରର ଏକମାତ୍ର ରୋଜଗାରକ୍ଷମ ବକ୍ତି ଥିଲାବେଳେ ଏବେ ସମ୍ପୃକ୍ତ ପରିବାର ହତାଶ ହୋଇପଡ଼ିଛି ।

## ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ଓ ଅଦଳବଦଳକୁ ନେଇ

# ପ୍ରକାଶିତ ସମ୍ବାଦ 'ସଂପୂର୍ଣ୍ଣ ଅମୂଳକ ଏବଂ ଆଧାରହୀନ' : ମନମୋହନ



ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ୨ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ସଂକଳ୍ପ ପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟରୁ ଅନେକାଂଶ ପୂରଣ ହୋଇସାରିଛି। ଇତି ମଧ୍ୟରେ ଦଳର ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ବିଭିନ୍ନ ମୋର୍ଚ୍ଚା ପଦାଧିକାରିଙ୍କ ନାମ ତାଲିକା ଘୋଷଣା ସରିଛି। ବହୁ ଶୀଘ୍ର ଖାଲି ରହିଥିବା ଦଳୀୟ ପଦପଦବୀର ଅନ୍ୟ ନାମ ତାଲିକା ବି ଘୋଷଣା କରାଯିବ। ମାତ୍ର ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ଓ ଅଦଳବଦଳକୁ ନେଇ କିଛି ଗଣମାଧ୍ୟମ ଯେଉଁ ଭଳି ଭାବରେ ବିଭ୍ରାନ୍ତକାରୀ ଏବଂ କପୋଳକଳ୍ପିତ ସମ୍ବାଦ ପ୍ରସାରଣ କରିଛନ୍ତି, ତାହା ସଂପୂର୍ଣ୍ଣ ଅମୂଳକ ଏବଂ ଆଦାରହୀନ। ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ସହିତ ଅନ୍ୟ ସମସ୍ତ ଆବଶ୍ୟକ ନିଷ୍ପତ୍ତିଗୁଡ଼ିକୁ ସଠିକ ସମୟରେ ନିଆଯିବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

# ଡିପିସି ପକ୍ଷରୁ ବିଶ୍ୱ ପ୍ରେସ ସାଧୀନତା ଦିବସ

ଖୋର୍ଦ୍ଧା, (ସବ୍ୟୁ) : ଜିଲ୍ଲା ପ୍ରେସ କ୍ଲବ(ଡିପିସି) ଖୋର୍ଦ୍ଧା ଆନୁକୂଲ୍ୟରେ ବିଶ୍ୱ ପ୍ରେସ ସାଧୀନତା ଦିବସ ସାମ୍ବାଦିକ ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବିଷୟ ବସ୍ତୁ "ଶାନ୍ତିର ଭବିଷ୍ୟତ ପାଇଁ ପ୍ରେସ ସ୍ୱାଧନତାକୁ ଗୁରୁତ୍ୱ"। କ୍ଲବର ସଭାପତି ତପନ କୁମାର ନାୟକ ସଭାପତିତ୍ୱରେ ଆୟୋଜିତ ଏହି ଦିବସରେ ଉପସଭାପତି ଲଳିତ ମୋହନ ମହାପାତ୍ର, ପ୍ରସନ୍ନ କୁମାର ପାଇକରାୟ, କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ଦାସ, କାର୍ଯ୍ୟକାରୀ ସଦସ୍ୟ ଇକୱାଲ ଅହମ୍ମଦ, ରାମଚନ୍ଦ୍ର ଜୁଝାରସିଂହ, ରାଜେଶ ମହାନ୍ତି, ଶୁଭକାନ୍ତ ମହାପାତ୍ର, ଲକ୍ଷ୍ମୀ ନାରାୟଣ ମହାପାତ୍ର, ଦୁର୍ଗାପ୍ରସାଦ ଷଡଙ୍ଗୀ, ରାଜୀବ ଲୋଚନ ମହାପାତ୍ର, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

ଗଣମାଧ୍ୟମର ସ୍ୱାଧନତା ସମ୍ପର୍କରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମଇ ୩ ତାରିଖକୁ ବିଶ୍ୱ ପ୍ରେସ ସ୍ୱାଧନତା ଦିବସ ଭାବେ ପାଳନ କରାଯାଉଛି। ଜାତିସଂଘର ଜନସଂଚାର ବିଭାଗ ଦ୍ୱାରା ୧୯୯୧ ମସିହାରେ ପାଳନ କରିବାକୁ ପ୍ରସ୍ତାବ ହୋଇଥିବା ବେଳେ ୧୯୯୩ ମସିହାରୁ ବିଧବଦ୍ଧ ଭାବେ ଏହି ଦିବସ ପାଳିତ ହୋଇଆସୁଛି। ସାରା ବିଶ୍ୱରେ ସାମ୍ବାଦିକ ଟିଏ ଯେଭଳି ଭାବେ ବିନା ଭୟ ଏବଂ ସଙ୍କୋଚରେ ସତ୍ୟକୁ ସାମନା କରିପାରିବ ଏହି ଦିବସ ତାହାର ବାର୍ତ୍ତା ଦେଉଛି ମତ ପ୍ରକାଶ ପାଇଥିଲା। ସାମ୍ବାଦିକ ମାନେ କୌଣସି ଖବର ପରିବେଷଣ ସମୟ ବହୁବିଧ ସମସ୍ୟା ସମ୍ମୁଖୀନ ହୋଇଥାନ୍ତି। ପ୍ରେସ ସାଧନତା ଇଣ୍ଡେକ୍ସରେ ଭାରତ ସ୍ଥାନ ଗତ ୨୫ବର୍ଷ ମଧ୍ୟରେ ଖରାପ ସ୍ଥିତିରେ




ରହିଛି। ସମାଜ ଜାଗ୍ରତ ପ୍ରହରୀ ଭାବେ ସାମ୍ବାଦିକ ମାନେ ନୀରପେକ୍ଷ, ସତ୍ୟ ଆଧାରିତ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲା। ଅବ୍ୟକ୍ତ ହରିହର ଖାଡଙ୍ଗା ମଂଚ ସଂଯୋଜନା କରିଥିବା ବେଳେ ଉପଦେଷ୍ଟା ଦିଲ୍ଲୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦରଦାମ ବୃଦ୍ଧିରେ ଦହଗଞ୍ଜ ଖାଉଟି: ବିଜେଡି

ଭୁବନେଶ୍ୱର, (ସବ୍ୟୁ):ରାଜ୍ୟ ସରକାର ଓମ୍ଫେଡ୍ ଦୁଗ୍ଧ ପ୍ରତି ଲିଟର ପିଛା ୪ ଟଙ୍କା ବୃଦ୍ଧି କରିଛନ୍ତି । ଯେଉଁଥିରେ ମାତ୍ର ୧ ଟଙ୍କା ଚାଷୀ ଉପକୃତ ହୋଇଥିଲା ବେଳେ ଆଉ ତିନି ଟଙ୍କା ସରକାର ନିଜ ତହବିଲକୁ ନେଉଛନ୍ତି, ଯାହାକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଦର ବୃଦ୍ଧି କରି ସାଧାରଣ ଖାଉଟିଙ୍କୁ ହସ୍ତସନ୍ତ କଲାଣି ଏ ଡବଲ ଇଂଜିନ ସରକାର । ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ ବିଜେପି ସରକାର ଉପରେ ବର୍ଷିଛନ୍ତି । ଡ. ମହାନ୍ତି କହିଛନ୍ତି, ସରକାର ଓମ୍ଫେଡ୍ ଦୁଗ୍ଧ ଲିଟର ପିଛା ୪ଟଙ୍କା ବୃଦ୍ଧି କରିଛନ୍ତି । ଏଥିରେ ମାତ୍ର ୧ ଟଙ୍କା ଦୁଗ୍ଧ ଚାଷୀମାନେ ଉପକୃତ ହୋଇଥିଲା ବେଳେ ଆଉ ୩ ଟଙ୍କା ରାଜ୍ୟ ସରକାର ଲାଭବାନ ହେଉଛନ୍ତି । ସରକାର ଚାଲାଖି କରି ଦୁଇ ଦିନ ତଳେ ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ୧ ଟଙ୍କା ଦେବା ପାଇଁ ଖବର କାଗଜରେ ବିଜ୍ଞାପନ ପ୍ରକାଶ କରି ବାହାବା ନେବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଆଜି ସରକାରଙ୍କ ଅସଲ ଉଦ୍ଦେଶ୍ୟ ସର୍ବସମ୍ମୁଖକୁ ଆସିଛି । ୧ ଟଙ୍କା ଚାଷୀଙ୍କୁ ଦେବା ବାହାନାରେ ୪ ଟଙ୍କା ସାଧାରଣ ଖାଉଟିଙ୍କୁ ଲୁଟିଛନ୍ତି । ସରକାର ବୃଦ୍ଧି କରିଥିବା ସମସ୍ତ ୪ ଟଙ୍କା ଦୁଗ୍ଧ ଚାଷୀଙ୍କୁ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି । ଅନ୍ୟପଟେ ଗ୍ୟାସ୍ ଦର ବୃଦ୍ଧି ସାଧାରଣ ଜନତାଙ୍କୁ ଅଣାୟତ୍ତ କରିସାରିଲାଣି । ବିଗତ ୬ ମାସରେ ୪ ଥର ଗ୍ୟାସ୍ ଦର ବୃଦ୍ଧି 'ବେଡି ଉପରେ କୋରଡା ମାଡ' ସଦୃଶ୍ୟ । ଏହା ଲୋକଙ୍କ ଦୈନନ୍ଦିନ ଜୀବନରେ ଆର୍ଥିକ ବୋଝ ବଢାଇବାରେ ଲାଗିଛି । ସେହିପରି ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ, ଓମ୍ଫେଡ୍ ଦର ବୃଦ୍ଧି ଓ ଗ୍ୟାସ ଦର ବୃଦ୍ଧି ଯୋଗୁ ସାଧାରଣ ଛାତ୍ରଟିଏ ଚା' କପ ଟିଏ ୫ ଟଙ୍କାରେ ପିଉଥିଲା ବେଳେ ୨୦ ଟଙ୍କାରେ ଜଳିଖିଆ ଖାଉଥିଲା । କିନ୍ତୁ ଆଜି ସରକାରଙ୍କ ଏହି ଦର ବୃଦ୍ଧି ଯୋଗୁ, ସାଧାରଣ ଛାତ୍ରଟିଏ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛି । ସରକାର ଦରବୃଦ୍ଧିକୁ ତୁରନ୍ତ ନିୟନ୍ତ୍ରଣକୁ ଆଣନ୍ତୁ, ନଚେତ ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳ ଏହାର ଦୃଢ ବିରୋଧ କରିବ ।

# ଫ୍ଲିପ୍‌କାର୍ଟ, ଆକ୍ସିସ ବ୍ୟାଙ୍କ ଓ ପେୟୁ କାର୍ଡ ପେମେଣ୍ଟସ୍ ପାଇଁ ବାୟୋମେଟ୍ରିକ ପ୍ରମାଣୀକରଣ ପ୍ରଚଳନ

ଭୁବନେଶ୍ୱର, ସବ୍ୟୁ): ଭାରତର ସ୍ୱଦେଶୀ ଇ-କମର୍ସ ମାର୍କେଟପ୍ଲେସ୍ ଫ୍ଲିପ୍‌କାର୍ଟ, ଭାରତରେ ଅନ୍ୟତମ ସର୍ବବୃହତ ଘରୋଇ କ୍ଷେତ୍ର ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ ଓ ଭାରତର ଅଗ୍ରଣୀ ବିବିଧକୃତ ଫିନ୍‌ଟେକ୍ ପ୍ଲାଟଫର୍ମ ପେୟୁ ସହଭାଗୀତାରେ କାର୍ଡ ପେମେଣ୍ଟସ୍ ପାଇଁ ବାୟୋମେଟ୍ରିକ ପ୍ରମାଣୀକରଣ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ତିନିଟି ବିଶ୍ୱସନୀୟ ସଂସ୍ଥାନ ଏହି ପ୍ରୟାସ ନିମନ୍ତେ ସେମାନଙ୍କର ସହଭାଗୀ ଗ୍ରାହକ ପ୍ରଥମ ଆଭିମୁଖ୍ୟ ଆଧାରରେ ପରସ୍ପର ସହିତ ହାତ ମିଳାଇଛନ୍ତି ଏବଂ ଭାରତର ଗ୍ରାହକମାନଙ୍କୁ ସେମାନଙ୍କର ସାମୂହିକ ପ୍ରତିବଦ୍ଧତା ପୁନଃସୁଦୃଢୀକରଣ କରିଛନ୍ତି। ଏହି ପ୍ରୟାସ ବ୍ୟବହାରକାରୀଙ୍କୁ ସେମାନଙ୍କ ଆଙ୍ଗୁଠି ଛାପ ଅଥବା ମୁଖମଣ୍ଡଳ ଆଇଡି ସମର୍ଥନକାରୀ ଆଣ୍ଡ୍ରଏଡ ଓ ଆଇଓଏସ୍ ଉପକରଣରେ ବ୍ୟବହାର କରି ଦେଣନେଣ ପ୍ରମାଣୀକରଣ କରିବାକୁ ଅନୁମତି ଦେଉଛି ଏବଂ ଏହାଦ୍ୱାରା ଥରକ ପାଇଁ ପାସ୍‌ୱର୍ଡ (ଓଟିପି) ଆବଶ୍ୟକତାକୁ ଦୂର କରୁଛି। ଏହି ସେବାକୁ ପ୍ରଥମେ ଆକ୍ସିସ ବ୍ୟାଙ୍କ କାର୍ଡଧାରକମାନଙ୍କ ନିମନ୍ତେ ଯୋଗାଣକାରୀ ସ୍ତରରେ ବାୟୋମେଟ୍ରିକ ପ୍ରମାଣୀକରଣ ଜରିଆରେ କାର୍ଯ୍ୟକ୍ଷମ କରାଯାଉଛି। ଏହାର ପ୍ରଚଳନ ସହିତ ଫ୍ଲିପ୍‌କାର୍ଟ କାର୍ଡ ପେମେଣ୍ଟସ୍ ନିମନ୍ତେ ବାୟୋମେଟ୍ରିକ ପ୍ରମାଣୀକରଣ ସୁବିଧା ଯୋଗାଇଦେବାରେ ଅନ୍ୟତମ ବୃହତ୍ ଭାରତୀୟ ଇ- କମର୍ସ ପ୍ଲାଟଫର୍ମ ହୋଇଛି। ଏହି ବୈଶିଷ୍ଟ୍ୟ ଗ୍ରାହକମାନଙ୍କୁ ଉପକରଣ ଜରିଆରେ ଆଙ୍ଗୁଠିଛାପ ଏବଂ ପରିବର୍ଦ୍ଧିତ ଯାଞ୍ଚ ସମର୍ଥନରେ ଅଧିକ ସୁରକ୍ଷିତ ପ୍ରମାଣୀକରଣ ପଦ୍ଧତି ଯୋଗାଇଦେଉଛି ।

# ରାଜ୍ୟରେ ବଢିଚାଲିଛି ବାଲି ମାଫିଆଙ୍କ ଆତଙ୍କରାଜ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଦିନକୁ ଦିନ ବାଲି ଚୋରା ଚାଲାଣ ବଢିବାରେ ଲାଗିଛି । କେଉଁଠି ତହସିଲଦାରଙ୍କୁ ଆକ୍ରମଣ ହେଲାଣି ତ କେଉଁଠି କର୍ତ୍ତବ୍ୟରତ ପୋଲିସ ଅଫିସରଙ୍କୁ ଗାଡି ଚଢାଇ ଜୀବନରୁ ମାରିଦେଲେଣି । ରାଜ୍ୟରେ ବାଲି ଚୋରା ଚାଲାଣର କାୟା ଦିନକୁ ଦିନ ବଢିବାରେ ଲାଗିଛି । ବାଲି ମାଫିଆମାନେ ଦିନ ଦ୍ୱିପ୍ରହରରେ ଖୁଲମଖୁଲା ଯେଉଁଭଳି ଅପରାଧମାନ ସଂଗଠିତ କରୁଛନ୍ତି ତାହା ରାଜ୍ୟ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ନଗ୍ନ ରୂପ ଦର୍ଶାଉଛି ବୋଲି ବିଜେଡି ଅଭିଯୋଗ କରିଛି । ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ସଂଜୟ ଦାସବର୍ମା, ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରି କହିଛନ୍ତି ଯେ, ଗତ ଦୁଇ ତାରିଖରେ ସାକ୍ଷୀଗୋପାଳ ନିର୍ବାଚନମଣ୍ଡଳୀ କଣାସ ଥାନା ଅନ୍ତର୍ଗତ ଗୋଲବଜାରରେ ସକାଳ ୮ଟା ବେଳେ ବାଲି ମାଫିଆମାନେ ସର୍ବସମ୍ମୁଖରେ ଜଣେ ବ୍ୟକ୍ତିଙ୍କୁ ପନିକିରେ ହାଣି ମଟରସାଇକେଲ ଚଢାଇ ହତ୍ୟା ଉଦ୍ୟମ କରିଥିଲେ । ଯେଉଁଥିରେ ସାଧାରଣ ଲୋକ ଅତ୍ୟନ୍ତ ଭୟଭିତ ହେବା ସହ ରାଜ୍ୟ ସରକାରଙ୍କ ପୋଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି ।

ରାଜ୍ୟରେ ବାଲି ମାଫିଆମାନେ ବିଗତ ଦିନରେ କଟକରେ ପୋଲିସ କର୍ମଚାରୀଙ୍କୁ ଗାଡି ଚଢାଇ ହତ୍ୟା କରିଥିଲେ । ସେହିପରି ବ୍ୟାସନଗର ଅତିରିକ୍ତ ତହସିଲଦାରଙ୍କୁ ଗାଡି ଚଢାଇ ହତ୍ୟା ଉଦ୍ୟମ କରିବା, ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରେ, ଆନନ୍ଦପୁର ତହସିଲ କର୍ମଚାରୀଙ୍କୁ ଟ୍ରାକ୍ଟର ଚଢାଇ ହତ୍ୟା ଉଦ୍ୟମ କରିବା ଦୁର୍ଭାଗ୍ୟଜନକ । ବିଜେପି ଶାସିତ ଉତ୍ତର ପ୍ରଦେଶ ଓ ବିହାରରେ ଯେଉଁଭଳି ଭାବେ ଅପରାଧୀମାନେ ଆଇନ ବ୍ୟବସ୍ଥାକୁ 'ଫୁ' କରି ଅପରାଧମାନ ସଂଗଠିତ କରୁଛନ୍ତି, ସେହିଭଳି ବିଜେପି ଓଡିଶାରେ ଶାସନ ଭାରକୁ ଆସିଲା ପରେ ରାଜ୍ୟରେ ବାଲି ମାଫିଆମାନେ ଅନୁରୂପ ଆତଙ୍କରାଜ ଚଳାଉଛନ୍ତି । ସରକାର ବେଆଇନ ବାଲି ଖାଦାନ ଗୁଡିକୁ ଚିହ୍ନଟ କରି ତୁରନ୍ତ ବନ୍ଦ କରିବା ସହିତ ବାଲି ମାଫିଆମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ଆଗାମୀ ଦିନରେ ଯଦି ରାଜ୍ୟ ସରକାର ଏହି ବେଆଇନ କାର୍ଯ୍ୟ ବନ୍ଦ କରିବା ପାଇଁ କଠୋର ପଦକ୍ଷେପ ନ ନିଅନ୍ତି, ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦାସବର୍ମା କହିଛନ୍ତି ।

## ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ନିର୍ବାଚନ

# ତପନ ନାୟକ ସଭାପତି, ପ୍ରକାଶ ହାତୀ ସମ୍ପାଦକ



ଖୋର୍ଦ୍ଧା, (ସବ୍ୟୁ): ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ୍ ର କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଛି। ଆଜି ଅନୁଷ୍ଠିତ ଏହି ନିର୍ବାଚନ ରେ ସଭାପତି ପଦବୀ ନିମନ୍ତେ ତପନ କୁମାର ନାୟକ ଏବଂ ଶୁଭ୍ରାଂଶୁ ରଞ୍ଜନ ସମାନ୍ତରାୟ ପ୍ରତିଦ୍ୱନ୍ଦିତା କରିଥିଲେ। ଏଥିରେ ତପନ କୁମାର ନାୟକ ୨୬ଖଣ୍ଡ ଭୋଟ ଏବଂ ଶୁଭ୍ରାଂଶୁ ରଞ୍ଜନ ସମାନ୍ତରାୟ ୧୨ଖଣ୍ଡ ପାଇଥିଲେ।ଫଳରେ ତପନ କୁମାର ନାୟକ ୧୪ଖଣ୍ଡ ଭୋଟ ରେ ବିଜୟୀ ହୋଇଥିଲେ। ସମ୍ପାଦକ ଭାବରେ ପ୍ରକାଶ କୁମାର ହାତୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଆଇନ ପରାମର୍ଶ ଦାତା ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା, ଉପଦେଷ୍ଟା ଦିଲ୍ଲୀପ କୁମାର ପଟ୍ଟନାୟକ, ଉପ ସଭାପତି ଲଳିତ ମୋହନ ମାହାପାତ୍ର ଓ ପ୍ରସନ୍ନ କୁମାର ପାଇକରାୟ, ଯୁଗ୍ମ ସମ୍ପାଦକ ସୟଦ ଲିୟାକତ ଅଲ୍ଲୀ ଓ ଅନସର ଅଲ୍ଲି, କୋଷାଧକ୍ଷ ଗୋପାଳ କୃଷ୍ଣ ଦାସ ଏବଂ କାର୍ଯକାରୀ ସଦସ୍ୟ ଭାବେ ଜିତେନ୍ଦ୍ର କୁମାର ଭଞ୍ଜ, ଶୁଭକାନ୍ତ ମହାପାତ୍ର, ରାଜେଶ ଚନ୍ଦ୍ର ମହାନ୍ତି, ଇକବାଲ ଅହମ୍ମଦ ଓ ରାମଚନ୍ଦ୍ର ଜୁଝାରସିଂହ ଏବଂ ପ୍ରସାର ପ୍ରମୁଖ ଭାବେ ସନ୍ତୋଷ ଚୌଧୁରୀ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ଭଞ୍ଜ ଏବଂ ପ୍ରଭାତ ପାଣିଗ୍ରାହୀ ତାଙ୍କୁ ଏଥିରେ ସହାୟତା କରିଥିଲେ।

# ସବୁଜ ପାହାଡ଼, ଆଧୁନିକ ଜୀବନ ଉଭୟ ସିଜିମାଲିରେ କ'ଣ ରହିପାରିବେ

ଭୁବନେଶ୍ୱର, (ସବ୍ୟୁ): ସିଜିମାଲି ପାହାଡ଼ ନିକଟବର୍ତ୍ତୀ ଅଂଚଳ, ଯେଉଁଠାରେ ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲା ଜଙ୍ଗଲ ଘେରା ଢାଲ ଦେଇ ମିଳିତ ହୁଅନ୍ତି, ସ୍ଥାନୀୟ ଆଲୋଚନାରେ ସାମିଲ ହେଉଥିବା ବିତର୍କ ପ୍ରାୟତଃ ଏକ ସରଳ ରୂପରେ ଆସେ। ଏଗୁଡ଼ିକ ଛୋଟ ଚା ଦୋକାନରେ, ଚାଷକ୍ଷେତ୍ରରୁ ଘରକୁ ଫେରିବା ପାଇଁ ଦୀର୍ଘ ପଦଯାତ୍ରାରେ ଏବଂ ଫୋନ୍ ରିଚାର୍ଜ ଏବଂ ଘରୋଇ ସାମଗ୍ରୀ ଉଭୟ ଉପଲବ୍ଧ ଥିବା ଛୋଟ କିରାଣା ଦୋକାନ ବାହାରେ ପଚରାଯାଉଥିବା ଆନିମେଟେଡ୍ ପ୍ରଶ୍ନ ଭାବରେ ଉଭା ହୁଏ। ସିଜିମାଲି ବର୍ତ୍ତମାନ ଦୁଇଟି ଆକର୍ଷଣୀୟ ଦୃଷ୍ଟିକୋଣର ଛକରେ ଅବସ୍ଥିତ। ଗୋଟିଏ ହେଉଛି ସମ୍ବଳ ସୁରକ୍ଷା ଆଡ଼କୁ ବିଶ୍ୱସ୍ତରୀୟ ପରିବର୍ତ୍ତନ, କାରଣ ବର୍ଦ୍ଧିତ ଭୂରାଜନୈତିକ ଅନିଶ୍ଚିତତା ସାମ୍ନାରେ ବିଶ୍ୱବ୍ୟାପୀ ଦେଶଗୁଡ଼ିକ ସେମାନଙ୍କର ରଣନୈତିକ ଖଣିଜ ପଦାର୍ଥ ଉପରେ ଦୃଢ଼ ନିୟନ୍ତ୍ରଣ ଖୋଜନ୍ତି ଏବଂ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଲକ୍ଷ୍ୟ ରଖନ୍ତି। ଅନ୍ୟଟି ହେଉଛି ବ୍ୟକ୍ତିଗତ ଏବଂ ଭୂମିଗତ: ଏହି ଅଂଚଳରେ ବାସ କରୁଥିବା ପ୍ରାୟତଃ ବିଚ୍ଛିନ୍ନ, ବିଚ୍ଛିନ୍ନ ସମ୍ପ୍ରଦାୟଗୁଡ଼ିକ କୌଣସି ଆପୋଷ ବିନା ବିକାଶର ସୁଯୋଗ ପାଇପାରିବେ କି ନାହିଁ।

ପ୍ରସ୍ତାବିତ ବକ୍ସାଇଟ୍ ପ୍ରକଳ୍ପ ସହିତ ଜଡିତ ଅଧିକାରୀ ଏବଂ ତୃଣମୂଳ ସ୍ତରର ସମର୍ଥକମାନେ କହିଛନ୍ତି ଯେ ଏହା ଏକ ଖଣିଜ ବ୍ଲକ ଯାହା ବିଶେଷ ଭାବରେ ଏହାର କ୍ଷୁଦ୍ର ଜନସଂଖ୍ୟା ଏବଂ ବିରଳ ଉଦ୍ଭିଦ ହେତୁ ବାଛି ନିଆଯାଇଛି। ଭାରତରେ, ବିଶେଷକରି ପୂର୍ବଘାଟରେ ଅନେକ ବକ୍ସାଇଟ୍ ଜମା, ସେମାନଙ୍କର ମାଳଭୂମି ଶୀର୍ଷରେ ଅପେକ୍ଷାକୃତ ପତଳା ଉଦ୍ଭିଦ ଦ୍ୱାରା ଚିହ୍ନିତ। ୧୮ଟି ଗ୍ରାମକୁ ଘେରି, ଖଣିଜ ବ୍ଲକକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରାୟତ ୧୦୦ଟି ପରିବାରକୁ ସ୍ଥାନାନ୍ତରିତ କରିବା ଆବଶ୍ୟକ ହେବ। ଭୂମିରେ, ପ୍ରକଳ୍ପକୁ ସଫଳ ବୋଲି ବିବେଚନା କରିବାର ଏକକ ମାପଦଣ୍ଡ ସ୍ପଷ୍ଟ: ଏହା ସିଜିମାଲି ଏବଂ କାଶୀପୁର ବ୍ଲକର ଲୋକଙ୍କ ପାଇଁ ପ୍ରକୃତ, ଦୃଶ୍ୟମାନ ବିକାଶ ଆଣିବ କି ନାହିଁ। ଏହି ଅଂଚଳର ଯୁବପିଢ଼ି, ଯେଉଁମାନଙ୍କ ମଧ୍ୟରୁ ଅନେକ ଜୀବିକା ନିର୍ବାହ କୃଷି ଏବଂ ପଶୁପାଳନରୁ ନିଜର ଜୀବିକା ଅର୍ଜନ କରନ୍ତି, ପ୍ରାୟତଃ ସୋସିଆଲ ମିଡିଆରେ ଭିଡିଓ ସ୍କ୍ରୋଲ୍ କରି ସେମାନଙ୍କର ଖାଲି ସମୟ ବିତାଇଥାନ୍ତି। ଅନେକ ଖଣି କାର୍ଯ୍ୟକ୍ଷମ କରିବାର ମନ୍ଥର ଗତିରେ ନିଜର ହତାଶା ପ୍ରକାଶ କରିଥିଲେ।

ସେମିଲିଗୁଡ଼ାର ବାସିନ୍ଦା ଅର୍ଜୁନ ମାଝୀ, "ପ୍ରକଳ୍ପଟି ପ୍ରଥମେ ଘୋଷଣା ହେବାର ତିନି ବର୍ଷ ହୋଇଗଲାଣି। କିନ୍ତୁ ଏବେ, ଯେତେବେଳେ ଦେଖାଯାଉଥିଲା ଯେ ଜିନିଷଗୁଡ଼ିକ ଶେଷରେ ଆଗକୁ ବଢ଼ିବାରେ ଲାଗିଛି, ପୁଣି ଥରେ ଆମେ ଏହି ବାଧାଗୁଡ଼ିକୁ ଦେଖୁଛୁ", ମାଝୀ କହିଛନ୍ତି। "ଆମ ସମ୍ପ୍ରଦାୟର ଆବଶ୍ୟକତା ସରଳ: ଏକ ହସ୍ପିଟାଲ ଯାହା ସୁଗମ, ପ୍ରତିଦିନ କାର୍ଯ୍ୟ କରୁଥିବା ଏକ ସ୍କୁଲ, ଏବଂ ବର୍ଷା ଆସିଲେ ଆମକୁ ବିଚ୍ଛିନ୍ନ ନ କରୁଥିବା ରାସ୍ତା। ଆମେ ବିଶ୍ୱାସ କରୁଛୁ ଯେ ଏହି ପ୍ରକଳ୍ପ ଆମକୁ ଏସବୁ ହାସଲ କରିବାରେ ସାହାଯ୍ୟ କରିପାରିବ।" ଟିକ୍ରିର ଲାଲବାହାଦୂର ଦୁରିଆ ତାଙ୍କ ପାଇଁ ବିକାଶର ଅର୍ଥ କ'ଣ ସେ ବିଷୟରେ କହିଥିଲେ। "ଆମର ଜୀବନଧାରଣର ବିକଳ୍ପଗୁଡ଼ିକ ପ୍ରାୟତଃ ସୀମିତ," ଦୁରିଆ କହିଥିଲେ। "ଯେତେବେଳେ କାମ ଋତୁକାଳୀନ ହୋଇଥାଏ, ଆୟ ଅନ୍ତରାୟ ହୋଇଥାଏ, ଏବଂ ଅନ୍ୟ ସବୁକିଛି ଅନିଶ୍ଚିତ ହୋଇଯାଏ। ଆମେ ଏହି ପ୍ରକଳ୍ପକୁ ଶେଷରେ ଆମକୁ ଜୀବିକାର ଏକ ସ୍ଥିର ଉତ୍ସ ପ୍ରଦାନ କରିବାକୁ ଅପେକ୍ଷା କରିଥିଲୁ। ଯଦି ଘର ପାଖରେ ଏକ ସ୍ଥିର ଆୟ ଅର୍ଜନ କରିବାର ଏକ ଉପାୟ ଥାଏ, ତେବେ ଲୋକମାନେ ଏହାକୁ ସମର୍ଥନ କରିବାକୁ ସର୍ବଦା ପ୍ରସ୍ତୁତ ରହିବେ।"



କମ୍ପାନୀର ନିକଟତମ ସୂତ୍ର କହିଛି ଯେ ଏହା ଚାଲିଥିବା ଆଲୋଚନାରେ ବିଶ୍ୱାସ ଗଠନର ଭୂମିକାକୁ ସ୍ୱୀକାର କରେ। "ଆମେ ଜାଣୁ ଯେ ସମ୍ପ୍ରଦାୟ ନିଶ୍ଚିତତା ଚାହାଁନ୍ତି। ତେଣୁ ପୁନର୍ବାସ ଏବଂ ଜୀବନଯାପନ ଅବସ୍ଥା ହେଉଛି ପ୍ରମୁଖ ଦିଗ ଯାହାକୁ ଆମେ ବହୁତ ଗମ୍ଭୀରତାର ସହିତ ନେଉଛୁ।" ସେମାନେ ଆହୁରି ମଧ୍ୟ କହିଛନ୍ତି "ଏପରି ଭୁଲ ଧାରଣା ଅଛି ଯେ ଖଣି ସ୍ୱୟଂଚାଳିତ ଭାବରେ ଅପରିବର୍ତ୍ତନୀୟ କ୍ଷତିର ଅର୍ଥ କରେ। କିନ୍ତୁ ଅଧିକାଂଶ ଆଧୁନିକ ଖଣି ପ୍ରକଳ୍ପଗୁଡ଼ିକ କଠୋର ସାମାଜିକ ଏବଂ ପରିବେଶଗତ ସୁରକ୍ଷା ଉପରେ ଡିଜାଇନ୍ କରାଯାଇଛି, ଯାହା ଭୂମିରେ ଦୃଶ୍ୟମାନ ହେବା ଆବଶ୍ୟକ।" ସିଜିମାଲି ପ୍ରକଳ୍ପର ସ୍ଥାୟୀତ୍ୱ ଦିଗଗୁଡ଼ିକ ତିନୋଟି ପ୍ରମୁଖ ସ୍ତମ୍ଭ ଉପରେ ନିର୍ଭର କରେ। ପ୍ରଥମଟି ହେଉଛି ବନୀକରଣ। ଖଣିଜ ବ୍ଲକ ସହିତ ଜଡିତ ପ୍ରାୟ ୧୫୦୦ ହେକ୍ଟର ମଧ୍ୟରୁ ୩୦୦ ହେକ୍ଟର କେବଳ ବନୀକରଣ ଉଦ୍ଦେଶ୍ୟରେ ରଖାଯାଇଛି। ଖଣି ଅନୁମୋଦନଗୁଡ଼ିକ ବିଶେଷ ଭାବରେ ଖଣିଜ ଉତ୍ପାଦନ ସହିତ ପ୍ରଗତିଶୀଳ ବନୀକରଣ ସହିତ ଜଡିତ, ଖଣି ଯେପରି ସବୁଜ ଆବରଣ ବୃଦ୍ଧି କରିବା ଉଦ୍ଦେଶ୍ୟରେ। ବନୀକରଣ ପ୍ରୟାସରେ ଯୋଡିବା ପାଇଁ ଓଡ଼ିଶାର ଅନ୍ୟତ୍ର ଅତିରିକ୍ତ ୭୦୦ ହେକ୍ଟର ମଧ୍ୟ ସ୍ଥିର କରାଯାଉଛି। ଅନ୍ୟ ସମର୍ଥକମାନେ ଏହି ପ୍ରକଳ୍ପକୁ ଏକ ବ୍ୟାପକ ଜାତୀୟ ପରିପ୍ରେକ୍ଷୀରେ ଦେଖନ୍ତି। ସେମାନେ ଯୁକ୍ତି ଦିଅନ୍ତି ଯେ ଭାରତର ଆତ୍ମନିର୍ଭରଶୀଳତା ଆମଦାନୀ ଅନିଶ୍ଚିତତାର ସମ୍ମୁଖୀନ ହେବା ପରିବର୍ତ୍ତେ ଘରୋଇ ଯୋଗାଣ ଶୃଙ୍ଖଳ ବିକାଶ ଉପରେ ନିର୍ଭର କରେ। ସେମାନଙ୍କ କହିବା ଅନୁଯାୟୀ, ବକ୍ସାଇଟ୍ ସୁରକ୍ଷା ଭାରତ କିପରି ପଛରେ ପଡ଼ିବା ଏଡ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଏପରି ଏକ ବିଶ୍ୱରେ ଯେଉଁଠାରେ ଖଣିଜ ପଦାର୍ଥର ପ୍ରବେଶ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ଗଠନ କରିଥାଏ। କିନ୍ତୁ ସିଜିମାଲି ଆଖପାଖର ଗ୍ରାମଗୁଡ଼ିକ ପାଇଁ, ଏହି ପ୍ରକଳ୍ପକୁ ସ୍ଥାନୀୟ ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିବ: ପରିବେଶ କିମ୍ବା ଜୀବିକାକୁ ନଷ୍ଟ ନକରି ବିକାଶ ପ୍ରଦାନ କରନ୍ତୁ। ପାହାଡ଼ ପାଦଦେଶରେ ସନ୍ଧ୍ୟା ଆସିବା ସହିତ, ପାହାଡ଼ ଅନ୍ଧାର ହୋଇଯାଏ ଏବଂ ସିଜିମାଲିର କାହାଣୀ ଏକ ଆଶାଜନକ ନୂତନ ଅଧ୍ୟାୟ ଅପେକ୍ଷା କରେ।

# ଫାଲ୍ଟାରେ ପୁନଃ ମତଦାନ କାହିଁକି ?

ନୂଆଦିଲ୍ଲୀ: ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ଅନ୍ତର୍ଗତ ଫାଲ୍ଟା ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ଆୟୋଗ ସମ୍ପୂର୍ଣ୍ଣ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଉପୁଜିଥିବା ବାଧାବିଘ୍ନକୁ ଦର୍ଶାଇ ନିର୍ବାଚନ ଆୟୋଗ ସହାୟକ ବୁଥ୍ ସମେତ ସମସ୍ତ ୨୮୫ ମତଦାନ କେନ୍ଦ୍ରରେ ହୋଇଥିବା ମତଦାନକୁ ରଦ୍ଦ କରିଦେଇଛି। ମେ ୨୧ରେ ସାନି ଭୋଟ୍ ଧାର୍ଯ୍ୟ କରାଯାଇଛି। ମେ ୨୪ରେ ଏଠାରେ ଭୋଟ୍ ଗଣନା ହେବ। ଏହି ନିର୍ବାଚନମଣ୍ଡଳୀକୁ ଛାଡ଼ି ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ ଓ ପୁଡୁଚେରୀରେ ଆସନ୍ତାକାଲି (ସୋମବାର) ଭୋଟ୍ ଗଣନା ଓ ଫଳ ଘୋଷଣା ହେବାର କାର୍ଯ୍ୟକ୍ରମ ରହିଛି।

ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ସୁବ୍ରତ ଗୁପ୍ତା ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ରିପୋର୍ଟ ପରେ ଏହି ନିଷ୍ପତ୍ତି ନିଆଯାଇଛି। ସେମାନେ ଫାଲ୍ଟାରେ



ବ୍ୟାପକ ପ୍ରକ୍ରିୟାଗତ ତ୍ରୁଟି, ହସ୍ତକ୍ଷେପ ଓ ଅଭିଯୋଗର ସମାଧାନରେ ବିଫଳତା ଦର୍ଶାଇଛନ୍ତି। ଅଧିକାରୀ କହିଛନ୍ତି, ଉଲ୍ଲଙ୍ଘନର ପରିମାଣ ଏତେ ଯେ ଏଠାରେ ମତଦାନକୁ ମୁକ୍ତ ଓ ନିରପେକ୍ଷ ବୋଲି କୁହାଯାଇ ପାରିବ ନାହିଁ। ଫଳରେ ଆୟୋଗଙ୍କୁ ସମଗ୍ର ନିର୍ବାଚନମଣ୍ଡଳୀ ପାଇଁ ସାନି ମତଦାନ କରିବାକୁ ନିଷ୍ପତ୍ତି ନେବାକୁ ପଡ଼ିଲା। ବିବାଦର ମୂଳରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ଟ୍ୟାମ୍ପରିଂ ଅଭିଯୋଗ ଥିଲା। ରିପୋର୍ଟରୁ ଜଣାପଡିଛି ଯେ ଅନେକ ମତଦାନ କେନ୍ଦ୍ରରେ ବାଲାଟ୍ ୟୁନିଟ୍ ବଟନ୍ରେ କଳା ଫିତା ଲଗାଯାଇଥିଲା। କେତେକ କ୍ଷେତ୍ରରେ ଅତର ପରି ପଦାର୍ଥ ମଧ୍ୟ ଭୋଟରମାନଙ୍କୁ ସେମାନଙ୍କ ପସନ୍ଦର ପ୍ରାର୍ଥୀ ବାଛିବାରେ ବାଧା ଦେଇଥିଲା। ଅତି କମ୍ରେ ୬୦ଟି ମତଦାନ କେନ୍ଦ୍ରରେ ଏହିପରି ଟ୍ୟାମ୍ପରିଂ ହୋଇଥିଲା। ଆୟୋଗ ଉଲ୍ଲେଖ କରିଛନ୍ତି ଯେ, ଅଭିଯୋଗ ବିଳମ୍ବରେ ଆସିଥିଲା ଓ ତା'ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସେତେବେଳକୁ ମତଦାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଶେଷ ହୋଇ ଯାଇଥିଲା। ରିପୋର୍ଟରେ ମତଦାନ ପରେ ଗୁରୁତର ପ୍ରକ୍ରିୟାଗତ ତ୍ରୁଟି ଉପରେ ମଧ୍ୟ ଆଲୋକପାତ କରାଯାଇଛି। ସମସ୍ତ ପ୍ରାର୍ଥୀଙ୍କ ଉପସ୍ଥିତିରେ ଅଭିଯୋଗର ଯାଞ୍ଚ କରାଯାଇଥିଲା। ଅଧିକାରୀମାନେ କହିଛନ୍ତି ଯେ, ମତଦାନ ସମୟରେ ଏକାଧିକ ଅଭିଯୋଗ ସତ୍ତ୍ୱେ ପ୍ରଭାବିତ ବୁଥ୍ଗୁଡିକର ବିସ୍ତୃତ ଯାଞ୍ଚ ଠିକ୍ ସମୟରେ କରାଯାଇ ନ ଥିଲା। ପର୍ଯ୍ୟବେକ୍ଷକମାନେ ମତଦାନ ପ୍ରକ୍ରିୟାରେ ଲୋକଙ୍କୁ ଭୟଭୀତ କରିବା, ବାଧା ସୃଷ୍ଟି କରିବା ଓ ହସ୍ତକ୍ଷେପର ଏକ ବ୍ୟାପକ ଢାଞ୍ଚା ବିଷୟରେ ସୂଚାଇଛନ୍ତି। ସମ୍ବିଧାନର ଧାରା ୩୨୪ ଓ ଜନ ପ୍ରତିନିଧି ଆଇନର ଧାରା ୫୮ ଓ ୫୮ଏ ଅଧୀନରେ ଏହାର କ୍ଷମତା ବ୍ୟବହାର କରି ଆୟୋଗ ପୁନଃ ମତଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଫାଲ୍ଟାର ସମସ୍ତ ୨୮୫ ମତଦାନ କେନ୍ଦ୍ରରେ ବର୍ତ୍ତମାନ ମେ ୨୧ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ପୁନର୍ବାର ଭୋଟ୍ ହେବ ଏବଂ ମେ ୨୪ରେ ଗଣତି ହେବ। କଠୋର ସୁରକ୍ଷା ଓ ତୀକ୍ଷ୍ଣ ତଦାରଖ ଭିତରେ ପୁନଃ ମତଦାନ ହେବ ବୋଲି ଆଶା କରାଯାଉଛି।

# ମେ' ୭ରେ ଏୟାର ଇଣ୍ଡିଆ ବୋର୍ଡ ବୈଠକ

ନୂଆଦିଲ୍ଲୀ: କ୍ଷତିରେ ଚାଲିଥିବା ଏୟାର ଇଣ୍ଡିଆର ଅସୁବିଧା ବଢ଼ି ଚାଲିଛି। ବିମାନ ଇନ୍ଧନ ଦରବୃଦ୍ଧି କମ୍ପାନିକୁ ଅଧିକ ଅଡୁଆରେ ପକାଇଛି। ଆସନ୍ତା ୭ ତାରିଖରେ ମୁମ୍ବାଇରେ ହେବାକୁ ଥିବା ବୋର୍ଡ ବୈଠକରେ ଖର୍ଚ୍ଚକାଟ ସମେତ ନୂଆ ସିଇଓ ଚୟନ ଆଦି ସଂପର୍କରେ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି ବୋଲି ଏକ ସୂତ୍ରରୁ ଜଣାଯାଇଛି। ପ୍ରତିକୂଳ ପରିସ୍ଥିତି ପାଇଁ ୨୦୨୫-୨୬ରେ ଏୟାର ଇଣ୍ଡିଆର କ୍ଷତି ୨୨ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ବିମାନ ଇନ୍ଧନ ଦରବୃଦ୍ଧି ଆଗାମୀ ଦିନରେ କ୍ଷତି ପରିମାଣ ଆହୁରି ବଢ଼ାଇବ। ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ ୱିଲସନ ଇସ୍ତଫା ଘୋଷଣା କରି ସାରିଛନ୍ତି। ନୂଆ ସିଇଓ ଚୟନ ପାଇଁ କମ୍ପାନି ଏକ କମିଟି ପୂର୍ବରୁ ଗଠନ କରିଛି। ତେଣୁ କମ୍ପାନିର ବୋର୍ଡ ବୈଠକରେ ନୂଆ ସିଇଓ ଚୟନ ନେଇ ମଧ୍ୟ ଆଲୋଚନା ହେବ। ସିଇଓ କ୍ୟାମ୍ପବେଲ ଯଦିଓ ଇସ୍ତଫା ଦେଇଛନ୍ତି ତଥାପି ନୂଆ ସିଇଓ ନିଯୁକ୍ତ ହେବା ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିବେ। ଖର୍ଚ୍ଚ କାଟ ଯୋଜନା ମଧ୍ୟରେ ବିଜନେସ ଶ୍ରେଣୀର ଯାତ୍ରୀଙ୍କ ଟିକଟରୁ ମିଲ୍ ଉଡ଼ାଣ ବିକଳ୍ପ ଆକାଶ ମାର୍ଗ ଦେଇ କରିବାକୁ ପଡୁଛି। ଏଥିପାଇଁ ଯାତ୍ରା ସମୟ ଅଧିକ ରହିବା ସହିତ ବିମାନ ଇନ୍ଧନ ଖର୍ଚ୍ଚ ମଧ୍ୟ ଅଧିକ ରହୁଛି। ଟାଟା ସନ୍ସର ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ, ଏୟାର ଇଣ୍ଡିଆର ସିଇଓ ୱିଲସନ, ସିଙ୍ଗାପୁର




ଏବଂ ଲାଉଞ୍ଜ ସୁବିଧାକୁ ଅଲଗା କରାଯାଇ ପାରେ। ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ବୋର୍ଡ ବୈଠକରେ ନିଆଯିବ ବୋଲି କୁହାଯାଉଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଏୟାର ଇଣ୍ଡିଆକୁ ଅନେକ ଅନ୍ତର୍ଜାତୀୟ ଏୟାରଲାଇନ୍ସର ସିଇଓ ଜି ଚୁନ୍ ଫଙ୍ଗ୍ ସମେତ ବୋର୍ଡର ଅନ୍ୟ ୪ ସଦସ୍ୟ ଯଥା ସଞ୍ଜୀବ ମେହେଟା, ଏ ବୈଦ୍ୟନ, ପିଆର୍ ରମେଶ ଏବଂ ବିପି ବାଲାଜୀ ବୈଠକରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ଆମେରିକା ପ୍ରତିବନ୍ଧକକୁ "ବେଆଇନ୍" କହି ପ୍ରତ୍ୟାଖ୍ୟାନ କଲା ଚୀନ

ବେଜିଂ : ଆମେରିକା ଓ ଚୀନ ମଧ୍ୟରେ ବାଣିଜ୍ୟିକ ତଥା ରଣନୈତିକ ତିକ୍ତତା ବର୍ତ୍ତମାନ ଏକ ଗମ୍ଭୀର ସ୍ଥିତିରେ ପହଞ୍ଚିଛି। ଚୀନର ପାଞ୍ଚଟି ଘରୋଇ ତୈଳ ବିଶୋଧନାଗାର ଉପରେ ଆମେରିକା ପକ୍ଷରୁ ଲଗାଯାଇଥିବା ପ୍ରତିବନ୍ଧକକୁ ଚୀନ ସରକାର "ବେଆଇନ୍" ବୋଲି ଘୋଷଣା କରିଛନ୍ତି। ଏହି ପ୍ରତିବନ୍ଧକକୁ ଲାଗୁ ହେବାରୁ ରୋକିବା ପାଇଁ ଚୀନ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ଆନୁଷ୍ଠାନିକ ନିର୍ଦ୍ଦେଶ ଜାରି କରାଯାଇଛି। ରବିବାର ମନ୍ତ୍ରଣାଳୟ ପକ୍ଷରୁ "ବ୍ଲକିଂ ଷ୍ଟାଚ୍ୟୁଟ୍" ଲାଗୁ କରାଯାଇ ସ୍ପଷ୍ଟ କରାଯାଇଛି ଯେ ଚୀନ କମ୍ପାନିଗୁଡ଼ିକ ଆମେରିକାର ଏହି ଏକତରଫା ପ୍ରତିବନ୍ଧକକୁ ପାଳନ କରିବେ ନାହିଁ। ପ୍ରଥମ ଥର ପାଇଁ ଚୀନ ଏହି ଆଇନଗତ ଅସ୍ତ୍ରର ପ୍ରୟୋଗ କରି ଆମେରିକାକୁ କଡ଼ା ଜବାବ ଦେଇଛି। ପୂର୍ବରୁ ଆମେରିକା ଅଭିଯୋଗ କରିଥିଲା ଯେ ହେଙ୍ଗଲି ପେଟ୍ରୋକେମିକାଲ୍ ସମେତ ଅନ୍ୟ କିଛି ରିଫାଇନାରୀଗୁଡ଼ିକ ଇରାନରୁ ତୈଳ କ୍ରୟ କରୁଛନ୍ତି, ଯାହା ଆମେରିକାର ବାଣିଜ୍ୟ ନିୟମର




ଉଲ୍ଲଙ୍ଘନ କରୁଛି।ଏହି ଆଧାରରେ ଆମେରିକା ଏହି କମ୍ପାନୀଗୁଡ଼ିକୁ ନିଜର "ସ୍ପେସିଆଲି ଡେଜିଗନେଟେଡ୍ ନ୍ୟାସନାଲ୍ସ" ତାଲିକାରେ ଅନ୍ତର୍ଭୁକ୍ତ କରିଥିଲା। ଏହି ତାଲିକା ଯୋଗୁଁ କମ୍ପାନୀଗୁଡ଼ିକର ଆନ୍ତର୍ଜାତୀୟ କାରବାର ଏବଂ ସମ୍ପତ୍ତି ଉପରେ ବଡ଼ ଧରଣର ବିପଦ ସୃଷ୍ଟି ହୋଇଥିଲା। ଏହାର ପ୍ରତିବାଦରେ ଚୀନ କହିଛି ଯେ ଏହି ପ୍ରତିବନ୍ଧକଗୁଡ଼ିକ ଜାତିସଂଘର ବିନା ଅନୁମୋଦନରେ ଲଗାଯାଇଥିବାରୁ ଏହାର କୌଣସି ଆନ୍ତର୍ଜାତୀୟ ବୈଧତା ନାହିଁ। ଚୀନର ସରକାରୀ ଗଣମାଧ୍ୟମ ଏହି ପଦକ୍ଷେପକୁ ଦେଶର ଆର୍ଥିକ ହିତ ଏବଂ ଜାତୀୟ ସାର୍ବଭୌମତ୍ୱର ରକ୍ଷା ପାଇଁ ଏକ ଉଚିତ ପଦକ୍ଷେପ ବୋଲି ଦର୍ଶାଇଛି। ଆମେରିକା ନିଜର ଅର୍ଥନୈତିକ କ୍ଷମତା ଏବଂ ଡଲାରର ପ୍ରଭାବ ବ୍ୟବହାର କରି ଅନ୍ୟ ଦେଶର ସ୍ୱାଧୀନ ବାଣିଜ୍ୟରେ ହସ୍ତକ୍ଷେପ କରୁଥିବା ଅଭିଯୋଗ ହୋଇଛି।ଅନ୍ୟପଟେ ଆମେରିକାର ଅର୍ଥ ବିଭାଗ ଅଧୀନରେ ଥିବା ବିଦେଶୀ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଚୀନର କ୍ଷୁଦ୍ର ତୈଳ ବିଶୋଧନାଗାରଗୁଡ଼ିକ ଲଗାତାର ଇରାନୀ ତୈଳ କ୍ରୟ କରି ଇରାନ ଅର୍ଥବ୍ୟବସ୍ଥାକୁ ମଜବୁତ କରୁଛନ୍ତି। ଚୀନ ସରକାର ସ୍ପଷ୍ଟ କରିଛନ୍ତି ଯେ, ସେମାନେ ନିଜର ସୁରକ୍ଷା ଓ ଅର୍ଥନୈତିକ ସ୍ୱାର୍ଥ ରକ୍ଷା ପାଇଁ ଯେକୌଣସି ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି। ଏହି ଘଟଣା ପରେ ବିଶ୍ୱ ତୈଳ ବଜାରରେ ଏକ ଅସ୍ଥିରତା ଦେଖାଦେବାର ଆଶଙ୍କା ପ୍ରକାଶ ପାଇଛି। ଏହି ଆଇନଗତ ଯୁଦ୍ଧ କେବଳ ଦୁଇ ଦେଶ ମଧ୍ୟରେ ସୀମିତ ନରହି ବିଶ୍ୱ ବାଣିଜ୍ୟିକ କୂଟନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇପାରେ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଉଭୟ ଦେଶ ନିଜ ନିଜ ଜିଦରେ ଅଟଳ ଥିବାରୁ ଏହି ତିକ୍ତତା ଆଗକୁ ଆହୁରି ଜଟିଳ ହୋଇପାରେ।

# ସ୍ପେସ ଏକ୍ସ ରକେଟ୍ ସାହାଯ୍ୟରେ ମହାକାଶକୁ ଗଲା ଦୃଷ୍ଟି

କାଲିଫର୍ଣ୍ଣିଆ / ବେଙ୍ଗାଲୁରୁ: ଭାରତର ବେସରକାରୀ ମହାକାଶ ଗବେଷଣା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ବେଙ୍ଗାଲୁରୁ ସ୍ଥିତ ଷ୍ଟାର୍ଟଅପ୍ 'ଗାଲାକ୍ସଆଇ' (GalaxEye) ପକ୍ଷରୁ ନିର୍ମିତ ବିଶ୍ୱର ପ୍ରଥମ ଅପ୍ଟୋସାର୍ (OptoSAR) ସାଟେଲାଇଟ୍ 'ଦୃଷ୍ଟି' (Drishti) ରବିବାର (୩ ମଇ, ୨୦୨୬) ସଫଳତାର ସହ ମହାକାଶକୁ ଉତକ୍ଷେପଣ କରାଯାଇଛି। ଆମେରିକାର କାଲିଫର୍ଣ୍ଣିଆରୁ ଏଲନ୍ ମସ୍କଙ୍କ କମ୍ପାନୀ SpaceX ର ଫାଲକନ୍-୯ (Falcon 9) ରକେଟ୍ ସାହାଯ୍ୟରେ ଏହି ଐତିହାସିକ ମିଶନ ସମ୍ପନ୍ନ ହୋଇଛି।

କ'ଣ ଏହି 'ମିଶନ ଦୃଷ୍ଟି' ଏବଂ ଏହାର ବିଶେଷତ୍ୱ?

'ଦୃଷ୍ଟି' ହେଉଛି ବିଶ୍ୱର ପ୍ରଥମ ଉପଗ୍ରହ ଯେଉଁଥିରେ ଅପ୍ଟିକାଲ୍ ଇମେଜିଙ୍ଗ ଏବଂ ସିନ୍ଥେଟିକ୍ ଆପର୍ଚର ରାଡାର୍ ଏକାଠି ରହିଛି। ଏହାଫଳରେ ସାଟେଲାଇଟ୍ଟି ଦିନ ହେଉ ବା ରାତି, କିମ୍ବା ଆକାଶରେ ଯେତେ ଘନ ବାଦଲ ଥିଲେ ମଧ୍ୟ ସ୍ପଷ୍ଟ ଫଟୋ ଉତ୍ତୋଳନ କରିପାରିବ।

ଭାରତର ସବୁଠାରୁ ଭାରୀ ଘରୋଇ ସାଟେଲାଇଟ୍: ପ୍ରାୟ ୧୯୦ କିଲୋଗ୍ରାମ ଓଜନ ବିଶିଷ୍ଟ ଏହି ସାଟେଲାଇଟ୍ ଭାରତର କୌଣସି ବେସରକାରୀ ସଂସ୍ଥା ଦ୍ୱାରା ନିର୍ମିତ ସବୁଠାରୁ ବଡ଼ ଉପଗ୍ରହ। ଏହା ୧.୫ ମିଟର ରେଜୋଲ୍ୟୁସନ୍ର



ଫଟୋ ପ୍ରଦାନ କରିବ, ଯାହା ଭବିଷ୍ୟତରେ ୦.୩ ମିଟର ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଭାରତ ଏକ କ୍ରାନ୍ତୀୟ ଦେଶ ହୋଇଥିବାରୁ ଏଠାରେ ବର୍ଷର ଅଧିକାଂଶ ସମୟ ବାଦଲ ଘେରି ରହିଥାଏ। ସାଧାରଣ ଅପ୍ଟିକାଲ୍ ସାଟେଲାଇଟ୍ ବାଦଲ ଭେଦ କରି ଫଟୋ ଉଠାଇପାରନ୍ତି ନାହିଁ। କିନ୍ତୁ 'ଦୃଷ୍ଟି' ବାଦଲ ଏବଂ ଅନ୍ଧକାରକୁ ଭେଦ କରି ତଥ୍ୟ ସଂଗ୍ରହ କରିପାରିବ। ଯୁଦ୍ଧ କିମ୍ବା ଜରୁରୀକାଳୀନ ସ୍ଥିତିରେ ଅନ୍ୟ ଦେଶର ବାଣିଜ୍ୟିକ ସାଟେଲାଇଟ୍ ଉପରେ ନିର୍ଭର ନକରି ଭାରତ ନିଜସ୍ୱ ତଥ୍ୟ ପାଇପାରିବ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, କୃଷି, ଭିତ୍ତିଭୂମି ନିରୀକ୍ଷଣ ଏବଂ ସୀମା ସୁରକ୍ଷା କ୍ଷେତ୍ରରେ ଏହା ବଡ଼ ପରିବର୍ତ୍ତନ ଆଣିବ। ଗାଲାକ୍ସଆଇ (GalaxEye) ହେଉଛି IIT ମାଡ୍ରାସରେ ପ୍ରତିଷ୍ଠିତ ଏକ ଷ୍ଟାର୍ଟଅପ୍। ଏହି ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇସ୍ରୋ (ISRO) ର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଏସ୍. ସୋମନାଥ ପ୍ରଶଂସା କରିଛନ୍ତି। ସୋମନାଥ କହିଛନ୍ତି ଯେ, ଭାରତର ଯୁବପିଢ଼ି ଏବେ ମହାକାଶ ବିଜ୍ଞାନରେ ନିଜର ଦକ୍ଷତା ପ୍ରମାଣିତ କରୁଛନ୍ତି। କମ୍ପାନୀର ସିଇଓ ସୁୟଶ ସିଂହଙ୍କ କହିବା ଅନୁସାରେ, ଏହା କେବଳ ଆରମ୍ଭ। ଆଗାମୀ ଦିନରେ ଏଭଳି ୯ଟି ସାଟେଲାଇଟର ଏକ ଗ୍ରୁପ୍ (Constellation) ମହାକାଶକୁ ପଠାଯିବାର ଯୋଜନା ରହିଛି।

# ୩୬ ଦିନରେ ୪ ଥର ବଦଳିଲେଣି ଭବାନୀପୁର କାଳିଘାଟ ଥାନା ପ୍ରଭାରୀ

କୋଲକାତା: କାଳିଘାଟ ଥାନା ଇନଚାର୍ଜଙ୍କୁ କୋଲକାତା ପୋଲିସ ରବିବାର ପୁଣି ବଦଳି କରିଛି। ପୋଲିସ ଷ୍ଟେସନର ପ୍ରଭାରୀ ଅଧିକାରୀ (ଓସି) ଚାମେଲି ମୁଖାର୍ଜୀଙ୍କୁ ମାତ୍ର ୨୪ ଘଣ୍ଟା ମଧ୍ୟରେ ବଦଳାଇ ଦିଆଯାଇଛି। ଏହା ସହିତ ପଶ୍ଚିମବଙ୍ଗ ଭବାନୀପୁର ବିଧାନସଭା ନିର୍ବାଚନମଣ୍ଡଳିର କାଳିଘାଟ ଥାନା ଅଧିକାରୀମାନଙ୍କୁ ୩୬ ଦିନରେ ୪ ଥର ବଦଳା ଗଲାଣି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବାସଭବନ ଦକ୍ଷିଣ କୋଲକାତାର କାଳିଘାଟ ପୋଲିସ ଥାନା ଅଞ୍ଚଳରେ ଆସୁଛି। ଏହି ଥାନାରେ ଚାମେଲୀ ମୁଖାର୍ଜୀଙ୍କୁ ଶନିବାର ଗୌତମ ଦାସଙ୍କ ସ୍ଥାନରେ ନିଯୁକ୍ତ କରାଯାଇଥିଲା। ହେଲେ ଏହି ଆଦେଶ ୨୪ ଘଣ୍ଟାରେ ବାତିଲ କରିଦିଆଯାଇଛି। ନୂଆ ଆଦେଶରେ ବଲାଇ ବାଗ୍ ଙ୍କୁ କାଳିଘାଟ ପୋଲିସର କାର୍ଯ୍ୟକାରୀ ଓସି ନିଯୁକ୍ତ କରାଯାଇଛି। ବଲାଇ ବାଗ୍ କୋଲକାତା ପୋଲିସର ଭାଙ୍ଗର ଡିଭିଜନ ପୋଲାର ହାଟ ଥାନା କାର୍ଯ୍ୟକାରୀ ଓସି ଥିଲେ। କୋଲକାତା ପୋଲିସ କମିଶନର ଅଜୟ ନନ୍ଦ ଏହି ବଦଳି ଆଦେଶ ଦେଇଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଘୋଷଣା ପରଠାରୁ ନିର୍ବାଚନ ଆୟୋଗ କୋଲକାତା ଓ ରାଜ୍ୟ ପୋଲିସରେ ବ୍ୟାପକ ଅଦଳବଦଳ କରିଛନ୍ତି।

ଏହି ଅଦଳବଦଳ କ୍ରମରେ ପ୍ରଥମ ଥର ମାର୍ଚ୍ଚ ୨୯ ତାରିଖରେ କାଳିଘାଟ ଥାନା କାର୍ଯ୍ୟକାରୀ ଅଧିକାରୀଙ୍କ ବଦଳି ହୋଇଥିଲା। ସେତେବେଳେ ଏହି ପଦବୀରେ କୋଲକାତା ପୋଲିସ ଗୁଇନ୍ଦା ବିଭାଗର ଉତ୍ପଳ ଘୋଷଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଥିଲା। ଏହି ନିଯୁକ୍ତିର ମାସକ ପରେ ନିର୍ବାଚନ ଆୟୋଗ ଉତ୍ପଳ ଘୋଷଙ୍କୁ ପଦରୁ ହଟାଇ ଗୌତମ ଦାସଙ୍କୁ କାଳିଘାଟ ଥାନାର ନୂଆ ଓସି ନିଯୁକ୍ତ କରାଯାଇଥିଲା। ସେ ଏପ୍ରିଲ ୨୫ ତାରିଖରେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ଏହା ପୂର୍ବରୁ ସେ କୋଲକାତା ପୋଲିସର ସ୍ପେଶାଲ ବ୍ରାଞ୍ଚରେ କାମ କରୁଥିଲେ।

# ସେନାମୁଖ୍ୟ, ପ୍ରତିରକ୍ଷା ସଚିବଙ୍କ ଦରମା କାଟିବାକୁ ହାଇକୋର୍ଟ ନିର୍ଦ୍ଦେଶ

ନୂଆଦିଲ୍ଲୀ: ଅବସରପ୍ରାପ୍ତ ମେଜର ରାଜଦୀପ ଦିନକର ପାଣ୍ଡେରଙ୍କ ପେନସନ ମାମଲାରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏବଂ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କୁ ୨ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ହାଇକୋର୍ଟ କହିଛନ୍ତି ଯେ, ଏହି ରାଶି ଉଭୟଙ୍କ ଦରମାରୁ କାଟି ଆବେଦନକାରୀଙ୍କୁ ଦିଆଯିବା ଉଚିତ। ରିପୋର୍ଟ ଅନୁଯାୟୀ, ମେଜରଙ୍କୁ ଚାକିରି ସମୟରେ ୨୪ଟି ଅସ୍ତ୍ରୋପଚାର କରିବାକୁ ପଡିଥିଲା। ଏହା ବ୍ୟତୀତ ତାଙ୍କ କିଡନୀ ନଷ୍ଟ ହୋଇଯାଇଥିଲା। ପୁଣେର ଅବସରପ୍ରାପ୍ତ ମେଜର ପାଣ୍ଡେରଙ୍କୁ ୨୦୧୨ରେ ଭାରତୀୟ ସେନାରେ ନିଯୁକ୍ତି ଦିଆଯାଇଥିଲା। ସେହି ସମୟରେ ସେ ସମ୍ପୂର୍ଣ୍ଣ ଫିଟ୍ ଥିଲେ। ତାଙ୍କୁ ଲଦାଖର ଉଚ୍ଚ ଅଞ୍ଚଳରେ ପୋଷ୍ଟିଂ ଦିଆଯାଇଥିଲା। ପାଞ୍ଚବର୍ଷର ସେବା ପରେ ସେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଏହା ପରେ ତାଙ୍କୁ ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ ସିକ୍ ଲିଭ୍ ମେଡିକାଲ୍ ବୋର୍ଡ ସମ୍ମୁଖରେ ହାଜର କରାଯାଇଥିଲା। ଅନୁସନ୍ଧାନରୁ ଜଣାପଡିଛି ଯେ ତାଙ୍କର ସିଷ୍ଟାଇଟିସ୍ ସିଷ୍ଟିକା ଗ୍ଲେଣ୍ଡୁଲରିସ ଅଛି। ଏଥିରେ



ମୂତ୍ରାଶୟରେ ଛୋଟ ଛୋଟ ଗ୍ରନ୍ଥି ସୃଷ୍ଟି ହୁଏ। ପ୍ରାୟତଃ ଏହା ପରିସ୍ରାରେ ସଂକ୍ରମଣ ହେତୁ ହୋଇଥାଏ।

ମେଜର ପାଣ୍ଡେରଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଏବଂ ତାଙ୍କୁ 'ଲୋ ମେଡିକାଲ ବର୍ଗରେ ରଖାଯାଇଥିଲା। ୨୦୨୨ରେ ପଞ୍ଚକୁଲାର ଚଣ୍ଡୀମନ୍ଦିର ୱେଷ୍ଟର୍ଣ୍ଣ କମାଣ୍ଡ ହସ୍ପିଟାଲର ସୁପାରିଶରେ ତାଙ୍କୁ ମୁକ୍ତ କରାଯାଇଥିଲା। ସେ ୧୫ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ତାଙ୍କୁ ନିମ୍ନ ଚିକିତ୍ସା ବର୍ଗରେ ରଖାଯାଇଥିଲା। ସେ ଭିନ୍ନକ୍ଷମ ପେନସନ ପାଇଁ ଆବେଦନ କରିଥିଲେ, ଯାହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଚଣ୍ଡୀମନ୍ଦିର ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲ କହିଛନ୍ତି ଯେ, ମେଡିକାଲ ବୋର୍ଡର ସୁପାରିଶ କ୍ରମେ ତାଙ୍କର ଅନେକ ଅସ୍ତ୍ରୋପଚାର କରାଯାଇଥିଲା ଏବଂ ସେବା ସମୟରେ ସେ ଅକ୍ଷମ ହୋଇଥିଲେ। ଖଣ୍ଡପୀଠ କହିଛନ୍ତି, ଆମେ ବୁଝିପାରୁନାହୁଁ ଯେ ସାମରିକ ସେବା ସମୟରେ ଏହା କାହିଁକି କୁହାଗଲା ନାହିଁ ଯେ ସେ ତାଙ୍କ ଚାକିରି ସମୟରେ ୧୫ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ। ୨୦୦୮ ମସିହାରେ ଟ୍ରିବ୍ୟୁନାଲ ଏକ ରାୟରେ କହିଥିଲେ ଯେ, ଯେତେବେଳେ ଜଣେ ବ୍ୟକ୍ତିର ସେରମ୍ କ୍ରିଏଟିନିନ୍ ୧,୧୩ ଥାଏ, ସେତେବେଳେ ତାଙ୍କୁ ୪୦ ପ୍ରତିଶତ ଅକ୍ଷମତା ବର୍ଗରେ ରଖାଯିବା ଉଚିତ। ତଦନୁଯାୟୀ, ତାଙ୍କୁ ୪୦ରୁ ୫୦ ପ୍ରତିଶତ ଭିନ୍ନକ୍ଷମ ବର୍ଗରେ ରଖାଯାଇପାରେ। ୨୦୨୫ରେ ଟ୍ରିବ୍ୟୁନାଲଙ୍କ ଆଦେଶ ବିରୋଧରେ କେନ୍ଦ୍ର ସରକାର ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ, ଯାହାକୁ ଖାରଜ କରିଦିଆଯାଇଥିଲା। ପ୍ରତିରକ୍ଷା ସଚିବ ରାଜେଶ କୁମାର ଓ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ବିରୋଧରେ ମେଜର ପାଣ୍ଡେର ଅବମାନନା ପିଟିସନ୍ ଦାଖଲ କରି କହିଛନ୍ତି ଯେ ସେମାନେ ହାଇକୋର୍ଟ ଓ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ପାଳନ କରିନାହାନ୍ତି। ଏପ୍ରିଲ ୩୦ ତାରିଖରେ ଜଷ୍ଟିସ୍ ସୁଦୀପ୍ତି ଶର୍ମା କହିଥିଲେ ଯେ, ଶେଷ ଶୁଣାଣି ସମୟରେ ମଧ୍ୟ କୌଣସି ଉତ୍ତର ଦିଆଯାଇ ନାହିଁ। ତେଣୁ ୨ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ। ଏହି ରାଶି ପ୍ରତିରକ୍ଷା ସଚିବ ଓ ସେନାମୁଖ୍ୟଙ୍କ ଦରମାରୁ କାଟି ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଆବେଦନକାରୀଙ୍କୁ ଦିଆଯିବା ଉଚିତ।

# ପିଛା ଛାଡୁନି କେବିସି ବିବାଦ

ନୂଆଦିଲ୍ଲୀ: କାନାଡାରେ ଖଲିସ୍ତାନୀ ସମର୍ଥକଙ୍କ ଉତ୍ପାତ ଯୋଗୁ ହଇରାଣ ହୋଇଛନ୍ତି ଗାୟକ ଦିଲଜିତ ଦୋସାଞ୍ଜ। କାଲଗାରିରେ ଚାଲିଥିବା ଔରା ଟୁରରେ ତାଙ୍କର ମ୍ୟୁଜିକ କନସର୍ଟ ବେଳେ କିଛି ଖଲିସ୍ତାନ ସମର୍ଥକ ସଂଗଠନର ପତାକା ଉଡ଼ାଇଥିଲେ। ଏହାପରେ ଦିଲଜିତ୍ ଦୋସାଞ୍ଜ କିଛି ସମୟ ପାଇଁ ଶୋ ବନ୍ଦ କରି ଦେଇଥିଲେ। ଏବଂ ସେମାନଙ୍କୁ ସମାଲୋଚନା କରିଥିଲେ। ଏହି ମ୍ୟୁଜିକ କନସର୍ଟର ଭିଡିଓଗୁଡ଼ିକ ଭାଇରାଲ ହୋଇଛି। ପତାକାଗୁଡ଼ିକ ଦେଖିବା ପରେ, ଦୋସାଞ୍ଜ ମଞ୍ଚରେ ଶୋ'କୁ ବନ୍ଦ କରି ସମ୍ପୃକ୍ତ ପ୍ରଦର୍ଶନକାରୀଙ୍କୁ ଏପରି ନ କରିବାକୁ କହିଥିଲେ। ଏବଂ ପତାକା ଦେଖାଉଥିବା ବ୍ୟକ୍ତିଙ୍କୁ ସ୍ଥାନରୁ ବାହାର କରିବାକୁ ମଧ୍ୟ ଆୟୋଜକମାନଙ୍କୁ ନିର୍ଦ୍ଦେଶ ଦେଲେ।

ମଞ୍ଚ ଉପରେ ଥାଇ ଦିଲଜିତ ସେମାନଙ୍କ ଉପରେ ଅଶନ୍ତୋଷ ପ୍ରକାଶ କରିଥିଲେ। ଏବଂ କହିଥିଲେ ଯେ ସେ ପଞ୍ଜାବର ସମସ୍ୟାଗୁଡ଼ିକୁ ଲୋକ ଲୋଚନକୁ ଆଣିବା ପାଇଁ ପ୍ରତ୍ୟେକ ମଞ୍ଚକୁ ନିରନ୍ତର ବ୍ୟବହାର କରିଛନ୍ତି, ଏବଂ ଗତ ବର୍ଷ ଟେଲିଭିଜନ କ୍ୱିଜ୍ ଶୋ କୌନ୍ ବନେଗା କରୋଡପତିରେ ତାଙ୍କ ଉପସ୍ଥିତି ଉପରେ ସମାଲୋଚନାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ତାଙ୍କର ଉଦ୍ଦେଶ୍ୟ ବ୍ୟକ୍ତିଗତ ପ୍ରମୋସନ ନୁହେଁ, ବରଂ ପଞ୍ଜାବକୁ ପ୍ରତିନିଧିତ୍ୱ କରିବା ବୋଲି କହିଥିଲେ ଦିଲଜିତ୍। ଖଲିସ୍ତାନୀ ସମର୍ଥକଙ୍କୁ ଜବାବ ଦେଇ ସେ କହିଥିଲେ "ମୋର କାମ ଦାନ କରିବା ନୁହେଁ। କିନ୍ତୁ ମୁଁ ଯେଉଁ ପ୍ଲାଟଫର୍ମରେ ଯାଏ, ମୁଁ ସବୁବେଳେ ପଞ୍ଜାବ ବିଷୟରେ କଥା ହୁଏ। ଜାତୀୟ ଗଣମାଧ୍ୟମ ପଞ୍ଜାବ କଥା ଉଠାଏ ନାହିଁ ବୋଲି ଆମେ ପ୍ରାୟତଃ କହିଥାଉ। ହେଲେ ମୁଁ ପଞ୍ଜାବ ପାଇଁ ସେହି ଚ୍ୟାନେଲ (KBC ପାଇଁ ସୋନି ଏଣ୍ଟରଟେନମେଣ୍ଟ ଟେଲିଭିଜନ) ସମେତ ସବୁଠି ଯାଇଛି। ମୁଁ ସେଠାରେ ପଞ୍ଜାବର ସମସ୍ୟାଗୁଡ଼ିକୁ ଉପସ୍ଥାପନ କରିଥିଲି। ଯେତେବେଳେ ଆବଶ୍ୟକ ହୁଏ ମୁଁ ମୋ ରାଜ୍ୟକୁ ଉଦାର ଭାବରେ ଦାନ ମଧ୍ୟ କରିଛି। ଏହା ପରେ ବି ଯଦି ତୁମର କୌଣସି ସମସ୍ୟା ଅଛି ଯେ ମୁଁ ଟେଲିଭିଜନରେ କାହା ସହିତ ବସିଥିଲି, ତେବେ ତୁମେ ଯେତେ ପତାକା ଦେଖାଇବାକୁ ଚାହୁଁଛ ଦେଖାଇ ଚାଲ।

# ବିଜେପି ନେତାଙ୍କ ଘର ଉପରେ ଗୁଳିମାଡ

କୋଲକତା:ଭୋଟ ଗଣତି ପୂର୍ବରୁ ପଶ୍ଚିମବଙ୍ଗରେ ଏକ ବଡ଼ ହିଂସା ଘଟଣା ଘଟିଛି। ଗତକାଲି ବିଳମ୍ବିତ ରାତିରେ, ନୋଆପାରା ଅଞ୍ଚଳରେ ବିଜେପି ଜିଲ୍ଲା ସମ୍ପାଦକ କୁନ୍ଦନ ସିଂହଙ୍କ ଘର ଉପରକୁ ଗୁଳି ଚାଳନା କରାଯାଇଥିଲା । ଫଳରେ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ରିପୋର୍ଟ ଅନୁଯାୟୀ, ଶନିବାର ରାତିରେ ଦୁଇଜଣ ଆକ୍ରମଣକାରୀ କୁନ୍ଦନ ସିଂହଙ୍କ ଘର ବାହାରେ ପହଞ୍ଚି ହଠାତ୍ ଗୁଳି ଚଳାଇଥିଲେ। ସମ୍ପୂର୍ଣ୍ଣ ଘଟଣାଟି ସିସିଟିଭିରେ କଏଦ ହୋଇଥିଲା। ଗୁଳିକାଣ୍ଡ ଫଳରେ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। କୁନ୍ଦନ ସିଂହ ଅଭିଯୋଗ କରିଛନ୍ତି ଯେ ଦୁଇ ଜଣ ବ୍ୟକ୍ତି ଆକାଶ ଚୌଧୁରୀ ଏବଂ ଅମନ ତାଙ୍କ ଘର ବାହାରେ ଗୁଳି ଚଳାଇଥିଲେ। ସେ ଦାବି କରିଛନ୍ତି ଯେ ଏହି ଲୋକମାନେ କିଛି ଦିନ ଧରି ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିଲେ ଏବଂ ବିଜେପି କର୍ମୀମାନଙ୍କୁ ଭୟଭୀତ




କରିବା ପାଇଁ ଏହି ଆକ୍ରମଣ କରାଯାଇଥିଲା। କୁନ୍ଦନ ସିଂହ କହିଛନ୍ତି ଯେ ତୃଣମୂଳ କଂଗ୍ରେସ ନିର୍ବାଚନରେ ପରାଜୟର ସମ୍ମୁଖୀନ ହେଉଛି, ତେଣୁ ବିଜେପିକୁ ଭୟଭୀତ କରିବା ପାଇଁ ଚେଷ୍ଟା କରାଯାଉଛି। କିନ୍ତୁ ଆମେ ଭୟଭୀତ ହେବୁ ନାହିଁ ଏବଂ ନିର୍ବାଚନ ଜିତିବୁ। ପୂର୍ବତନ ବାରାକପୁର ସାଂସଦ ଏବଂ ନୋଆପାରାରୁ ବିଜେପି ପ୍ରାର୍ଥୀ ଅର୍ଜୁନ ସିଂହ ଅଭିଯୋଗ କରିଛନ୍ତି ଯେ ନୋଆପାରା ପୋଲିସ ଅଞ୍ଚଳର ବିଜେପି ସଦସ୍ୟମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇବାରେ ବିଫଳ ହୋଇଛି। ଏପଟେ ବାରାକପୁର ପୋଲିସ କମିଶନରେଟ୍ ଡିସି (ଉତ୍ତର) ୱାସିମ ଖାନ କହିଛନ୍ତି ଯେ ପୋଲିସ ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି।

# ଇନ୍ଧନ ସଙ୍କଟ ମଧ୍ୟରେ ବନ୍ଦ ହେଲା ସ୍ପିରିଟ୍ ଏୟାରଲାଇନ୍ସ

ନୂଆଦିଲ୍ଲୀ: ବଜେଟ ମୂଲ୍ୟରେ ବିମାନ ସେବା ଯୋଗାଉଥିବା ଆମେରିକୀୟ ଏୟାରଲାଇନ କମ୍ପାନି ସ୍ପିରିଟ ଏୟାରଲାଇନ୍ସ ବନ୍ଦ ହୋଇଛି। ଶନିବାର କମ୍ପାନ ପକ୍ଷରୁ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି। କମ୍ପାନି କହିଛି, ଜେଟ ଇନ୍ଧନ ଦାମରେ ଅଧିକ ବୃଦ୍ଧି ଯୋଗୁ ବିମାନ ପରିଚାଳନାକୁ ବ୍ୟବସ୍ଥିତ ଭାବରେ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଆଉ ଏହି କ୍ରମରେ କମ୍ପାନି ସବୁ ଉଡ଼ାଣ ରଦ୍ଦ କରିଛି।

ବଡ଼ କଥା ଏହି ଘୋଷଣା ଏଭଳି ଏକ ସମୟରେ ଆସିଛି ଯେତେବେଳେ ବର୍ଷକ ମଧ୍ୟରେ କମ୍ପାନି ଦ୍ୱିତୀୟ ଥର ଦେବାଳିଆ ପରିସ୍ଥିତିରୁ ବାହାରିବାକୁ ପ୍ରସ୍ତୁତି କରୁଥିଲା। ସେହିଭଳି ହ୍ୱାଇଟ ହାଉସରୁ ମଧ୍ୟ ଆର୍ଥିକ ସହାୟତା ପାଇବାରେ ବିଫଳ ହୋଇଛି କମ୍ପାନି। ଆଉ ଏବେ ତେଲ ସଙ୍କଟ ଯୋଗୁ କମ୍ପାନି ସେବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହାର ମୂଳ କମ୍ପାନି ସ୍ପିରିଟ ଆଭିଏସନ ହୋଲ୍ଡିଂସ ମଧ୍ୟ ସ୍ପଷ୍ଟ କରିଛି ଯେ, ଏହି ବନ୍ଦ ତତ୍କାଳ ପ୍ରଭାବରୁ ଲାଗୁ ହୋଇଛି। ତେବେ ପୂର୍ବରୁ ଥିବା ବୁକିଂକୁ ଅନ୍ୟ କୌଣସି ଏୟାରଲାଇନ୍ସ ସହଯୋଗରେ




କାର୍ଯ୍ୟକାରୀ କରାଯିବନାହିଁ। କିନ୍ତୁ ସ୍ପିରିଟ ମାଧ୍ୟମରେ ବୁକ କରାଯାଇଥିବା ଉଡ଼ାଣର ରିଫଣ୍ଡ ଦିଆଯିବ। ସୂଚନାଥାଉକି, କମ୍ପାନି ପ୍ରାୟ ୩୩ ବର୍ଷରୁ ଅଲ୍ଟ୍ରା- ଲୋ-କଷ୍ଟ ମଡେଲରେ ସେବା ଯୋଗାଇ ଆସୁଥିଲା।

ସୂଚନାଥାଉକି, ଇରାନ ଯୁଦ୍ଧ କାରଣରୁ ଇନ୍ଧନ ମୂଲ୍ୟରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଫଳରେ ଏୟାରଲାଇନ୍ସଙ୍କୁ ବର୍ତ୍ତମାନ ଅତିରିକ୍ତ ଆର୍ଥିକ ବୋଝ ପଡ଼ିଛି। ଏମିତିରେ ପୂର୍ବରୁ ଦେବାଳିଆ ପରିସ୍ଥିତିର ସାମ୍ନା କରୁଥିବା ସ୍ପିରିଟ ଏୟାର ପାଇଁ ଏହା ବୋଝ ଉପରେ ନଳିତ ବିଡ଼ା ଭଳି ହୋଇଥିଲା। ଫଳରେ କମ୍ପାନି ବନ୍ଦ ନିଷ୍ପତ୍ତି ନେଇଛି। ସ୍ପିରିଟ ଏୟାରଲାଇନ୍ସର ଅଧ୍ୟକ୍ଷ ଏବଂ ସିଇଓ ଡେଭ ଡେଭିସ କହିଛନ୍ତି କମ୍ପାନି " କମ୍ପାନି ବଣ୍ଟାରୀଙ୍କ ସହ ଏକ ପୁନର୍ଗଠନ ଯୋଜନା ଉପରେ ଚୁକ୍ତି କରିଛି। ଏହାଦ୍ୱାରା ଆମକୁ ଆଗକୁ ବଢ଼ିବାରେ ସାହାଯ୍ୟ ହେବ।" ସେ ଆହୁରି କହିଛନ୍ତି " କିଛିଦିନ ହେବ ଇନ୍ଧନ ଦାମରେ ହଠାତ ବୃଦ୍ଧି ଯୋଗୁ, ଆମ ପାଖରେ କମ୍ପାନିକୁ ବ୍ୟବସ୍ଥିତ ଭାବରେ ବନ୍ଦ କରିବା ବ୍ୟତୀତ କୌଣସି ବିକଳ୍ପ ନାହିଁ । ବ୍ୟବସାୟକୁ ସ୍ଥିର ରଖିବା ପାଇଁ କୋଟି କୋଟି ଟଙ୍କାର ନଗଦର ଆବଶ୍ୟକ ଥିଲା। ଯାହା ସ୍ପିରିଟ ପାଖରେ ନାହିଁ କିମ୍ବା ଯୋଗାଡ଼ ମଧ୍ୟ ହୋଇପାରିଲା ନାହିଁ। ଏହା ଖୁବ୍ ନିରାଶାଜନକ ଏବଂ ଏଭଳି ପରିଣାମ ଆମେ ଚାହୁଁନଥିଲୁ।"

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଏୟାରଲାଇନକୁ ବେଲଆଉଟ ପାଇଁ ଏକ ଅନ୍ତିମ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏହା ଏକ କାର୍ଯ୍ୟକାରୀ ଚୁକ୍ତି କି ନାହିଁ ତାହା ଉପରେ ସମର୍ଥନ ନିର୍ଭର କରିବ ବୋଲି ସେ ସୂଚିତ କରିଛନ୍ତି। ସେପଟେ ପ୍ରତିଦ୍ୱନ୍ଦ୍ୱୀ ଏୟାରଲାଇନ୍ସମାନେ ଅସୁବିଧାର ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି। ଆମେରିକାନ ଏୟାରଲାଇନ୍ସ ପ୍ରଭାବିତ ହେବାକୁ ଥିବା ମାର୍ଗରେ ରିହାତି ମୂଲ୍ୟରେ ବିମାନ ସେବା ଯୋଗାଉବା ଆରମ୍ଭ କରିଛି। ସେହିଭଳି ୟୁନାଇଟେଡ ଏୟାରଲାଇନ ମଧ୍ୟ ସ୍ପିରିଟ ଏୟାରଲାଇନ୍ସ ସେବା ଯୋଗାଉଥିବା ରୁଟରେ ଡିସ୍କାଉଣ୍ଟ ମୂଲ୍ୟରେ ଏକତରଫା ଟିକେଟ ଉପଲବ୍ଧ କରୁଛି। ଉଲ୍ଲେଖଯୋଗ୍ୟ, ୧୯୯୨ରେ ସ୍ଥାପିତ ସ୍ପିରିଟ ଏୟାରଲାଇନ୍ସ ଅଲ୍ଟ୍ରା ଲୋ କଷ୍ଟ (ଅତି କମ୍ ଖର୍ଚ୍ଚ) ମଡେଲ ଏବଂ ବିଶିଷ୍ଟ ହଳଦିଆ ବିମାନ ପାଇଁ ପରିଚିତ ହୋଇଥିଲା। ୨୦୨୪ ପର୍ଯ୍ୟନ୍ତ ଏଥିରେ ୧୧ ହଜାରରୁ ଅଧିକ ଲୋକେ କାର୍ଯ୍ୟରତ ଥିଲେ। ଏମିତିରେ ଏହା ବନ୍ଦ ହେବା ବିମାନ କ୍ଷେତ୍ର ପାଇଁ ଏକ ବଡ଼ ଝଟକା।

# ଗୁଜରାଟକୁ ଜିତାଇଲେ ସୁଦର୍ଶନ





ଅହମ୍ମଦାବାଦ, ୩।୫(ଏଜେନ୍ସି) : ଘରୋଇ ଗ୍ରାଉଣ୍ଡରେ ଗୁଜରାଟ ଟାଇଟନ୍ସ ନିଜର ଦମ୍ଭ ଦେଖାଇଛି। ଅହମ୍ମଦାବାଦରେ ଖେଳାଯାଇଥିବା ଏହି ମ୍ୟାଚରେ ଗୁଜରାଟ ଟାଇଟନ୍ସ ୪ ୱିକେଟରେ ପଞ୍ଜାବ କିଙ୍ଗସକୁ ପରାଜିତ କରିଛି। ଏହି ମ୍ୟାଚରେ ପଞ୍ଜାବ କିଙ୍ଗସ ୨୦ ଓଭରରେ ୯ ୱିକେଟ ହରାଇ ୧୬୩ ରନ କରିଥିଲା। ଜବାବରେ ଗୁଜରାଟ ଟାଇଟନ୍ସ ୧୯.୫ ଓଭରରେ ୧୬୭/୬ ରନ କରି ଲକ୍ଷ୍ୟ ହାସଲ କରିନେଇଛି। ଚଳିତ ଆଇପିଏଲରେ ଏହା ଗୁଜରାଟର ଷଷ୍ଠ ବିଜୟ। ଦଳ ୧୦ ମ୍ୟାଚରୁ ୧୨ ପଏଣ୍ଟ ହାସଲ କରି ଟେବୁଲର ଚତୁର୍ଥ ସ୍ଥାନରେ ରହିଛି। ସେହିଭଳି ଟେବୁଲର ଶୀର୍ଷରେ ଥିବା ପଞ୍ଜାବ କ୍ରମାଗତ ଦ୍ୱିତୀୟ ପରାଜୟ ସତ୍ତ୍ୱେ ଶୀର୍ଷ ସ୍ଥାନ ବଜାୟ ରଖିଛି। ଦଳ ଏପର୍ଯ୍ୟନ୍ତ ୯ ମ୍ୟାଚରୁ ୧୩ ପଏଣ୍ଟ ଲାଭ କରିଛି।

ଅହମ୍ମଦାବାଦର ନରେନ୍ଦ୍ରମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ୪୬ତମ ମ୍ୟାଚରେ ଗୁଜରାଟ ଟାଇଟନ୍ସ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତିନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା ପଞ୍ଜାବ। ଓପନର ପ୍ରିୟାଂଶ ଆର୍ଯ୍ୟ ମାତ୍ର ୨ ରନ କରି ପାଭିଲିୟନ ଫେରିଯାଇଥିଲେ। ତାଙ୍କ ପଛକୁ କୁପର କନୋଲି ବିନା ସ୍କୋରରେ ମହମ୍ମଦ ସିରାଜଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ତେଣୁ ପ୍ରଥମ ଓଭରର ତୃତୀୟ ବଲରେ ଦଳ ୨ ୱିକେଟ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା। କିନ୍ତୁ ପ୍ରଭସିମରନ ସିଂ ୧୫, ଅଧିନାୟକ ଶ୍ରେୟାସ ଆୟର ୧୯ ରନ ତଥା ମଧ୍ୟମ କ୍ରମରେ ସୂର୍ଯ୍ୟାଂଶ ସେଡଗେ ଓ ମାର୍କସ ଷ୍ଟୋଇନ୍ସଙ୍କ ଧମାକାଦାର ପାଇଁ ଦଳ ୨୦ ଓଭରରେ ୯ ୱିକେଟ ହରାଇ ୧୬୩ ରନ କରିଥିଲା। ସୂର୍ଯ୍ୟାଂଶ ୨୯ ବଲର ସମ୍ମୁଖୀନ ହୋଇ ୩ ଟି ଚୌକା ଓ ୫ ଟି ଛକା ସହାୟତାରେ ୫୭ ରନ କରିଥିଲେ। ତାଙ୍କର ଏହି ଉପଯୋଗୀ ଇନିଂସ ପାଇଁ ପଞ୍ଜାବର ସ୍କୋର ୧୦୦ ଟପିଥିଲା। ମାର୍କସ ଷ୍ଟୋଇନ୍ସଙ୍କ ୪୦ ରନ ଉପଯୋଗୀ ଇନିଂସ ଦଳର ଶୀଘ୍ର ୱିକେଟ ପତନରେ ବ୍ରେକ୍ ଲଗାଇଥିଲା। ମାର୍କୋ ଜନସେନ ୧୧ ବଲରୁ ୨୦ ରନ କରିଥିଲେ। ବୋଲିଂରେ ଗୁଜରାଟର ଜାସନ ହୋଲଡରଙ୍କୁ ସର୍ବାଧିକ ୱିକେଟ ସଫଳତା ମିଳିଥିଲା।ହୋଲଡର ୪ ଓଭରରେ ୨୪ରନ ଦେଇ ୪ ଟି ୱିକେଟ ଅକ୍ତିଆର କରିଥିଲେ। ମହମ୍ମଦ ସିରାଜ ଓ କାଗିସୋ ରବାଡା ଦୁଇଟି ଲେଖାଏଁ ତଥା ରସିଦ ଖାନଙ୍କୁ ଗୋଟିଏ ୱିକେଟ ମିଳିଥିଲା।

୧୬୪ ରନ ଗୁଜରାଟ ପାଇଁ ଆରମ୍ଭରୁ ଚ୍ୟାଲେଞ୍ଜ ହୋଇଥିଲା। ଓପନର ତଥା ଅଧିନାୟକ ଶୁଭମନ୍ ଗିଲ ୪ ବଲରୁ ୫ ରନ କରି ଅର୍ଶଦୀପ ସିଂଙ୍କ ଶିକାର ହୋଇଥିଲେ। ଓପନର ସାଇ ସୁଦର୍ଶନ ୪୧ ବଲର ସମ୍ମୁଖୀନ ହୋଇ ୫୭ ରନ କରିଥିଲେ। ଜୋସ୍ ବଟଲର ୨୨ ବଲରୁ ଦୁଇଟି ଛକା ସହାୟତାରେ ୨୫ ରନ କରିଥିଲେ। ନିଶାନ୍ତ ସିନ୍ଧୁ ୧୧ ରନ କରିଥିବାବେଳେ ୱାଶିଂଟନ ସୁନ୍ଦର ୨୩ ବଲରୁ ୪୦ ରନ କରି ଗୁଜରାଟ ପାଇଁ ବିଜୟ ସହଜ କରିଥିଲେ। ୱାଶିଂଟନ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ମ୍ୟାଚ ଶେଷ କରିଥିଲେ। ସେ ୫ ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାହୁଲ ତେୱାତିଆ ୨, ଜାସନ ହୋଲଡର ୫, ଅର୍ଶଦ ଖାନ ୮ ରନ କରିଥିଲେ। ତେଣୁ ଲକ୍ଷ୍ନୌ ଆଉ ଗୋଟିଏ ବଲ ବାକି ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ୱାଶିଂଟନ ସୁନ୍ଦର ଦ୍ରୁତ ବୋଲର ମାର୍କସ ଷ୍ଟୋଇନ୍ସଙ୍କ ବଲକୁ ଥାର୍ଡ ମ୍ୟାନ ଅଞ୍ଚଳରେ ଛକା ମାରି ଭିନ୍ନ ଶୈଳୀରେ ମ୍ୟାଚ ଶେଷ କରିଥିଲେ।

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୯ | ୬ | ୨ | ୧୩ |
| ବେଙ୍ଗାଲୁରୁ | ୯ | ୬ | ୩ | ୧୨ |
| ସନରାଇଜର୍ସ | ୧୦ | ୬ | ୪ | ୧୨ |
| ରାଜସ୍ଥାନ | ୧୦ | ୬ | ୪ | ୧୨ |
| ଗୁଜରାଟ | ୧୦ | ୬ | ୪ | ୧୨ |
| ଚେନ୍ନାଇ | ୯ | ୪ | ୫ | ୮ |
| ଦିଲ୍ଲୀ | ୯ | ୪ | ୫ | ୮ |
| କୋଲକାତା | ୯ | ୩ | ୫ | ୭ |
| ମୁମ୍ବାଇ | ୯ | ୨ | ୭ | ୪ |
| ଲକ୍ଷ୍ନୌ | ୮ | ୨ | ୬ | ୪ |

## ଆଜିର ମ୍ୟାଚ

- ମୁମ୍ବାଇ-ଲକ୍ଷ୍ନୌ
- ସ୍ଥାନ- ୱାଙ୍ଖେଡେ
- ସମୟ- ରାତି ୭.୩୦
- ପ୍ରସାରଣ - ଷ୍ଟାର ନେଟୱାର୍କ

**ଆଇପିଏଲ ମହାସମର**

# ସନରାଇଜର୍ସଙ୍କୁ ହରାଇଲା କେକେଆର

## ସୁନିଲ ନାରିନଙ୍କ ଐତିହାସିକ ୨୦୦ ୱିକେଟ୍



ହାଇଦ୍ରାବାଦ, ୩।୫(ଏଜେନ୍ସି) : ଆଇପିଏଲର ୪୫ତମ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସ ଚମତ୍କାର ବିଜୟ ହାସଲ କରିଛି। କେକେଆର ୭ ୱିକେଟରେ ସନରାଇଜର୍ସ ହାଇଦ୍ରାବାଦକୁ ଧରାଶାୟୀ କରିଥିଲା। ଏହି ବିଜୟ ସହ କୋଲକାତା ଚଳିତ ସିଜନରେ ହାଟ୍ରିକ ପୂରଣ କରିଛି। ଅନ୍ୟପକ୍ଷରେ ପଏଣ୍ଟ ଟେବୁଲର ଶୀର୍ଷକୁ ଯିବା ପାଇଁ ହାଇଦ୍ରାବାଦ ନିକଟରେ ଥିବା ସୁଯୋଗ ହାତଛଡା ହୋଇଛି। ପ୍ରଥମେ ବ୍ୟାଟିଂ କରି ସନରାଇଜର୍ସ ହାଇଦ୍ରାବାଦ ୧୯ ଓଭରରେ ୧୬୫ ରନ କରି ଅଲ ଆଉଟ୍ ହୋଇଥିଲା। ଜବାବରେ କୋଲକାତା ନାଇଟ୍ ରାଇଡର୍ସ ୧୮.୨ ଓଭରରେ ୩ ୱିକେଟ ହରାଇ ୧୬୯ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। ୩୬ ରନ ଦେଇ ୩ ୱିକେଟ ଅକ୍ତିଆର କରିଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦର ତାରକା ବ୍ୟାଟର ଅଭିଶେକ ଶର୍ମା ବିଫଳ ହେବାରୁ ଦଳ ବଡ ସ୍କୋର କରିପାରିନଥିଲା। ଅଭିଶେକ ୧୦ ବଲରେ ମାତ୍ର ୧୫ ରନ କରି ପାଭିଲିୟନ ଫେରିଥିଲେ। ଓପନର ଟ୍ରେଭିସ୍ ହେଡ୍ ଏକମାତ୍ର ଖେଳାଳି ଭାବେ ୬୧ ରନର ଅର୍ଦ୍ଧଶତୀୟ ଇନିଂସ ଖେଳିଥିଲେ। ଇଶାନ କିଶାନ ଅର୍ଦ୍ଧଶତକ ହାସଲ କରିନଥିଲେ ମଧ୍ୟ ୪୨ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଫଳରେ ସନରାଇଜର୍ସ ୧୬୫ ରନର ମର୍ଯ୍ୟାଦାଜନକ ସ୍ଥିତି ପହଞ୍ଚିପାରିଥିଲା। ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ପଡିଆରେ ବେଶି ସମୟ ତିଷ୍ଠି ପାରିନଥିଲେ। ଯାହା ଫଳରେ ଦଳ ୨୦୦ ରନ ଛୁଇଁବାକୁ ବିଫଳ ହୋଇଥିଲା।

ଏହି ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ତାରକା ସୁନିଲ ନାରିନ ଐତିହାସିକ ଉପଲବ୍ଧି ହାସଲ କରିଛନ୍ତି। ସେ ୩୧ ରନ ଦେଇ ୨ ୱିକେଟ ଅକ୍ତିଆର କରିଥିଲେ। ଏହି ୱିକେଟ ହସ ସେ ଆଇପିଏଲ ଇତିହାସରେ ୨୦୦ ୱିକେଟ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। କୋଲକାତାର ଅନ୍ୟ ବୋଲରମାନେ ସଠିକ ଲୟରେ ବୋଲିଂ କରି ହାଇଦ୍ରାଦର ରନ ଗତିରେ ଅଙ୍କୁଶ ଲଗାଇବାକୁ ସଫଳ ହୋଇଥିଲେ। ତେଣୁ ହାଇଦ୍ରାବାଦ ୧୬୫ ରନରେ ସୀମିତ ରହିଥିଲା।

୧୬୬ ରନର ବିଜୟ ଲକ୍ଷ୍ୟକୁ କୋଲକାତା ଅଙ୍ଗକ୍ରିଷ ରଘୁବଂଶୀଙ୍କ ୫୯ ରନର ଇନିଂସ ସହାୟତାରେ ସହଜରେ ହାସଲ କରିନେଇଥିଲା। କୋଲକାତା ୧୮.୨ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା। ଏହି ମ୍ୟାଚରେ ବୈଭବ ଅରୋରାଙ୍କ ବଦଳରେ ଇମ୍ପାକ୍ଟ ଖେଳାଳି ଭାବେ ଫିନ ଆଲିନଙ୍କୁ ସାମିଲ କରାଯାଇଥିଲା। ଏହା ଦଳ ପାଇଁ ଉପଯୋଗୀ ହୋଇଥିଲା। ଆଲିନ ୧୩ ବଲରୁ ୨୯ ରନ କରିଥିଲେ। ସବୁଠୁ ଦମଦାର ଥିଲା ଅଙ୍ଗକ୍ରିଷ ରଘୁବଂଶୀଙ୍କ ଇନିଂସ । ସେ ୪୭ ବଲ ଖେଳି ୫୯ ରନର ଜମାଣିଆ ଇନିଂସ ଖେଳି ବିଜୟର ମୂଳଦୁଆ ପକାଇଥିଲେ। ଅଧିନାୟକ ଆଜିଙ୍କ୍ୟ ରାହାଣେ ୩୬ ବଲ ଖେଳି ୪ ଚୌକା, ଗୋଟିଏ ଛକା ସହାୟତାରେ ୪୩ ରନ କରିଥିଲେ। ରଘୁବଂଶୀଙ୍କ ଅର୍ଦ୍ଧଶତୀୟ ଇନିଂସରେ ୫ ଟି ଚୌକା ଓ ୨ ଟି ଛକା ଦେଖିବାକୁ ମିଳିଥିଲା। ପୁଣି ଥରେ ମ୍ୟାଚ ଫିନିସର ସାଜିଥିଲେ ରିଙ୍କୁ ସିଂ। ସେ ୧୧ ବଲରୁ ଅପରାଜିତ ୨୨ ରନ କରିଥିଲେ। ଦୁଇଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ତେଣୁ କୋଲକାତା ୧୮.୨ ଓଭରରେ ୧୬୯/୩ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। କୋଲକାତାର ବରୁଣ ଚକ୍ରବର୍ତ୍ତୀ ୪ ଓଭରେ ବୋଲିଂ କରି ୩୬ ରନ ବ୍ୟୟରେ ୩ ୱିକେଟ ଅକ୍ତିଆର କରିଥିଲେ। ତେଣୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଏହି ବିଜୟ ପରେ କୋଲକାତା ପଏଣ୍ଟ ଟେବୁଲରେ ୭ ପଏଣ୍ଟ ସହ ନିଜର ସ୍ଥିତିକୁ ଆହୁରୀ ସୁଦୃଢ କରିଛି। ହାଇଦ୍ରାବାଦ ପକ୍ଷରୁ ସାକିବ ହୁସେନ ଗୋଟିଏ ୱିକେଟ ନେଇଥିଲେ ମଧ୍ୟ ଦଳ ପରାଜୟକୁ ଟାଳିପାରିନଥିଲେ।

# ନୀଳାଚଳ ଟ୍ରଫି : ପ୍ରଗତି ସ୍ପୋର୍ଟିଂ ଚାମ୍ପିଅନ

ଭୁବନେଶ୍ୱର, ୩।୫(ସବ୍ୟୁ) : ପୁରୀର ଜଗନ୍ନାଥ ଷ୍ଟାଡିୟମରେ ଆୟୋଜିତ ୧୭ତମ ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପ୍ରଗତି ସ୍ପୋର୍ଟିଂ ଚାମ୍ପିଅନ ହୋଇଛି। ରବିବାର ଫାଇନାଲ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ୮ ରନରେ ୟୁନିୟନ ସ୍ପୋର୍ଟିଂକୁ ଧରାଶାୟୀ କରିଥିଲା। କଟକର ୟୁନିୟନ ସ୍ପୋର୍ଟିଂ ଟସ୍ ଜିତି ପ୍ରଗତିକୁ ବ୍ୟାଟିଂକୁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୩୦ ଓଭରରେ ପ୍ରଗତି ସ୍ପୋର୍ଟିଂ ୭ ୱିକେଟ ହରାଇ ୧୫୭ ରନ କରିଥିଲା। ରଘୁନାଥ ମଲ୍ଲ ୬୫ ବଲରୁ ୭୫ ରନ କରିଥିଲେ। ମିଳନ ସାମଲ ୨୭ ଓ ଶାନ୍ତନୁ ମିଶ୍ର ୧୭ ରନ କରିଥିଲେ। ୟୁନିୟନ ସ୍ପୋର୍ଟିଂର ରିତେଶ ପ୍ରିୟରଞ୍ଜନ ଓ ଉଦୟ ଜାଟ୍ ଦୁଇଟି କରି ୱିକେଟ ସଫଳତା ହାସଲ କରିଥିଲେ।

୧୫୮ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ୟୁନିୟନ ସ୍ପୋର୍ଟିଂ ୩୦ ଓଭରରେ ୯ ୱିକେଟ ହରାଇ ୧୪୯ ରନ କରିଥିଲା। ଉଦୟ ଜାଟ୍ ୫୮, ଶୁଭମ୍ ନାୟକ ୨୯ ଓ ଗିରିଜା ରାଉତ ୨୬ ରନ କରିଥିଲେ। ବୋଲିଂରେ ପ୍ରଗତି ସ୍ପୋର୍ଟିଂର ମିଳନ ସାମଲ ଓ ରଘୁନାଥ ମଲ୍ଲ ୩ ଟି ଲେଖାଏଁ ତଥା ଆୟୁଷ କୁମାର ବାରିକ ଦୁଇଟି ଓ କମଳେଶ ପାତ୍ର ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ। ରଘୁନାଥ ମଲ୍ଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଓଡିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜଲୋଚନ ମହାନ୍ତି, ଦେବଦତ୍ତ ମହାପାତ୍ର, ଓସିଏସିଓ ସୁବ୍ରତ ବେହେରା, ରବିଶଙ୍କର ପ୍ରତିହାରୀ (ପୁରୀ ଆଥଲେଟିକ୍ ଆସୋସିଏସନ ସମ୍ପାଦକ), ନିରଞ୍ଜନ ପାତ୍ର, ରାଜେଶ କୁମାର ମିଶ୍ର, ମାଧବ ଚନ୍ଦ୍ର ଖୁଣ୍ଟିଆ(ନୀଳାଚନ ଟ୍ରଫି ସଭାପତି), ହରିଶ କୁମାର ମିଶ୍ର (ସମ୍ପାଦକ) ତଥା ପାୟୋନିୟର ପୁରୀର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଚାମ୍ପିଅନ ପ୍ରଗତି କ୍ଲବକୁ ଟ୍ରଫି ସହ ୧ ଲକ୍ଷ ଟଙ୍କା ଏବଂ ରନର୍ସଅପ୍ ଦଳ ୟୁନିୟନ ସ୍ପୋର୍ଟିଂକୁ ଟ୍ରଫି ସହ ୭୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ୟୁନିୟନ ସ୍ପୋର୍ଟିଂର ଦେବୀପ୍ରସାଦ ମହାପାତ୍ରଙ୍କୁ



ମ୍ୟାନ ଅଫ ଦ ସିରିଜ ପୁରସ୍କାର ୫ ହଜାର ଟଙ୍କା, ମିଳନ ସାମଲ ଶ୍ରେଷ୍ଠ ବୋଲର ୫ ହଜାର, ରଘୁନାଥ ମଲ୍ଲ ଶ୍ରେଷ୍ଠ ବ୍ୟାଟର ୫ ହଜାର ଟଙ୍କା, ସୁଜିତ ଲେଙ୍କା ଶ୍ରେଷ୍ଠ ଫିଲ୍ଡର ୫ ହଜାର ଟଙ୍କା, ରଘୁନାଥ ମଲ୍ଲ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ୩ ହଜାର ଟଙ୍କା, ଇମ୍ପାକ୍ଟ ପ୍ଲେୟାର ଉଦୟ ଜାଟ୍ ଏବଂ ମାନସ ଦାସଙ୍କୁ ଏମାଇ ଲକି ଡ୍ର ରେ ମୋବାଲ୍ ଫୋନ ଉପହାର ମିଳିଛି।

# ରାଜସ୍ଥାନ ରୟାଲ୍ସକୁ କିଣିଲେ ମିତ୍ତଲ

ମୁମ୍ବାଇ, ୩।୫(ଏଜେନ୍ସି) : ବିଶ୍ୱରେ ଷ୍ଟିଲ କିଂ ଭାବେ ଜଣାଶୁଣା ବ୍ୟବସାୟୀ ଲକ୍ଷ୍ମୀ ମିତଲ ପରିବାର ଆଇପିଏଲକୁ ଏଣ୍ଟ୍ରି କରିଛନ୍ତି। ମିତଲ ପରିବାର ଆଇପିଏଲ ପ୍ରଥମ ସଂସ୍କରଣ ଚାମ୍ପିଅନ ରାଜସ୍ଥାନ ରୟାଲ୍ସର ବଡ ସେୟାର କିଣିଛନ୍ତି। ଏହି ଡିଲ ମୋଟ ୧.୬୫ ବିଲିୟନ ଡଲାର ଅର୍ଥାତ୍ ୧୫,୬୬୦ କୋଟି ଟଙ୍କାରେ ହୋଇଛି। ଲକ୍ଷ୍ମୀ ମିତଲ ପରିବାର ଟିମର ବର୍ତ୍ତମାର ପ୍ରମୋଟର ମନୋଜ ବଦଲେ ଓ ତାଙ୍କ ଗ୍ରୁପ ନିକଟରୁ ଅଧିକାର ଗ୍ରହଣ କରିଛନ୍ତି। ଏହି ଚୁକ୍ତି ବ୍ୟତୀତ ରାଜସ୍ଥାନ ରୟାଲ୍ସ ମାଲିକାନା ଢାଞ୍ଚାରେ ବଡ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିବ। ମିତଲ ପରିବାର ନିକଟରେ ଦଳର ୭୫ ଶତକଡା ଭାଗିଦାରୀ ରହିବ। ଅବଶିଷ୍ଟ ଭାଗିଦାରୀ ଛୋଟ ନିବେଶକଙ୍କ ହାତରେ ରହିବ। ରାଜସ୍ଥାନ ଚୁରୁ ଜିଲ୍ଲା ସାଦୁଲ ପୁର ତହସିଲରେ ଜନ୍ମିତ ଲକ୍ଷ୍ମୀନାରାୟଣ ମିତଲ ବିଶ୍ୱର ଷ୍ଟିଲ ଇଣ୍ଡଷ୍ଟ୍ରିର ଏକ ବଡ ନାମ। କିଛି ଦିନ ପୂର୍ବରୁ ସେ ବ୍ରିଟେନ ଛାଡିବେ ବୋଲି ଘୋଷଣା କରିଥିଲେ। ଫୋର୍ବସର ଧନି ତାଲିକାରେ ୭୫ ବର୍ଷ ବୟସ୍କ ଲକ୍ଷ୍ମୀ ମିତଲଙ୍କ ନେଟୱର୍କ ୨.୭୦ ଲକ୍ଷ କୋଟି ଟଙ୍କା। ସେ ଭାରତର ଶୀର୍ଷ ଧନୀକଙ୍କ ତାଲିକାରେ ଚତୁର୍ଥ ସ୍ଥାନରେ ଅଛନ୍ତି। ଆଇପିଏଲ ଟିମ କ୍ରୟ ପରେ ଲକ୍ଷ୍ମୀ ମିତଲ କହିଛନ୍ତି କ୍ରିକେଟ ମୋ ପସନ୍ଦର ଖେଳ। ମୋ ପରିବାର ରାଜସ୍ଥାନ ସହ ଜଡିତ। ତେଣୁ ଆଇପିଏଲରେ ମୋ ପାଇଁ ରାଜସ୍ଥାନ ରୟାଲ ଠାରୁ ଅନ୍ୟ କୌଣସି ଦଳ ଭଲ ହୋଇନପାରେ। କ୍ରିକେଟ ସହ ସମ୍ପର୍କ ସ୍କୁଲ ଦିନରୁ ଆରମ୍ଭ ହୋଇଥିଲା। ସେବେଠାରୁ ଏହି ଖେଳ ମୋ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଇଛି। ରାଜସ୍ଥାନ ରୟାଲ୍ସର ଜର୍ସି ଅନେକ ଖେଳାଳି ପିନ୍ଧିଛନ୍ତି। ଏଥିରେ ଭାରତ କ୍ରିକେଟର ଦିଗଜ ମଧ୍ୟ ମାନେ ଅଛନ୍ତି। ଏହି ଦଳର ଅଂଶ ହେବା ମୋ ପାଇଁ ଗୌରବର ବିଷୟ ବୋଲି ମିତଲ କହିଛନ୍ତି। ଆଗାମୀ ସମୟରେ ମୁଁ ଟିମ୍‌ର ସଫଳତାରେ ଭାଗି ହେବାକୁ ଓ ଷ୍ଟାଡିୟମ ଖେଳ ପଡିଆ କଡରେ ଛିଡା ହୋଇ ପ୍ରଶଂସକଙ୍କ ସହ ମିଶି ବିଜୟ ଉତ୍ସବ ପାଳନ ଲାଗି ବେଶ୍ ଉତ୍ସାହିତ ଅଛି।


## ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


## ◆ ବିଷ୍ଣୁଚରଣ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

# ପ୍ରଜ୍ଞାନ ଚାମ୍ପିଅନ, ୭ ଜଣଙ୍କୁ ଜାତୀୟ ଯୋଗ୍ୟତା



ଭୁବନେଶ୍ୱର, ୩।୫(ସବ୍ୟୁ) : ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲ ପରିସରରେ ବିଷ୍ଣୁଚରଣ ସେଠୀ ଓଡିଶା ରାଜ୍ୟ ୯ ବର୍ଷରୁ କମ୍ ଓପନ ଏବଂ ବାଳିକା ଚେସ୍ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ୩ ଦିନିଆ ଏହି ପ୍ରତିଯୋଗିତାକୁ ମାଷ୍ଟର ଚେସ୍ ଫାଉଣ୍ଡେସନ୍ ଏବଂ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଖୋର୍ଦ୍ଧା ପକ୍ଷରୁ ଅଲ ଓଡିଶା ଚେସ୍ ଆସୋସିଏସନ୍ ଏବଂ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗର ସମର୍ଥନରେ ଆୟୋଜନ କରିଛି। ଏହି ପ୍ରତିଯୋଗିତାରେ ୧୨ ଜିଲ୍ଲାରୁ ବହୁ ସଂଖ୍ୟାରେ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓପନ ବର୍ଗରେ ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର ୭.୫ ପଏଣ୍ଟ ସହ ଚାମ୍ପିଅନ ହୋଇଛନ୍ତି। ଖୋର୍ଦ୍ଧାର ଅନ୍ୟତମ ପ୍ରତିଯୋଗୀ ପ୍ରତ୍ୟୁଷ କୁମାର ରନର୍ସ ଅପ ହୋଇଥିବା ବେଳେ ସୁନ୍ଦରଗଡର ରିୟାନ୍ସ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳିକା ବର୍ଗରେ କଟକର ସ୍ନେହସ୍ମିତା ରାମ ଚାମ୍ପିଅନ, ଦେବାଂଶି ସାହୁ ରନର୍ସଅପ୍ ଓ ଏଲିନା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ମୋଟ ୪୪ ଟି ଆକର୍ଷଣୀୟ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି।

ଏହି ପ୍ରତିଯୋଗିତା ଜରିଆରେ ୫ ଜଣ ବାଳକ ଓ ୨ ଜଣ ବାଳିକା ଜାତୀୟ ଚାମ୍ପିଅନସିପ ନିମନ୍ତେ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଗାମୀ ଜୁଲାଇ ୫ ରୁ ୧୧ ତାରିଖ ପର୍ଯ୍ୟନ୍ତ ଝାଡଖଣ୍ଡରେ ୩୯ ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ ଆୟୋଜିତ ହେବ। ୫ ଜଣ ବାଳକଙ୍କ ମଧ୍ୟରେ ପ୍ରଜ୍ଞାନ ମିଶ୍ର, ପ୍ରତ୍ୟୁଷ କୁମାର, ପ୍ରିୟାଂଶ ଅଗ୍ରୱାଲ, ମ୍ରିୟଙ୍କ ଲେଙ୍କା, ଅର୍ପଣ ସାହୁ ତଥା ବାଳିକା ବର୍ଗରେ ସ୍ନେହସ୍ମିତା ରାମ ଓ ଦେବାଂଶି ସାହୁ ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏତଦ୍ ବ୍ୟତୀତ ଓଡିଶାକୁ ଓପନ ବର୍ଗରେ ଆଉ ତିନୋଟି ଏଣ୍ଟ୍ରି ସୁଯୋଗ ମିଳିଛି। ବିଗତ ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ପ୍ରତିଯୋଗୀଙ୍କୁ ସୁଯୋଗ ମିଳିବ।

ପୁରସ୍କାର ବିତରଣ ଉତ୍ସବରେ ଏଓସିଏର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଷ୍ଟର ଚେସ୍ ଫାଉଣ୍ଡେସନର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର କ୍ରୀଡା ନିର୍ଦ୍ଦେଶକ ଜ୍ୟୋତି ସଙ୍କର ନନ୍ଦ, ସମୟ ଖବର କାଗଜର କ୍ରୀଡା ସାମ୍ବାଦିକ ଶକ୍ତିପ୍ରକାଶ ନନ୍ଦ, ମୁଖ୍ୟ ଆରବିଟର ଆଇଏ ସନ୍ତୋଷ ମହାପାତ୍ର, ଯୋଗର ଅନ୍ତର୍ଜାତୀୟ ଜୁରୀ ନିଖିଲ କୁମାର ଦଳେଇ, ଚେସ୍ ଟର୍ଫ ଏକାଡେମୀର ନିର୍ଦ୍ଦେଶକ ସ୍ୱାଂଶୁ ସତ୍ୟକାନ୍ତ, ଏଓସିଏର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟ ଅତିଥି ଏସଆର ପଟ୍ଟନାୟକ ଚେସ୍ ସହ ଯୋଗର ସମ୍ପର୍କ ତଥା ଜୀବନରେ ଶୃଙ୍ଖଳା, ସଞ୍ଜମତା ଓ ଏକାଗ୍ରତା ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଏ ବୋଲି କହିଥିଲେ। କୁନି ପିଲାଙ୍କୁ ଚେସ୍‌ରେ କିପରି ଉଜ୍ଜ୍ୱଳ ଭବିଷ୍ୟତ ମିଳିପାରିବ ତାହାର ମାର୍ଗ ଦର୍ଶନ କରିଥିଲେ।


ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି